R.N.I. REGN. No. 65000/96
POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୪
ତିଥି: ଏକାଦଶୀ
୦୬ ଅକ୍ଟୋବର ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 04, 6 October 2026, Tuesday,
Sambalpur, Price: 5.00, Online Portal www.odishasamaya.com,
thesamayanews@gmail.com, www.samayalive.in

Bhubaneswar | Balasore | Angul | Berhampur | Sambalpur

# ଭାରତୀୟ କମ୍ପାନୀକୁ ରୁଷର ଟାର୍ଗେଟ

## ଡ୍ରୋନ ଆକ୍ରମଣରେ ଜଣେ ମୃତ, ଅନେକ ଆହତ



କିଭ,୫।୧୦: ୟୁକ୍ରେନର ସୁମୀରେ ଥିବା ଭାରତର କୁସୁମ୍ ଗ୍ରୁପର ଏକ ଔଷଧ କାରଖାନାକୁ ଟାର୍ଗେଟ୍ କରିଛି ରୁଷ। ଡ୍ରୋନ୍ ଆକ୍ରମଣରେ କାରଖାନାର ବ୍ୟାପକ କ୍ଷତି ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନେକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

କୁସୁମ ଗ୍ରୁପ୍ ୧୯୯୪ରେ ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ଏହା ଏକ ଔଷଧ ବିତରକ କମ୍ପାନୀ ଥିଲା। ଏହା ଭାରତରୁ ୟୁକ୍ରେନକୁ ଔଷଧ ରପ୍ତାନୀ କରୁଥିଲେ। ୨୦୦୨ରୁ ଏହା ଅନ୍ୟ କମ୍ପାନୀଗୁଡ଼ିକର ଔଷଧ ବିକ୍ରି କରିବା ବନ୍ଦ କରି ଦେଇଥିଲା ଓ ନିଜର ବ୍ରାଣ୍ଡ ତିଆରି କରିଥିଲା। ପରେ ଏହା ଔଷଧ ତିଆରି କ୍ଷେତ୍ରରେ ପ୍ରବେଶ କରିଥିଲା। ୨୦୦୭ରେ ଏହା ଭାରତରେ କାରଖାନା ଖୋଲିଥିଲା। ୨୦୦୯ରେ ଏହା ୟୁକ୍ରେନର ସୁମୀରେ ଔଷଧ ତିଆରି କାରଖାନା ପ୍ରତିଷ୍ଠା କରିଥିଲା। ଭାରତରେ କମ୍ପାନୀର ଆଉ ଦୁଇଟି କାରଖାନା ଅଛି। କୁସୁମ ଗ୍ରୁପ୍ ୫୦ରୁ ଅଧିକ ପ୍ରକାରର ଔଷଧ ପ୍ରସ୍ତୁତ କରୁଥିବା ବେଳେ ସେଗୁଡ଼ିକୁ ୯ଟି ଦେଶରେ ବିକ୍ରି କରିଥାଏ। କମ୍ପାନୀ ମୁଖ୍ୟତଃ ୟୁକ୍ରେନ୍, ଉଜବେକିସ୍ତାନ, କାଜାଖାସ୍ତାନ ଓ ଫିଲିପାଇନ୍ସରେ ଔଷଧ ବିକ୍ରି କରୁଛି। ରୁଷ-ୟୁକ୍ରେନ ଯୁଦ୍ଧ ଚାଲିଥିବା ସତ୍ତ୍ୱେ କଂପାନୀ ସୁମୀ ସ୍ଥିତ ପ୍ଲାଣ୍ଟ ଚାଲୁ ରଖିଛି। କିନ୍ତୁ (୯ ପୃଷ୍ଠାରେ)

## ଆଜି ନବୀକୃତ କଳିଙ୍ଗ ଷ୍ଟୁଡିଓର ଲୋକାର୍ପଣ

ଭୁବନେଶ୍ୱର,୫।୧୦,(ସବ୍ୟୁ): ୧୬୪ କୋଟି ଟଙ୍କାରେ ନବୀକରଣ ପରେ ନୂଆ ରୂପରେ ଫେରିଛି କଳିଙ୍ଗ ଷ୍ଟୁଡିଓ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଲୋକାର୍ପଣ କରିବେ। ଆଉ ସେ ପୁରୁଣା ରୂପରେ ନୁହେଁ, ସମ୍ପୂର୍ଣ୍ଣ ଅତ୍ୟାଧୁନିକ ରୂପ ନେଇ (୯ ପୃଷ୍ଠାରେ)

### ନୟାପଲ୍ଲୀ ଦୁଷ୍କର୍ମ ମାମଲା

## ଜେଲ୍‌ଗଲା ଅଭିଯୁକ୍ତ, ଆଉ ଦୁଇ ଗିରଫ

ଭୁବନେଶ୍ୱର,୫।୧୦,(ସବ୍ୟୁ): ନୟାପଲ୍ଲୀ ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଶ୍ରୀଧର ଓରଫ ସନ୍ତୋଷ ପଣ୍ଡା ସୁସ୍ଥ ହେବା ପରେ ଡାକ୍ତରୀ ମାଇନା କରାଯାଇ ତାକୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା । ଡିସଚାର୍ଜ ପରେ ପୋଲିସ ସିନ୍ ରିକ୍ରିଏସନ ପାଇଁ ଘଟଣାସ୍ଥଳକୁ ନେଇଥିଲା । କେମିତି ସେ ଘଟଣାସ୍ଥଳରେ କ'ଣ କ'ଣ କରିଥିଲା ତାହା ପୋଲିସକୁ ଦେଖାଇବା ପରେ କୋର୍ଟଚାଲାଣ କରାଗଲା । ଅଭିଯୁକ୍ତ ଶ୍ରୀଧର କ୍ୟାପିଟାଲ ଥାନା ଅଞ୍ଚଳରୁ ଚୋରି କରିଥିବା ବାଇକ୍‌କୁ କିଣିଥିବା ଦୁଇଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ।

ଗତ ବୁଧବାର ଦିନ ନୟାପଲ୍ଲୀ ଅଞ୍ଚଳରେ ଭଉଣୀ ସହ ଭଡାକୁ ରହୁଥିବା ଜଣେ ଯୁବତୀ ଘରେ ଏକୁଟିଆ ଥିଲେ । (୯ ପୃଷ୍ଠାରେ)

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)
PURPOSE TO PEARL 1997 - 2027

Congratulations
KIIT Student - Athletes
Making the Country Proud at the 20th Asian Games 2026

20th Asian Games
Aichi-Nagoya 2026
JAPAN

21 MEDALS
HIGHEST FROM ANY INDIAN UNIVERSITY

3 GOLD MEDALS | 7 SILVER MEDALS | 11 BRONZE MEDALS

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.

Odisha Film Development Corporation Limited

ODISHA NEW OPPORTUNITIES



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ପୁନର୍ବିକଶିତ ଓ ନବୀକୃତ
କଳିଙ୍ଗ ଷ୍ଟୁଡିଓ
କଂପ୍ଲେକ୍ସର ଲୋକାର୍ପଣ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର

୦୫ ଅକ୍ଟୋବର ୨୦୨୬ | ସନ୍ଧ୍ୟା ୫.୦୦ | କଳିଙ୍ଗ ଷ୍ଟୁଡିଓ, ଭୁବନେଶ୍ୱର

ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିଃ., ଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR: 14001/14110/2/26-27/0003   14001/163/2627

## ସୋସିଆଲ କୋଟ୍ସ



ମୁଁ ମୋ ବାପାଙ୍କୁ ଜୀବନରେ ଫ୍ୟାଶନ ପାଇଁ ବଞ୍ଚୁଥିବାର ଦେଖିଛି । ମୋତେ ଏତେ କଥା ଶିଖାଇଥିବାରୁ ବାପା ଆପଣଙ୍କୁ ଧନ୍ୟବାଦ । ଯାହା କିଛି ଫ୍ୟାଶନ ଶିଖିଛି ତାଙ୍କଠାରୁ ହିଁ ଶିଖିଛି ।

ହୃତିକ୍ ରୋଶନ, ଅଭିନେତା



ମୋର ଏବେ ବି ମନେ ଅଛି ଲୋକମାନେ ଯେତେବେଳେ ତାଙ୍କ ଚଏସ୍‌କୁ ନେଇ ସନ୍ଦେହ ପ୍ରକାଶ କରିଥିଲେ । ହେଲେ ଶାହରୁଖଙ୍କ ଷ୍ଟ୍ରଗଲ୍ ସମସ୍ତ ଆର୍ଟିଷ୍ଟଙ୍କ ପାଇଁ ମାଷ୍ଟରକ୍ଲାସ୍ ଯେଉଁମାନେ ଏକ ଲଙ୍ଗ୍ କ୍ୟାରିୟରକୁ ଉପଭୋଗ କରିବାକୁ ଚାହୁଁଛନ୍ତି ।

କଙ୍ଗନା ରାଣାୱତ୍, ଅଭିନେତ୍ରୀ



ମୋର ଓ କମଲ ହସନଙ୍କର ବିବାହ ବିଚ୍ଛେଦକୁ ଅନେକ ବର୍ଷ ପୁରିଲାଣି । କେତେବେଳେ ବି ଏ ନେଇ ମୁଁ ସର୍ବସାଧାରଣରେ କଥା ହୁଏ ନାହିଁ, କାରଣ ଏହା ମୋର ପର୍ସନାଲ ମ୍ୟାଟର ।

ବାଣି ଗଣପଥ୍ୟ, କମଲହସଙ୍କ ପୂର୍ବପତ୍ନୀ

## ପେଙ୍ଗୁଇନକୁ ମେଜର ଜେନେରାଲ ପଦବୀ



ନରୱେର ଏକ ପେଙ୍ଗୁଇନ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ନରୱେର କିଙ୍ଗସ୍ ଗାର୍ଡ ବ୍ୟାଣ୍ଡ ଏବଂ ଡ୍ରିଲ୍ ଟିମ୍ ଏଡିନ୍‌ବର୍ଗ ଚିଡ଼ିଆଖାନା ଗସ୍ତ କରି ସେଠାରେ ରହୁଥିବା ପେଙ୍ଗୁଇନ୍ 'ସର ନିଲ୍ସ ଓଲାଭ'କୁ ମେଜର ଜେନେରାଲ ପଦବୀ ଏବଂ 'ବାରନ୍ ଅଫ୍ ଦି ବୋଭେଟ୍ ଆଇଲ୍ୟାଣ୍ଡସ୍' ଉପାଧିରେ ସମ୍ମାନିତ କରିଛନ୍ତି । ଯିଏକି ପୂର୍ବରୁ ବ୍ରିଗେଡିୟର ପଦବୀରେ ଅଧିଷ୍ଠିତ ଥିଲା । ଏଡିନ୍‌ବର୍ଗ ଚିଡ଼ିଆଖାନାର ପେଙ୍ଗୁଇନ୍ ରକ୍‌ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ନରୱେ କିଙ୍ଗସ୍ ଗାର୍ଡର ୧୬୦ରୁ ଅଧିକ ସୈନିକ ସାମିଲ ହୋଇ ସର ନିଲ୍ସଙ୍କୁ ସାଲ୍ୟୁଟ୍ କରିବା ସହ , ନୂତନ ପଦବୀର ବ୍ୟାଜ୍ ପିନ୍ଧାଇଥିଲେ । ୧୯୭୨ ମସିହାରେ ଏଡିନ୍‌ବର୍ଗ ଚିଡ଼ିଆଖାନା ଦ୍ୱାରା ପୋଷ୍ୟ ଗ୍ରହଣ କରାଯାଇଥିବା ଏହି ପେଙ୍ଗୁଇନ୍‌ଙ୍କୁ ମେଜର ନିଲ୍ସ ଏଗେଲିଏନ୍ ଏବଂ ନରୱେର ତତ୍କାଳୀନ ରାଜା ଓଲାଭଙ୍କ ନାମାନୁସାରେ ନାମିତ କରାଯାଇଥିଲା । ସେବେଠାରୁ ନରୱେ କିଙ୍ଗସ୍ ଗାର୍ଡର ସୈନିକମାନେ ନିୟମିତ ଭାବେ ତାଙ୍କୁ ସାକ୍ଷାତ କରିବା ସହ ମାଛ ଏବଂ କ୍ରିସମାସ୍ କାର୍ଡ ପଠାଇଥାନ୍ତି। ୧୯୮୨ରେ କର୍ପୋରାଲ ଭାବେ ନିଜର ପ୍ରଥମ ପଦବୀ ପାଇଥିବା ସର ନିଲ୍ସ ୧୯୮୭ରେ ସାର୍ଜେଣ୍ଟ, ୧୯୯୩ରେ ରେଜିମେଣ୍ଟାଲ ସାର୍ଜେଣ୍ଟ ମେଜର, ୨୦୦୧ରେ ଅନରେରୀ ରେଜିମେଣ୍ଟାଲ ସାର୍ଜେଣ୍ଟ ମେଜର, ୨୦୦୫ରେ କଲୋନେଲ-ଇନ୍-ଚିଫ୍, ୨୦୦୮ ରେ ନାଇଟ୍‌ହୁଡ୍, ୨୦୧୬ରେ ବ୍ରିଗେଡିୟର ଏବଂ ବର୍ତ୍ତମାନ ମେଜର ଜେନେରାଲ ପଦବୀ ପାଇଁ ମନୋନୀତ ହୋଇ ଆଜି ପର୍ଯ୍ୟନ୍ତ ମୋଟ ୮ଟି ସମ୍ମାନଜନକ ପଦବୀ ହାସଲ କରିସାରିଛନ୍ତି ।

## ୭୫ କିଲୋର କୁକୁର

ରାଜନେତାଙ୍କ ବଦଳରେ ଦିଲ୍ଲୀର ସବୁଠାରୁ ମୋଟା କୁକୁର ଚୟନ କରିବା ପାଇଁ ଆୟୋଜିତ 'ଫ୍ୟାଟ୍ ଡଗ୍ସ ଅଫ୍ ଦିଲ୍ଲୀ' ପ୍ରତିଯୋଗିତାରେ ହାଉଜ୍ ଖାସର 'ଗୋଲା' ନାମ୍ନୀ ଏକ ମାଇ କୁକୁର ୬୬,୦୦୦ରୁ ଅଧିକ ଭୋଟ୍ ପାଇ ବିଜୟୀ ହୋଇଛ । ତେବେ ୭୫ କିଲୋଗ୍ରାମ ଓଜନର କୁକୁର ଗୋଲା ପ୍ରତିଯୋଗିତା ଚାଲିଥିବା ସମୟରେ ହିଁ ମୃତ୍ୟୁବରଣ କରିବାଭଳି ଦୁଃଖଦାୟକ ଘଟଣା ସାମନାକୁ ଆସିଛି । ଦିଲ୍ଲୀସାରାରୁ ୬୪ଟି ମୋଟା କୁକୁରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ସମର୍ଥକମାନେ ସୋସିଆଲ ମିଡିଆରେ ରିଲ୍ସ, ମିମ୍ସ ଓ ପୋଷ୍ଟର ମାଧ୍ୟମରେ ଜୋରଦାର ପ୍ରଚାର କରିଥିଲେ । ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ଗୋଲା ଏବଂ ସାକେତର 'ଗୁଗୁ' (ଯିଏ ୩୯,୦୦୦ରୁ ଅଧିକ ଭୋଟ୍ ପାଇଥିଲା) ମଧ୍ୟରେ କଡ଼ା ମୁକାବିଲା ହୋଇଥିଲ । ଏହି ନିର୍ବାଚନ ପାଇଁ ଦିଲ୍ଲୀର ବିଭିନ୍ନ କାଫେରେ ପୋଲିଂ ବୁଥ୍ କରାଯାଇଥିଲା । ପ୍ରତିଯୋଗିତା ଶେଷରେ ଆୟୋଜକମାନେ ସମସ୍ତ ଅଂଶଗ୍ରହଣକାରୀ କୁକୁରଙ୍କୁ ସିରାମିକ୍ ବାସନ, ଏକ ପ୍ରାଣୀ ଆଶ୍ରୟସ୍ଥଳୀକୁ ୫୦,୦୦୦ ଟଙ୍କାର ଦାନ ଏବଂ କୁକୁର ଖାଦ୍ୟ ଓ ସାମଗ୍ରୀ ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି ।



## ତରଳୁଛି ସ୍ୱିଜରଲାଣ୍ଡର ଆଲ୍ପାଇନ ବରଫନଦୀ

ୟୁରୋପରେ କ୍ରମାଗତଭାବେ ବୃଦ୍ଧି ପାଉଥିବା ଭୟଙ୍କର ଗ୍ରୀଷ୍ମପ୍ରବାହ କାରଣରୁ ସ୍ୱିଜରଲ୍ୟାଣ୍ଡର ଆଲ୍ପାଇନ୍ ଗ୍ଲେସିଅର୍ ଗୁଡ଼ିକ ଦ୍ରୁତ ଗତିରେ ତରଳିବାରେ ଲାଗିଛନ୍ତି । ଯାହାଫଳରେ ଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ଦେଶ ନିଜର ପ୍ରାୟ ଏକ-ପଞ୍ଚମାଂଶ ବରଫ ହରାଇସାରିଛି। 'ଗ୍ଲେସିଅର୍ ମନିଟରିଂ ଇନ୍ ସ୍ୱିଜରଲ୍ୟାଣ୍ଡ'ର ଗବେଷଣା ଅନୁଯାୟୀ, ୨୦୨୬ ମସିହାର ପ୍ରଥମ ଆଠ ମାସ ମଧ୍ୟରେ କେତେକ ଗ୍ଲେସିଅର୍‌ର ଅଗ୍ରଭାଗ ପ୍ରାୟ ୧୦ ମିଟର (୩୩ ଫୁଟ୍) ପର୍ଯ୍ୟନ୍ତ ବରଫ ହରାଇ ୨୦୨୨ର ସର୍ବକାଳୀନ ରେକର୍ଡକୁ ଭାଙ୍ଗିଛି । ବିଶ୍ୱର ହାରାହାରି ତାପମାତ୍ରା ତୁଳନାରେ ୟୁରୋପ ଦୁଇଗୁଣ ଦ୍ରୁତ ଗତିରେ ଉତ୍ତପ୍ତ ହେଉଥିବାବେଳେ ଶୀତଦିନେ କମ୍ ବରଫପାତ ଏବଂ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ସର୍ବାଧିକ ଗ୍ରୀଷ୍ମ ଓ ଶୁଷ୍କ ପରିବେଶ ଏହି ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଛି । ଗ୍ଲେସିଅର୍‌ଗୁଡ଼ିକ କେବଳ ବରଫର ପାହାଡ଼ ନୁହଁନ୍ତି, ବରଂ ବିଶ୍ୱପାଇଁ ଜଳଭଣ୍ଡାର ଭାବେ କାର୍ଯ୍ୟ କରିଥାନ୍ତି । ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ସ୍ୱିଜରଲ୍ୟାଣ୍ଡରେ ୨.୨ ଟ୍ରିଲିୟନ୍ ଲିଟର ବରଫଜଳ ନଷ୍ଟ ହୋଇଛି। ଯାହା ଦେଶର ବାର୍ଷିକ ଜଳ ବ୍ୟବହାରଠାରୁ ଚାରିଗୁଣ ଅଧିକ । ସ୍ୱିଜରଲ୍ୟାଣ୍ଡରୁ ରାଇନ୍, ରୋନ୍, ଦାନୁବ୍ ଓ ପୋ ଭଳି ୟୁରୋପର ମୁଖ୍ୟ ନଦୀଗୁଡ଼ିକ ବାହାରିଥିବାରୁ ଏହି କ୍ଷୟ ସମଗ୍ର ମହାଦେଶର ଜଳବିଦ୍ୟୁତ୍, କୃଷି ଏବଂ ଜଳ ସଙ୍କଟକୁ ବଢ଼ାଇବା ସହ ଭୂସ୍ଖଳନ ଓ ବନ୍ୟାର ବିପଦ ସୃଷ୍ଟି କରିଛି । ଏହି ସମସ୍ୟା କେବଳ ଆଲ୍ପସ ମଧ୍ୟରେ ସୀମିତ ନୁହେଁ, ବରଂ ହିମାଳୟ, ଗ୍ରୀନଲ୍ୟାଣ୍ଡ ଓ ଆଣ୍ଟାର୍କଟିକାରେ ମଧ୍ୟ ବରଫ କ୍ଷୟ ଦ୍ରୁତତର ହେବାରେ ଲାଗିଛି । ଯଦିଓ ସିଓ୨ ନିର୍ଗମନ କମାଇ ଜଳବାୟୁକୁ ସ୍ଥିର କରିବା ଜରୁରୀ, ତଥାପି ଆଲ୍ପସ ଗ୍ଲେସିଅର୍‌ଗୁଡ଼ିକୁ ବଞ୍ଚାଇବା ପାଇଁ ଅନେକ ବିଳମ୍ବ ହୋଇସାରିଛି ବୋଲି ପ୍ରମୁଖ ଗ୍ଲେସିଓଲୋଜିଷ୍ଟ ମାଥିଆସ୍ ହସ୍ ଚେତାବନୀ ଦେଇଛନ୍ତି ।




## ଇତିହାସ

୧୭୯୬- ଇଂଲଣ୍ଡ ବିରୋଧରେ ସ୍ପେନ୍‌ର ଯୁଦ୍ଧ ଘୋଷଣା ।

୧୮୦୫- ଭାରତରେ ବ୍ରିଟିଶ ସାମ୍ରାଜ୍ୟର ଦ୍ୱିତୀୟ ଗଭର୍ଣ୍ଣର ଜେନେରାଲ୍ ତଥା କମାଣ୍ଡର ଇନ୍ ଚିଫ୍ ଲର୍ଡ କାର୍ଣ୍ଣୱାଲିସ୍‌ଙ୍କ ଗାଜିପୁରରେ ଦେହାନ୍ତ ।

୧୮୬୪- କଲିକତା ବାତ୍ୟାରେ ପ୍ରାୟ ୫୦ ହଜାର ଲୋକଙ୍କ ମୃତ୍ୟୁ ।

୧୯୮୮- ବ୍ରାଜିଲ୍‌ର ସାମ୍ବିଧାନିକ ସଭା ପକ୍ଷରୁ ସମ୍ବିଧାନକୁ ମଞ୍ଜୁରୀ ।

୧୯୮୯- ନ୍ୟାୟାଧିଶ ମୀରା ସାହିବ ଫାତିମା ବିବି ସୁପ୍ରିମକୋର୍ଟର ପ୍ରଥମ ମହିଳା ଜଜ୍ ହେଲେ ।

୧୯୯୭- ଭାରତୀୟ ଟେନିସ ଖେଳାଳି ଲିଏଣ୍ଡର୍ ପେସ୍ ତଥା ମହେଶ ଭୂପତି ଚାଇନା ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ଟାଇଟେଲ୍ ଜିତିଲେ ।

୨୦୧୧- ଆପଲ୍‌ର ପୂର୍ବତନ ସିଇଓ ତଥା ସହସଂସ୍ଥାପକ ଷ୍ଟିଭ୍ ଜବ୍ସଙ୍କ ଦେହାନ୍ତ

୨୦୧୧- ଭାରତରେ ବିଶ୍ୱର ସବୁଠୁ ଶସ୍ତା ୨୨୫୦ ଟଙ୍କିଆ ଟାବଲେଟ୍ ପିସି ଆକାଶକୁ ଲଞ୍ଚ୍ କରାଗଲା ।

## ୧୧ଫୁଟ ଲମ୍ବ ଡାଇନୋସରର ଜୀବାଶ୍ମ ଠାବ

ପଶ୍ଚିମ ଚୀନରେ ପ୍ରାୟ ୧୨୫ ନିୟୁତ ବର୍ଷ ପୁରୁଣା 'କାୟରାସୋରସ୍ ଚାଙ୍ଗଲିଏନ୍‌ସିସ୍' ନାମକ ଏକ ନୂତନ ଡାଇନୋସର ପ୍ରଜାତିର ସନ୍ଧାନ ମିଳିଛି । ଯାହା ନିଜର ବିଶାଳ ନଖ ଓ ଅଦ୍ଭୁତ ଶାରୀରିକ ଗଠନ ପାଇଁ ଚର୍ଚ୍ଚାର ବିଷୟ ପାଲଟିଛି । 'ଜର୍ଣ୍ଣାଲ୍ ଅଫ୍ ସିଷ୍ଟମାଟିକ୍ ପାଲେଓଣ୍ଟୋଲୋଜି'ରେ ପ୍ରକାଶିତ ଏହି ଗବେଷଣା ଅନୁଯାୟୀ, ଗୋଡ଼ର ପଛ ଭାଗକୁ ଛାଡ଼ି ଏକ ପ୍ରାୟ ସମ୍ପୂର୍ଣ୍ଣ କଙ୍କାଳ ଜବତ କରାଯାଇଛି । ଏହା ଆଜିର ସମୟରେ ଏକ ଭାଲୁ ଭଳି ଦିଶୁଥିବା ଏକ ପ୍ରକାର 'ଥେରିଜିନୋସୋରସ୍' ପ୍ରଜାତିର ଥିଲାବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏହି ଡାଇନୋସରର ତିନୋଟି ଆଙ୍ଗୁଠିରେ ଶକ୍ତ ବଙ୍କା ନଖ, କ୍ଷୁଦ୍ର ଓ ଘଞ୍ଚ ଦାନ୍ତ ଏବଂ ଶକ୍ତ କାମୁଡ଼ିବା କ୍ଷମତା ସହ ପ୍ରାୟ ୧୧.୮ ଫୁଟ୍‌ର ଲମ୍ବ ରହିଥିଲା । ଚୀନର ବିଶିଷ୍ଟ 'ଯିକ୍ସିଆନ୍ ଫର୍ମେସନ୍'ରୁ ମିଳିଥିବା ଏହି ଜୀବାଶ୍ମକୁ ତୁର୍କୀ ଦେବତା 'କାୟରା' ଏବଂ ଐତିହାସିକ ସ୍ଥାନ 'ଚାଙ୍ଗଲି'ର ନାମାନୁସାରେ ନାମିତ କରାଯାଇଛି । ଯାହା ପୂର୍ବରୁ ସବୁଠାରୁ ବଡ଼ ଥିବା 'ବେଇପିଆଓସୋରସ୍' (୭ ଫୁଟ୍) ଠାରୁ ପ୍ରାୟ ଦୁଇଗୁଣା ବଡ଼ ଅଟେ ।



## ଦୀପିକାଙ୍କ କମବ୍ୟାକ୍

ଟେଲିଭିଜନ ଷ୍ଟାର ତଥା ସସୁରାଲ ସିମର କା ଫେମ ଦୀପିକା କକର ସୋସିଆଲ ମିଡିଆରେ ଖୁବ ଆକ୍ଟିଭ ରହିଥାଆନ୍ତି । ନିଜ ଜୀବନର ଛୋଟବଡ କଥା ସେ ଫ୍ୟାନଙ୍କ ସହିତ ସୋସିଆଲ ମିଡିଆରେ ସେୟାର କରି ଥାଆନ୍ତି। ତେବେ ମାଆ ହେବାପରେ ଏବଂ ସ୍ୱାସ୍ଥ୍ୟ ଖରାପ କାରଣରୁ ଅନେକ ଦିନ ହେବ ଦୀପିକା ପରଦାରୁ ଦୂରରେ ଅଛନ୍ତି। କିନ୍ତୁ ଖୁବ ଜଲଦି ଦୀପିକାଙ୍କୁ ଏକ ମ୍ୟୁଜିକ ଭିଡିଓରେ ଦେଖିବାକୁ ମିଳିବ। ଯେଉଁଥିରେ ଦୀପିକା କମବ୍ୟାକ କରୁଥିବାନେଇ ସୂଚନା ରହିଛି। ଏହି ଭିଡିଓରେ ସେ ନିଜ ସ୍ୱାମୀ ସୋଏବଙ୍କ ସହିତ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି । ସେହିଭଳି ନିକଟରେ ଦୀପିକାଙ୍କର ବଢିଥିବା ଓଜନ ନେଇ ସୋସିଆଲ ମିଡିଆରେ ଟ୍ରୋଲିଂର ଶିକାର ହୋଇଥିଲେ ଅଭିନେତ୍ରୀ । ହେଲେ ବର୍ତ୍ତମାନ ଦୀପିକାଙ୍କୁ ତାଙ୍କର ପୁରୁଣା ସ୍ଲିମ ଲୁକରେ ବି ଦେଖିବାକୁ ମିଳୁଛି । ତେବେ ଦୀପିକାଙ୍କ କମବ୍ୟାକ ତାଙ୍କ ଫ୍ୟାନଙ୍କୁ ଖୁବ ଖୁସି ଦେଇଛି । ନିଜ ପ୍ରିୟ ଅଭିନେତ୍ରୀଙ୍କୁ ପୁଣିଥରେ ପରଦାରେ ଦେଖିବାକୁ ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି ।





**ମେଷ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଅସହଯୋଗ, ଶାରୀରିକ ସୁସ୍ଥ, ଅର୍ଥ ସମସ୍ୟା, ଅଯଥା କଳହ, ଶତ୍ରୁ ସମସ୍ୟା, ଦ୍ରବ୍ୟ ଲାଭ, ବନ୍ଧୁ ସାହାଯ୍ୟ, ଦାମ୍ପତ୍ୟ ସୁଖ, ସମ୍ପତ୍ତି ବିବାଦ, ଦୂର ଯାତ୍ରା । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- କୁବେର ଭଗବାନ ।

**ବୃଷ:** ମାନସିକ ଶାନ୍ତି, ଯାତ୍ରାରେ ସତର୍କ, ପାରିବାରିକ ସମସ୍ୟା, ଶୁଭ ଆଲୋଚନା, ବ୍ୟବସାୟରେ ସଫଳ, ପ୍ରୀତି ବୃଦ୍ଧି, ବନ୍ଧୁ ସାହାଯ୍ୟ, ଶାରୀରିକ କଷ୍ଟ, ଅଯଥା ବିବାଦ, ଶତ୍ରୁ ସମସ୍ୟା, ବନ୍ଧୁଗୃହେ ଯାତ୍ରା । କୃତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୬, ଆରାଧନା- ମା' ଭଗବତୀ ।

**ମିଥୁନ:** ସମ୍ପର୍କରେ ଉନ୍ନତି, ମାନସିକ ଶାନ୍ତି, ଶାରୀରିକ ସୁସ୍ଥ, ଗୃହେ ସହଯୋଗ, ଦାମ୍ପତ୍ୟ ସୁଖ, ସନ୍ତାନ ସୁଖ, ବ୍ୟବସାୟିକ ଲାଭ, ସମ୍ପତ୍ତି ଲାଭ, ଅଳ୍ପ ବିରୋଧ, ସ୍ୱଜନ ବିବାଦ, ଶୁଭ ଆଲୋଚନା । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ସୁସମ୍ବାଦ, ନୂତନ କର୍ମ ଆରମ୍ଭ, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ବିଦେଶ ଭ୍ରମଣ, ଦେବଦର୍ଶନ, ଅର୍ଥ ଲାଭ, ସନ୍ତାନ ଖୁସି, ଶାରୀରିକ ସୁସ୍ଥ, ଗୃହେ ସହଯୋଗ, ପୁରାତନ ବନ୍ଧୁଲାଭ, କର୍ମକ୍ଷେତ୍ରରେ ସମ୍ମାନ, ବିଦ୍ୟାରେ ସଫଳତା । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**ସିଂହ:** ଋଣଭାର ବୃଦ୍ଧି, କିଛି କାର୍ଯ୍ୟରେ ସମସ୍ୟା, ସନ୍ତାନ ସମସ୍ୟା, ବ୍ୟବସାୟରେ ଶତ୍ରୁତା, ଶାରୀରିକ କଷ୍ଟ, ମାନସିକ ଅବସାଦ, ନୂତନ କର୍ମ ପ୍ରତି ଆଗ୍ରହ, ବନ୍ଧୁଲାଭ, ସମ୍ପତ୍ତି ସମସ୍ୟା, ବିଦ୍ୟାରେ ସଫଳତା । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମାଟିଆ, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ ।

**କନ୍ୟା:** କାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଉତ୍ସବ, ଶୁଭ ଖବର, ସମ୍ମାନ ଲାଭ, ଦୂର ଯାତ୍ରା ସଫଳ, ସନ୍ତାନ ସମସ୍ୟା, ପାରିବାରିକ ବିରୋଧ, ଦେବ ଦର୍ଶନ, ସ୍ୱାଦିଷ୍ଟ ଭୋଜନ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ । ଉତ୍ତରଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା- ମା' କୋଟିଲେଇ ।

**ତୁଳା:** ଶୁଭ ଖବର, ନୂତନ କର୍ମଲାଭ, ବ୍ୟବସାୟରେ ଉନ୍ନତି, ମାନସିକ ଶାନ୍ତି, ଅଯଥା କଳହ, ବନ୍ଧୁ ଲାଭ, ସନ୍ତାନ ଖୁସି, ଅତିଥି ଚର୍ଚ୍ଚା, ସୁମିଷ୍ଟ ଭୋଜନ, ଶାରୀରିକ ସୁସ୍ଥ, ସମ୍ପତ୍ତି ଲାଭ, ଅର୍ଥ ସମସ୍ୟା ଦୂର । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ବିଛା:** ସମ୍ପତ୍ତି ବିବାଦ, ଶତ୍ରୁ ସମସ୍ୟା, ପାରିବାରିକ ସହଯୋଗ, କର୍ମକ୍ଷେତ୍ରରେ ସଫଳ, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ସୁଖ, ବନ୍ଧୁ ସହଯୋଗ, ବ୍ୟବସାୟିକ କଷ୍ଟ, ଶୁଭ କାର୍ଯ୍ୟରେ ଧନ ବ୍ୟୟ, ଲୋକସମ୍ପର୍କ ବୃଦ୍ଧି । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ସଫଳତା, କର୍ମକ୍ଷେତ୍ରରେ ପ୍ରଶଂସା, ସମ୍ମାନ ଲାଭ, ଅର୍ଥ ଲାଭ, ମାନସିକ ଶାନ୍ତି, ଭୂସମ୍ପତ୍ତି ଲାଭ, ଉତ୍ସବ ସଫଳ, ଦୂର ଯାତ୍ରା, ଶତ୍ରୁ ପରାଜିତ, ମାମଲା ସମାଧାନ, ପଡୋଶୀ କଳହ, ଦାମ୍ପତ୍ୟ ଖୁସି, ସନ୍ତାନ ଲାଭ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ରାଧାକୃଷ୍ଣ ।

**ମକର:** ଅପମାନ ଯୋଗ, ଅର୍ଥ ସମସ୍ୟା, ଶାରୀରିକ କଷ୍ଟ, ବନ୍ଧୁ ସାହାଯ୍ୟ, ଅଯଥା ବିବାଦ, ଶୁଭ ଆଲୋଚନା, ସନ୍ତାନ ଖୁସି, ବିଦେଶ ଯାତ୍ରା, ଦେବଦର୍ଶନ, ବ୍ୟବସାୟିକ କଷ୍ଟ, ପୁରାତନ ବନ୍ଧୁ ଦର୍ଶନ, ଦାମ୍ପତ୍ୟ ଖୁସି । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୭, ଆରାଧନା- ମା' ଗୌରୀ ।

**କୁମ୍ଭ:** କୁସି ଖବର, ଧନ ଲାଭ, ଯାତ୍ରାସ ଫଳ, ବ୍ୟବସାୟରେ ଉନ୍ନତି, ଭୂସମ୍ପତ୍ତି ଲାଭ, ବନ୍ଧୁ ଦର୍ଶନ, ଶତ୍ରୁ ସମସ୍ୟା, ଦେବକାର୍ଯ୍ୟରେ ତତ୍ପର, ପାରିବାରିକ ସହଯୋଗ, ଖୁସି ଖବର । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧୦, ଆରାଧନା- ମା' ଦକ୍ଷିଣକାଳୀ ।

**ମୀନ:** କାର୍ଯ୍ୟରେ ସଫଳ, ବନ୍ଧୁ ଲାଭ, ନୂତନ କର୍ମନିଯୁକ୍ତି, ଅର୍ଥ ଲାଭ, ଦୂର ଯାତ୍ରା ସଫଳ, ବିବାଦ ସମାଧାନ, ସନ୍ତାନ ଲାଭ, ଦେବଦର୍ଶନ, ପ୍ରତି କାର୍ଯ୍ୟରେ ସଫଳ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ଆଶ୍ୱିନ କୃଷ୍ଣ ପକ୍ଷ ଦଶମୀ**
**୫.୧୦.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଭୁବନେଶ୍ୱରରେ 'ଜୀବନ ଜିନ୍ଦାବାଦ-୨.୦'ର ଶୁଭାରମ୍ଭ

## ନିଶାକୁ ନାଁ, ଜୀବନକୁ ହଁ, ଜୀବନ ଜୀଇଁବାର ପ୍ରକୃତ ଶିକ୍ଷା ନିଅନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ରେଳ ଅଡିଟୋରିଅମଠାରେ କମିଶନରେଟ୍ ପୋଲିସ, ଆୟୋଜନ କରିଥିବା ଜନସଚେତନତା କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ- ୨.୦' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରୁ ନିଶାକୁ ମୂଳପୋଛ କରିବା ପାଇଁ ଦୃଢ଼ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୋଲିସର 'ନିଶାମୁକ୍ତ ଭାରତ' ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ୱେବସାଇଟ୍‌ର ଶୁଭାରମ୍ଭ କରିଥିଲେ। ନିଶା କେବଳ ବ୍ୟକ୍ତିଗତ ଜୀବନକୁ ନୁହେଁ, ବରଂ ସମଗ୍ର ପରିବାର ଓ ସମାଜକୁ ବରବାଦ କରିଦେଉଛି ବୋଲି ମତପ୍ରକାଶ କରି ମୁଖ୍ୟମନ୍ତ୍ରୀ ରାଜ୍ୟସରକାରଙ୍କ ପକ୍ଷରୁ ନିଶା ବିରୁଦ୍ଧରେ 'ଜିରୋ ଟଲରେନ୍ସ' ନୀତି ଜାରି ରହିଥିବା ସ୍ପଷ୍ଟ କରିଛନ୍ତି। ମାନବ ଜୀବନକୁ ଇଶ୍ୱରଙ୍କ ଏକ ଅମୂଲ୍ୟ ବରଦାନ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜୀବନରେ ଯେତେ ବାଧାବିଘ୍ନ ଓ ବିଫଳତା ଆସିଲେ ମଧ୍ୟ ସେଗୁଡ଼ିକୁ ସାମ୍ନା କରି ଆଗକୁ ବଢ଼ିବା ହେଉଛି ପ୍ରକୃତ ଜୀବନ। ଗତବର୍ଷ ଆରମ୍ଭ ହୋଇଥିବା 'ଜୀବନ ଜିନ୍ଦାବାଦ' ଅଭିଯାନ ଆତ୍ମହତ୍ୟା ପ୍ରବୃତ୍ତିକୁ ରୋକିବାରେ ବଡ଼ ସଫଳତା ଦେଇଥିବାବେଳେ, ବର୍ତ୍ତମାନର 'ଜୀବନ ଜିନ୍ଦାବାଦ ୨.୦' ଯୁବବର୍ଗଙ୍କୁ ନିଶାରୁ ଦୂରେଇ ରଖି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାର ଏକ ବ୍ୟାପକ ପ୍ରୟାସ ବୋଲି ସେ ମତବ୍ୟକ୍ତ କରିଛନ୍ତି।



ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ 'ଜୀବନ ଜିନ୍ଦାବାଦ', 'ନିଶାମୁକ୍ତ ଯୁବସମାଜ ବିକଶିତ ଭାରତ' ଏବଂ ସଚେତନମୂଳକ ନାଟକ 'ଭୂତ ମଣିଷର ନିଶାକୁ ନା' ମଞ୍ଚସ୍ଥ ହୋଇଥିଲା। ଏହି ସମସ୍ତ ନାଟକ ଓ ନୃତ୍ୟ ପ୍ରଦର୍ଶନଗୁଡ଼ିକର ଭୂୟସୀ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ନାଟକଗୁଡ଼ିକରୁ ପ୍ରତ୍ୟେକେ ଜୀବନ ଜିଇଁବାର ପ୍ରକୃତ ଶିକ୍ଷା ନେବା ଉଚିତ। ସାମ୍ପ୍ରତିକ ପରିସ୍ଥିତିରେ ଅଧିକାଂଶ ଜଘନ୍ୟ ଅପରାଧ ଓ ମହିଳା ହିଂସା ପଛରେ ନିଶା ସେବନ ମୁଖ୍ୟ କାରଣ ପାଲଟିଥିବା ନେଇ ଗଭୀର ଚିନ୍ତା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶରେ ପ୍ରତିବର୍ଷ କେବଳ ମଦ୍ୟପାନ କାରଣରୁ ପ୍ରାୟ ୨ ଲକ୍ଷ ୬୦ ହଜାରରୁ ୨ ଲକ୍ଷ ୮୦ ହଜାର ବ୍ୟକ୍ତିଙ୍କ ମୃତ୍ୟୁ ହେଉଛି। ମଦ୍ୟପାନ କରି ଗାଡ଼ି ଚଳାଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତାଲିକାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ ସ୍ୱୀକାର କରିଛନ୍ତି। କେବଳ ମଦ ନୁହେଁ, ଗଞ୍ଜେଇ, ଅଫିମ, କୋକେନ, ହେରୋଇନ, ବ୍ରାଉନ ସୁଗାର ଓ ସିନ୍ଥେଟିକ୍ ଡ୍ରଗ୍ସ ଭଳି ହାଇ-ରିସ୍କ ଡ୍ରଗ୍ସ ବିରୁଦ୍ଧରେ ରାଜ୍ୟର ପୋଲିସ ଓ ଅବକାରୀ ପ୍ରଶାସନ ଆହୁରି ଅଧିକ କଠୋର ପ୍ରୋ-ଆକ୍ଟିଭ ପଦକ୍ଷେପ ନେବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଗ୍ରହଣ କରାଯାଇଥିବା ବିଭିନ୍ନ ଦୃଢ଼ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଜଣାଇଲେ ଯେ ଗତ ଏପ୍ରିଲ ପହିଲାରୁ ନୂତନ ଅବକାରୀ ନୀତି ଅନୁସାରେ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ମଦ ଦୋକାନ ଖୋଲାଯିବ ନାହିଁ। ଏହାସହ ଚୋରା ଓ ବିଷାକ୍ତ ମଦ କାରବାର ପାଇଁ ସ୍ଥାନୀୟ ପ୍ରଶାସନକୁ ଉତ୍ତରଦାୟୀ କରାଯାଇଛି। ତମାଖୁ ଓ ନିକୋଟିନ୍ ଯୁକ୍ତ ପାନ ମସଲା ଏବଂ ଗୁଟ୍‌କା ଉତ୍ପାଦନ ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସାଙ୍ଗକୁ ସ୍କୁଲ ଓ କଲେଜ କ୍ୟାମ୍ପସକୁ 'ନିଶା ନିଷିଦ୍ଧ' ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଦେଶର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଦ୍ୱାରା ୨୦୨୯ ଶେଷ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଘୋଷିତ 'ଡେଡ୍‌ଲାଇନ୍'କୁ ସାକାର କରିବା ଦିଗରେ ଓଡ଼ିଶା ସରକାର ପ୍ରତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶେଷରେ, ପିତାମାତାମାନେ ନିଜ ପିଲାମାନଙ୍କ ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନକୁ ଲକ୍ଷ୍ୟ କରି ଏହାକୁ 'ରେଡ୍-ଫ୍ଲାଗ୍' ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୁବପିଢ଼ି ନିଶାଠାରୁ ଦୂରେଇ ରହି ସେହି ଟଙ୍କାକୁ ପ୍ରୋଟିନ ଓ ଏନର୍ଜି ଡ୍ରିଙ୍କ୍ସ ପରି ସ୍ୱାସ୍ଥ୍ୟକର ଜିନିଷରେ ଖର୍ଚ୍ଚ କରିବାକୁ ଆଗ୍ରହୀ ହେବା ଏକ ଆଶାର କିରଣ ବୋଲି ସେ କହିଥିଲେ। "ନିଶାକୁ ନାଁ, ଜୀବନକୁ ହଁ" ଏବଂ "Life is beautiful, Don't destroy it"ର ବାର୍ତ୍ତାକୁ ପ୍ରତ୍ୟେକ ଗାଁ ଓ ସହରରେ ପହଞ୍ଚାଇ ଏକ ସୁସ୍ଥ, ସଚେତନ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ପୋଲିସ କମିଶନର ଶ୍ରୀ ସୁରେଶ ଦେବଦତ୍ତ ସିଂହଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ବିଶିଷ୍ଟ ଅତିଥି ଏବଂ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବବର୍ଗ ଉପସ୍ଥିତ ଥିଲେ।

### ଧର୍ମଶାଳାରେ ପୁଣି ତୀବ୍ର ହେଲା ରାଜନୈତିକ ହିଂସା

## ବିଜେଡିର ପଦଯାତ୍ରା ବେଳେ ପ୍ରାକ୍ତନ ବିଧାୟକଙ୍କ ଉପରେ ଆକ୍ରମଣ ଓ ବହୁ ଗାଡି ଭଙ୍ଗାରୁଜା

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୁଣି ତିବ୍ର ହୋଇଛି ରାଜନୈତିକ ହିଂସା । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତରୁ ରବିବାର ସକାଳୁ ବିଜେଡିର ପଦଯାତ୍ରା ଆରମ୍ଭ ହେବା ସମୟରେ ଏହି ହିଂସା କାଣ୍ଡ ସୃଷ୍ଟି ହୋଇଥିଲା। ପଦ ଯାତ୍ରାରେ ଯୋଗଦେଇଥିବା ପୂର୍ବତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ(ଜିତୁ)ଙ୍କ ଉପରେ ସିଧାସଳଖ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ମାନେ ପ୍ରଣବଙ୍କ କାରକୁ ବାଡେଇ ପିଟି ଭାଙ୍ଗିଦେବା ସହ ଟେକାପଥର ଓ ଅଣ୍ଡାମାଡ କରିଥିଲେ। ଏହି ଆକ୍ରମଣରେ ପୂର୍ବତନ ବିଧାୟକଙ୍କ ଗାଡି ସହିତ ଆଉ ତିନୋଟି କାର ଓ ୧୦ରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ଚୁରମାର ହୋଇଯାଇଛି। ଏଥିରେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ବିଜେଡିର ପଦଯାତ୍ରା ଆରମ୍ଭ ହୋଇଥିଲା ବେଳେ ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁଙ୍କ ସମର୍ଥକ ମାନେ ସେଠାରେ ପହଞ୍ଚି ଅଚାନକ ଆକ୍ରମଣ କରିଥିଲେ ବୋଲି ପୂର୍ବତନ ବିଧାୟକ ପ୍ରଣବ ସିଧା ସଳଖ ଅଭିଯୋଗ କରିଛନ୍ତି। ତେବେ ଏହି ସମୟରେ ବହୁ ସଂଖ୍ୟାରେ ପୋଲିସ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ ମଧ୍ୟ ଏପରି କାଣ୍ଡକୁ ରୋକିବା ପରିବର୍ତ୍ତେ ପୋଲିସ ଦେଖଣାହାରୀ ସାଜିଥିଲା ବୋଲି ମଧ୍ୟ ପ୍ରଣବ ଅଭିଯୋଗ କରିଛନ୍ତି। ତେବେ ମଧୁପୁରଗଡରେ ଏପରି ଅଭାବନୀୟ କାଣ୍ଡ ଘଟିବା ପରେ ପୁରୁଣାବଡଲମାଳ ପଞ୍ଚାୟତରେ ମଧ୍ୟ ଅନୁରୂପ ଘଟଣା ଘଟିଥିଲା। ଉକ୍ତ ପଞ୍ଚାୟତର ସୁକୁଟିଝରେ ସ୍ଥିତ ଧବଳାଇ ପଡିଆରେ ବିଜେଡି କର୍ମୀ ମାନେ ବସି ବୈଠକ କରୁଥିଲା ବେଳେ ବିଧାୟକ ହିମାଂଶୁଙ୍କ କେତେକ କର୍ମୀ ସେଠାରେ ପହଞ୍ଚି ହଙ୍ଗାମା କରିବା ପରେ ଗଣ୍ଡଗୋଳ ହୋଇଥିଲା। ବାଡିଆ ପିଟାରେ ଏଠାରେ ମଧ୍ୟ ଏକାଧିକ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି। ହିଂସାକାଣ୍ଡ ପରେ ଏହାର ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ପୂର୍ବତନ ବିଧାୟକ ନିଜ ସମର୍ଥକଙ୍କ ସହ ପାଣିକୋଇଲି ସ୍ଥିତ ଯାଜପୁର ଏସପିଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଥିବା ବେଳେ ପ୍ରତି ଅଭିଯୋଗ କରି ବିଧାୟକ ହିମାଂଶୁଙ୍କ ବହୁ ସମର୍ଥକ ଜେନାପୁର ଥାନାରେ ପହଞ୍ଚି ଘଟଣାର ନିରପେକ୍ଷ ତଦନ୍ତ ସହ ବିଜେଡି କର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଦେଖାଯାଇଛି। ଏପରି ଘଟଣାକୁ ନେଇ ଏବେ ସମଗ୍ର ଧର୍ମଶାଳା ପୁଣି ଅଶାନ୍ତ ହୋଇପଡିଛି। ନିର୍ଦ୍ଦିଷ୍ଟ ଭାବେ ଜେନାପୁର ଥାନା ଅଞ୍ଚଳରେ କ୍ରମାଗତ ଭାବେ ଏପରି ହିଂସାକାଣ୍ଡ ଘଟି ଚାଲିଥିଲେ ମଧ୍ୟ ଉକ୍ତ ଥାନା ପୋଲିସ କାହିଁକି ଯାଗତିଆର ହେଉନାହିଁ ଓ ଏପରି ଅଭାବନୀୟ ଘଟଣାକୁ ପ୍ରତିହତ କରି ସାଧାରଣଙ୍କ ଧନ ଜୀବନକୁ ସୁରକ୍ଷା ଦେବାରେ ବ୍ୟର୍ଥ ହୋଇ ଚାଲିଛି ତାହା ବୁଦ୍ଧିଜୀବୀ ମହଲରୁ ପ୍ରଶ୍ନ ହୋଇଛି। ତେବେ ପରିସ୍ଥିତି ଆଶାନ୍ତ ଥିବାରୁ ଯାଜପୁରରୋଡ ଏସଡିପିଓ ଶରତଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଧର୍ମଶାଳା,କୁଆଖିଆ ଓ ଜେନାପୁର ଥାନା ଅଧିକାରୀଙ୍କ ସହିତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଘଟଣା ସ୍ଥଳରେ ମୁତୟନ ହୋଇଥିବା ଜଣାପଡିଛି।



ଏସପିଙ୍କ ଅଫିସରେ ଜିତୁଙ୍କ ଧାରଣା ଓ ଜେନାପୁର ଥାନାରେ ଲିକୁ ସମର୍ଥକଙ୍କ ଧାରଣା

### ନନ୍ଦନକାନନରେ ଦର୍ଶକ ଦେଖିଲେ ୧୧ ପ୍ରଜାତିର ୩୬ ନୂଆ ଅତିଥି

ବାରଙ୍ଗ,(ସବ୍ୟୁ) ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶୁକ୍ରବାରଠାରୁ ଜନସାଧାରଣଙ୍କ ପ୍ରଦର୍ଶନ ପାଇଁ ୧୧ଟି ନୂଆ ପ୍ରଜାତିର ୩୬ଟି ପ୍ରାଣୀ ଓ ପକ୍ଷୀଙ୍କୁ ଖୋଲାଯାଇଛି । ଏଥିରେ ଜେବ୍ରା, କଙ୍ଗାରୁ, ୱାଲାବି, ଟଫେଟଡ କାପୁଚିନ, ୩ ପ୍ରଜାତିର ମାକା, ମୀରକାଟ, ସ୍କାରଲେଟ ଆଇବିସ ଏବଂ ସଲଫର୍ କ୍ରେଷ୍ଟେଡ କାକାଟୁ ରହିଛନ୍ତି ।ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ବନ୍ୟପ୍ରାଣୀ ସପ୍ତାହ ଅବସରରେ ଦର୍ଶକଙ୍କ ପାଇଁ ନୂଆ ପ୍ରଜାତି ଉପଲବ୍ଧ ହୋଇଛି । ଏହା ଚିଡ଼ିଆଖାନାର ପ୍ରଜାତି ବିବିଧତା ବୃଦ୍ଧି କରିବା ସହ ପିଲାଙ୍କ ଶିକ୍ଷା ଓ ଗବେଷଣା ପାଇଁ ଉପଯୋଗୀ ହେବ । ବନ୍ୟପ୍ରାଣୀ ସଂରକ୍ଷଣ, ଶିକ୍ଷା ଓ ସଚେତନତାକୁ ମଜଭୁତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

### ଜନପ୍ରତିନିଧିଙ୍କ ଉପରେ ମରଣାନ୍ତକ ଆକ୍ରମଣରେ ପୋଲିସ୍ ଚୁପ୍: ନବୀନ

ଭୁବନେଶ୍ୱର(ସବ୍ୟୁ): ଖୋଲା ଦିବାଲୋକରେ ଜନପ୍ରତିନିଧିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଛି, ପୋଲିସ୍ ଚୁପ୍, ସରକାର ଚୁପ୍, କ'ଣ ଓଡ଼ିଶାରେ ଗୁଣ୍ଡାରାଜ୍ ଚାଲିଛି? ବିଜୁ ଜନତା ଦଳର ନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ଠାରେ ହୋଇଥିବା ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ବୋଲି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କହିଥିଲେ । ସାମାଜିକ ଗଣମାଧ୍ୟମ ଏକ୍ସରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରି କହିଥିଲେ, ପୋଲିସ୍ ଉପସ୍ଥିତିରେ ଜନପ୍ରତିନିଧିଙ୍କୁ ଜୀବନରୁ ମାରିଦେବା ପରି ଆକ୍ରମଣ ହେଉଛ । ଅପରାଧୀଙ୍କୁ ଏ ସାହସ କିଏ ଦେଉଛି? ଓଡ଼ିଶାରେ ଶାସନ ଆଇନର ଚାଲିଛି ନା' ଗୁଣ୍ଡାଙ୍କର? ଏ ସରକାରରେ ଜନପ୍ରତିନିଧି ଅସୁରକ୍ଷିତ, ସାଧାରଣ ଲୋକଙ୍କ ସୁରକ୍ଷା ବିପର୍ଯ୍ୟସ୍ତ । ଏପରି ଘଟଣା ଧର୍ମଶାଳାରେ, ସାରା ଓଡ଼ିଶାରେ ବାରମ୍ବାର ଘଟୁଛିଛ ହେଲେ ସରକାର କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଓଡ଼ିଶାବାସୀ ଦେଖିବାକୁ ପାଉନାହାନ୍ତିଛ ସରକାର କ'ଣ ଚାହୁଁଛନ୍ତି, ଶାନ୍ତିପ୍ରିୟ ଓଡ଼ିଶା ଅଶାନ୍ତ ହୋଇପଡୁ? କାହିଁକି ଏପରି ଅପରାଧିକ କାର୍ଯ୍ୟକୁ ସରକାର ପ୍ରଶ୍ରୟ ଦେଉଛନ୍ତି? କାହିଁକି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ? ଓଡ଼ିଶାବାସୀ ସବୁ ଦେଖୁଛନ୍ତି, ସବୁର ହିସାବ ରଖୁଛନ୍ତି । ସେମାନେ ଏପରି ଅରାଜକତାର, ଏପରି କୁଶାସନର ଉଚିତ ଜବାବ ଦେବେ ।








ମୁମ୍ବାଇରେ ଆୟୋଜିତ ଏକ ଉତ୍ସବରେ ଇତିଶ୍ରୀ ରଥଙ୍କୁ 'ବିଜନେସ ୱିମେନ୍ ଅଫ୍ ଦି ଇଅର' ସମ୍ମାନ ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ପ୍ରଦାନ କରୁଛନ୍ତି ।

## ସରଳା ଦେବୀଙ୍କ ରାଜ୍ୟସ୍ତରୀୟ ୪୦ତମ ଶ୍ରାଦ୍ଧୋତ୍ସବ

# ସରଳା ଦେବୀଙ୍କ ନେତୃତ୍ୱ ସାରା ସମାଜକୁ ଏକ ନୂତନ ଦିଗଦର୍ଶନ: ବାଚସ୍ପତି

ଭୁବନେଶ୍ୱର(ସବ୍ୟୁ): ଯେଉଁ ସମୟରେ ମହିଳାମାନେ ଘରୁ ପାଦ କାଢ଼ିବା ପୂର୍ବରୁ ଅନେକ ଦ୍ୱିଧା ଓ ଚିନ୍ତା କରୁଥିଲେ, ସେହି ସମୟରେ ସରଳା ଦେବୀଙ୍କ ନେତୃତ୍ୱ ସାରା ସମାଜକୁ ଏକ ନୂତନ ଦିଗଦର୍ଶନ ଦେଇଥିଲା । ସେ କେବଳ ସମାଜସେବା ନୁହେଁ, ବ୍ରିଟିଶ ଶାସନ ବିରୋଧରେ ଲଢ଼େଇଠାରୁ ଆରମ୍ଭ କରି ବିଧାନସଭାରେ ମହିଳାମାନଙ୍କ ଅଧିକାର ଓ ସ୍ୱାର୍ଥ ରକ୍ଷା ପାଇଁ ବିଲ୍ ପ୍ରସ୍ତାବ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଅତିଥିମାନେ ମତପୋଷଣ କରିଥିଲେ ।

ରବିବାର ସ୍ଥାନୀୟ ସଂସ୍କୃତି ଭବନର ସମ୍ମିଳନୀ କକ୍ଷରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ନାରୀବାଦୀ ଚିନ୍ତକ ତଥା ପ୍ରଖ୍ୟାତ ସାହିତ୍ୟିକା ସରଳା ଦେବୀଙ୍କ ରାଜ୍ୟସ୍ତରୀୟ ୪୦ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇ କହିଥିଲେ, ସେହି ସମୟରେ ମହିଳାମାନଙ୍କ ପାଇଁ ଶିକ୍ଷା ଓ ସାମାଜିକ ସ୍ୱାଧୀନତା ସୀମିତ ଥିବା ସତ୍ତ୍ୱେ, ମାତ୍ର ୧୨ ବର୍ଷ ବୟସରୁ ସରଳା ଦେବୀ ନିଜର ଲେଖନୀ ଚାଳନା କରି ନିଜର ଦୃଢ଼ ଅଭିବ୍ୟକ୍ତି ପ୍ରକାଶ କରିପାରିଥିଲେ । ସେ ଯୁଗର କଠୋର ସାମାଜିକ କଟକଣା ଓ ପରଦା ପ୍ରଥା ଭିତରୁ ବାହାରି ସେ ନାରୀ ସମାଜର ମନର କଥା ଓ ବ୍ୟଥାକୁ ନିଜ ସାହିତ୍ୟରେ ସ୍ଥାନ ଦେଇଥିଲେ । ପରିବାର ଓ ସମ୍ପର୍କୀୟଙ୍କ ସହ ବିହାର, ବେଙ୍ଗଲ ଓ ଓଡ଼ିଶାର ବିଭିନ୍ନ ସ୍ଥାନ ଭ୍ରମଣ କରିବା ଦ୍ୱାରା ଓଡ଼ିଆ ସହିତ ହିନ୍ଦୀ, ବଙ୍ଗାଳୀ ଓ ଇଂରାଜୀ ଭାଷା ପ୍ରତି ତାଙ୍କର ନିବିଡ଼ତା ବଢ଼ିଥିଲା । ସେ ୩୦ରୁ ଅଧିକ ପୁସ୍ତକ ଏବଂ ୩୦୦ରୁ ଊର୍ଦ୍ଧ୍ୱ ନିବନ୍ଧ ରଚନା କରି ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତି । ସମାଜରେ ପୁରୁଷ ଓ ମହିଳାଙ୍କ ସମାନ ଅଧିକାର ଓ ଅଭିବ୍ୟକ୍ତିର ସ୍ୱାଧୀନତା ରହିବା ଆବଶ୍ୟକ । ସରଳା ଦେବୀଙ୍କ ଆଦର୍ଶ ଆଜିର ଯୁବପିଢ଼ି ଓ ମହିଳାମାନଙ୍କ ପାଇଁ ଚିର ପ୍ରେରଣାଦାୟୀ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକାମ୍ର ବିଧାୟକ ବାବୁ ସିଂ କହିଥିଲେ, ଚଳିତବର୍ଷ ଏହି ମହୀୟସୀ ନେତ୍ରୀଙ୍କ ୪୦ତମ ଶ୍ରାଦ୍ଧ ଉତ୍ସବ ପାଳନ କରାଯାଉଥିବା ବେଳେ ଏହି ମାଟି ଓ ରାଜ୍ୟ ପୂଜ୍ୟ ପୂଜାର ପରମ୍ପରାକୁ ସଦାସର୍ବଦା ସମ୍ମାନ ଦେଇଆସିଛି । ଆଗାମୀ ଦିନରେ ଏହି ଶ୍ରାଦ୍ଧ ଉତ୍ସବ ଓ ସ୍ମୃତି କାର୍ଯ୍ୟକ୍ରମଗୁଡ଼ିକୁ କେବଳ ଏକ ସଭାଗୃହ ମଧ୍ୟରେ ସୀମିତ ନରଖି, ବିଭିନ୍ନ ମହିଳା ମହାବିଦ୍ୟାଳୟ ଓ ସ୍କୁଲଗୁଡ଼ିକରେ ଆୟୋଜନ କରିବାକୁ ସେ ଆହ୍ୱାନ ଦେଇଥିଲେ । ଯାହାଫଳରେ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରୀ ଓ ଯୁବପିଢ଼ି ଏହି ମହାନ ନେତୃତ୍ୱଙ୍କ ଜୀବନୀରୁ ପ୍ରେରଣା ପାଇ ଆଉ ଏକ ନୂତନ ସାରଳା ଦେବୀ ଗଢ଼ିବାରେ ସମର୍ଥ ହୋଇପାରିବେ ।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ କଥାକାର ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବପ୍ରସାଦ ଦାଶ କହିଥିଲେ, ସରଳା ଦେବୀ ଅନେକ କ୍ଷେତ୍ରରେ ଓଡ଼ିଶା ତଥା ଭାରତରେ ପ୍ରଥମ ନାରୀ ଭାବେ ଅନେକ କୀର୍ତ୍ତିମାନ ସୃଷ୍ଟି କରିଥିଲେ । ସେ କଟକରୁ ଓଡ଼ିଶାର ପ୍ରଥମ ମହିଳା ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । ସରଳା ଦେବୀଙ୍କ ଭଳି ଜଣେ ଶକ୍ତିଶାଳୀ ଓ ବିପ୍ଳବୀ ନାରୀଙ୍କୁ ଯେଉଁ ସମ୍ମାନ ଓ ସ୍ଥାନ ମିଳିବା କଥା, ତାହା ନମିଳିବା ଓଡ଼ିଆ ଜାତିର ଦୁର୍ବଳତା । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶ୍ରୀ ଦାଶ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଐତିହାସିକ ତଥା ସୁସାହିତ୍ୟିକ ପ୍ରଫେସର ଡ. ସୋମା ଚାନ୍ଦ, ଅଳକା ଆଶ୍ରମର ଆବାହକ ଡ. ଦେବେନ୍ଦ୍ରନାଥ ରାଉତ ଯୋଗ ଦେଇ ନାରୀ ସଶକ୍ତୀକରଣ, ସାମାଜିକ ସଚେତନତା ଏବଂ ସ୍ୱାଧୀନତା ସଂଗ୍ରାମରେ ସରଳା ଦେବୀଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରଳା ଦେବୀଙ୍କ ରଚିତ ରାୟ ରାମାନନ୍ଦ ପୁସ୍ତକ ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସରଳା ଦେବୀ ସ୍ମାରକୀ ଟ୍ରଷ୍ଟର ସମ୍ପାଦକ ଡ. ଗୁରୁ କଲ୍ୟାଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାମୁଖ୍ୟ ଭାବେ ବିଶିଷ୍ଟ ସାହିତ୍ୟିକ, ନାଟ୍ୟକାର ଓ ସମାଜସେବୀ ତଥା ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗ ଦେଇ ସରଳା ଦେବୀଙ୍କ ସ୍ମୃତିଚାରଣ କରିଥିଲେ । ଶେଷରେ ବିଶିଷ୍ଟ ସାହିତ୍ୟିକ ପବିତ୍ର ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ ।



# ରେଳ ଟିକେଟ ଯାଞ୍ଚ କର୍ମଚାରୀଙ୍କୁ ଖୋର୍ଦ୍ଧାରୋଡ଼ ମଣ୍ଡଳର ସମ୍ବର୍ଦ୍ଧନା

ଜଟଣୀ, (ସବ୍ୟୁ) : ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଟିକେଟ ଯାଞ୍ଚ କାର୍ଯ୍ୟ ମାଧ୍ୟମରେ ସର୍ବାଧିକ ରାଜସ୍ୱ ଆଦାୟ କରିଥିବା ଟିକେଟ ଯାଞ୍ଚ କର୍ମଚାରୀମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟନିଷ୍ଠା ଓ ରାଜସ୍ୱ ସଂଗ୍ରହରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ଖୋର୍ଦ୍ଧାରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ୍. ସମ୍ବର୍ଦ୍ଧିତ କର୍ମଚାରୀମାନଙ୍କୁ ଅଭିନନ୍ଦନ



ଜଣାଇବା ସହ ଟିକେଟ ଯାଞ୍ଚ କାର୍ଯ୍ୟରେ ସେମାନଙ୍କ ନିଷ୍ଠା, ସଚ୍ଚୋଟତା ଓ ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ । ଅନିଲ କୁମାର ଏସ୍. ଟିକେଟ ଯାଞ୍ଚ ଦଳର ତତ୍ପରତା, କର୍ତ୍ତବ୍ୟନିଷ୍ଠା ଓ ପ୍ରଶଂସନୀୟ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ ।

## "ସେବା ହିଁ ସଂକଳ୍ପ ଏବଂ ବିକାଶ ହିଁ ଲକ୍ଷ୍ୟ"କୁ ଆଧାର କରି

# 'ବିକଶିତ ଭାରତ' ନିର୍ମାଣ ପାଇଁ ଦେଶ ଦ୍ରୁତ ଗତିରେ ଆଗେଇ ଚାଲିଛି : ଡି.ପୁରନ୍ଦେଶ୍ୱରୀ

ଭୁବନେଶ୍ୱର, (ସବ୍ୟୁ): ନାଟକ ବା ପଥପ୍ରାନ୍ତ ନାଟକ ଜରିଆରେ ସରକାରଙ୍କ କଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ଲୋକଙ୍କ ପାଖରେ ପହଂଚାଇବା ଉଦ୍ଦେଶ୍ୟରେ 'ନମୋ ସେବା ଗାଥା' ର ପ୍ରଦର୍ଶନ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିବା ସହିତ ସେବା ହିଁ ସଂକଳ୍ପ ଏବଂ ବିକାଶ ହିଁ ଲକ୍ଷ୍ୟ କୁ ଆଧାର କରି ବିକଶିତ ଭାରତ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତବର୍ଷ ଦୃତ ଗତିରେ ଆଗେଇ ଚାଲିଛି ବୋଲି ନବନିଯୁକ୍ତ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧକ୍ଷା ଓ ସାଂସଦ ଡି.ପୁରନ୍ଦେଶ୍ୱରୀ କହିଛନ୍ତି । ଦୁଇ ଦିନିଆ ଓଡିଶା ଗସ୍ତରେ ଆସିଥିବା ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ତଥା ରାଷ୍ଟ୍ରୀୟ ସଂପାଦକ ଡ.ସ୍ୱଦେଶ ସିଂହ ରାଜ୍ୟରେ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ" ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । 'ସେବା ହିଁ ପରମ ଧର୍ମ'ର ମହାନ ମନ୍ତ୍ରକୁ ପାଥେୟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ଜନସେବା ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଗତ ସେପ୍ଟେମ୍ବର ୧୭ ରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା "ସେବା ସଂକଳ୍ପ ଅଭିଯାନ-୨୦୨୬" ଅନ୍ତର୍ଗତ 'ନମୋ




ସେବା ଗାଥା - ପଥପ୍ରାନ୍ତ ନାଟକ' କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସିଂହ ଯୋଗ ଦେଇଥିଲେ । ଜଟଣୀ ନିକଟସ୍ଥ ଜାମୁକୋଳିଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ ସାଧାରଣ ସଂପାଦିକା ଶ୍ରୀମତୀ ପୂର୍ଣ୍ଣିମା ନାୟକ, ରାଜ୍ୟ ପ୍ରକୋଷ୍ଠ ସମୂହ ସହ ସଂଯୋଜକ ସୁଦୀପ୍ତ ରାୟ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଂଜନ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଦୁଇ ଦିନିଆ ଓଡିଶା ଗସ୍ତରେ ଥିବା ରାଜ୍ୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ରାଜ୍ୟ ସହପ୍ରଭାରୀ ଡ.ସିଂହ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀ ଏବଂ ପ୍ରକୋଷ୍ଠ ସମୂହ ସଂଯୋଜକ ଏବଂ ସହସଂଯୋଜକଙ୍କ ବୈଠକ କରି ଆଲୋଚନା କରିଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦଙ୍କ ସହ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦେଇ ଚର୍ଚ୍ଚା ଓ ଆଲୋଚନା କରିଥିଲେ । ଦଳର ସାଂଗଠନିକ କାର୍ଯ୍ୟକ୍ରମ, ଆଗାମୀ କାର୍ଯ୍ୟସୂଚୀ, ବିଭିନ୍ନ ମୋର୍ଚ୍ଚାଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ତୃଣମୂଳସ୍ତରରେ ଦଳକୁ ଅଧିକ ସୁଦୃଢ଼ କରିବାର ବିଭିନ୍ନ ଦିଗ ସଂପର୍କରେ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପୂର୍ବରୁ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସ୍ୱଦେଶ ସିଂହ ପ୍ରଭୂ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ ।

## ମହାନଦୀରେ ନାବାଳକ ନିଖୋଜ

ଆଠଗଡ ,(ସବ୍ୟୁ):ଆଠଗଡ଼ ଥାନା ଅନ୍ତର୍ଗତ ମେଘା ଦାସପୁର ଗ୍ରାମର ଜଣେ ନାବାଳକ ଗାଧେଇବାକୁ ଯାଇ ମହାନଦୀରେ ବୁଡି ନିଖୋଜ ହୋଇ ଯାଇଥିବା ଜଣାପଡିଛି । ନିଖୋଜ ନାବାଳକ ହେଉଛନ୍ତି କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ପୁଅ ଶୁଭଙ୍କର ପଣ୍ଡା (୧୬) । ରବିବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ସେ ଗାଧୋଇବା ସମୟରେ ସେ ପାଣି ରେ ବୁଡି ନିଖୋଜ ହୋଇ ଯାଇଥିବା ଆଠଗଡ଼ ଥାନା ରେ ଅଭିଯୋଗ ହୋଇଛି । ଖବର ପାଇ ଆଠଗଡ଼ ପୋଲିସ ସହିତ ଅଗ୍ନିଶମ ବିଭାଗ ଓଡ୍ରାଫ ଟିମ ଘଟଣାସ୍ଥଳରେ ପହଞ୍ଚି ଶୁଭଙ୍କରଙ୍କୁ ଖୋଜାଖୋଜି କରିଥିଲେ । ସନ୍ଧ୍ୟା ସୁଦ୍ଧା ତାଙ୍କର ପତ୍ତା ମିଳି ନ ଥିବା ବେଳେ ଆସନ୍ତା କାଲି ସୋମବାର ପୁଣି ଥରେ ଖୋଜାଖୋଜି ଜାରି ରହିବ ବୋଲି ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି ।

# ୧୦ଲକ୍ଷ ଟଙ୍କା ବଟି ମାଗି ଜମି ଦଲାଲ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୧୦ଲକ୍ଷ ଟଙ୍କା ବଟି ମାଗିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜମି ଦଲାଲ ତଥା ପେସାଦାର ଅପରାଧୀ ତରଣକାନ୍ତ ମହାନ୍ତି ଓରଫ ତରୁଆକୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ହତ୍ୟା ଉଦ୍ୟମ, ବିସ୍ଫୋରକ ଆଇନ, ଅସ୍ତ୍ରଶସ୍ତ୍ର ଆଇନ, ଦାଦାବଟି ଆଦାୟ, ଠକେଇ ଓ ଆଦିବାସୀ-ହରିଜନ ଆଇନ ଭଳି ୧୪ଟି ସଙ୍ଗୀନ ମାମଲା ତରୁଆ ନାଁରେ ବିଭିନ୍ନ ଥାନାରେ ପଞ୍ଜୀକୃତ ଥିବା ପୋଲିସ କହିଛି ।

ଅଭିଯୋଗକାରୀ ତପନ କୁମାର ସ୍ୱାଇଁଙ୍କ ପାଣ୍ଡରା ମୌଜା ଏନ୍‌ଏଚ୍-୧୬ ନିକଟରେ ଏକ ଜମି ରହିଛି । ଅଭିଯୁକ୍ତ ତରୁଣକାନ୍ତ ଏବଂ ତା'ର ସହଯୋଗୀମାନେ ତାଙ୍କ ଜମି ଚାରିପଟେ ଥିବା ଜମିକୁ ମାଡି ବସିବା ସହ ସେଠାକୁ ଯାଇଥିବା ରାସ୍ତାରେ ଏକ ଲୁହା ଗେଟ୍ ଏବଂ ଇଟା ପ୍ରାଚୀର ନିର୍ମାଣ କରି ରାସ୍ତା ଅବରୋଧ କରିଥିଲେ । ଏହାକୁ ନେଇ ପୂର୍ବରୁ ମଧ୍ୟ ମଞ୍ଚେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଛି । ୨୬ ତାରିଖରେ ମୁଖ୍ୟ ଅଭିଯୁକ୍ତ ତରୁଣକାନ୍ତ ବେଆଇନ ଭାବେ ଜମି ମାଲିକଙ୍କ ଜମିରେ ପଶି ଏକ ଚାକୁଣ୍ଡା ଗଛ କାଟି ବିକ୍ରି କରିଦେଇଥିଲା । ଅଭିଯୋଗକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ପ୍ରତିବାଦ କରି ଅଭିଯୁକ୍ତ ତରୁଣକାନ୍ତ ତାଙ୍କ ଜମିକୁ ରାସ୍ତା ଛାଡିବା ବାବଦକୁ ୧୦ଲକ୍ଷ ଟଙ୍କା ଦାଦାବଟି ମାଗିଥିଲା । ଟଙ୍କା ନଦେଲେ ହତ୍ୟା କରି ସେହି ଜମିରେ ପୋତିଦେବ ବୋଲି ଧମକ ଦେଇଥିଲା । ଏହି ସମୟରେ ତା'ର ପୁଅ ନଳିନୀକାନ୍ତ ଓରଫ ଗୁଡୁ, ଭାଇ ପଞ୍ଚାନନ ଓରଫ ପଞ୍ଚୁ ଏବଂ ସେମାନଙ୍କ ସିକ୍ୟୁରିଟି ଗାର୍ଡ ଆସି ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଲୁହା ରଡରେ ଆକ୍ରମଣ କରିଥିଲେ । ଅଭିଯୋଗକାରୀ ତଳେ ପଡିଯାଇ ପାଟି କରିବାରୁ ଲୋକ ଆସିବା ଭୟରେ ସେମାନେ ଫେରାର ହୋଇଯାଇଥିଲେ । ଘଟଣା ସମ୍ପର୍କରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତ ତରୁଆ, ତା'ପୁଅ ଓ ଦାଦା ତିନିଜଣ ମିଶି ଏକ ସଂଘବଦ୍ଧ ଅପରାଧୀ ଗୋଷ୍ଠୀ ଚଳାଇଛନ୍ତି । ସେମାନେ ସ୍ଥାନୀୟ ଅଞ୍ଚଳରେ ଅନେକ ଲୋକଙ୍କ ଜମି ଦଖଲ କରିବା, ରାସ୍ତା ଅବରୋଧ କରି ଲୋକଙ୍କ ଠାରୁ ଦାଦାବଟି ଆଦାୟ କରିବା ଏବଂ ଭୟଭୀତ କରିବା ଭଳି ସଙ୍ଗୀନ ଅପରାଧରେ ସମ୍ପୃକ୍ତ ଅଛନ୍ତି । ଏହା ଜାଣିବା ପରେ ପୋଲିସ ତରୁଣକାନ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ତରୁଣ ନାଁରେ ୧୪ଟି ସଙ୍ଗୀନ ମାମଲା ବିଭିନ୍ନ ଥାନାରେ ପଞ୍ଜୀକୃତ ଥିବା ପୋଲିସ କହିଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି । ଏଥିସହ ତରୁଆକୁ ରିମାଣ୍ଡରେ ଆଣିବା ପାଇଁ ପୋଲିସ କୋର୍ଟରେ ଆବେଦନ କରିଥିବା କହିଛି ।

# ବିଜେଇଏମ୍ ସ୍କୁଲରେ ଷ୍ଟୁଡେଣ୍ଟସ୍ ରିମେମ୍ବର ମହାତ୍ମା ଗାନ୍ଧି କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ବଡ଼ଗଡ଼ ହାଇ ସ୍କୁଲ ପୁରାତନ ଛାତ୍ର ସଂସଦ ଏବଂ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ପିଲାମାନଙ୍କ ମଧ୍ୟରେ ଗାନ୍ଧି ଆଦର୍ଶ ପ୍ରତିଷ୍ଠାର ଲକ୍ଷ୍ୟ ନେଇ ଷ୍ଟୁଡେଣ୍ଟସ୍ ରିମେମ୍ବର




ମହାତ୍ମା ଗାନ୍ଧିର ୮ମ ସଂସ୍କରଣ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଞ୍ଚଳିକ ମୁଖ୍ୟ (ଭୁବନେଶ୍ୱର) ସଞ୍ଜିବ ରଞ୍ଜନ ସହାୟ ଯୋଗ ଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଗାନ୍ଧି ଆଦର୍ଶକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିବା ଉଚିତ ବୋଲି କହିଥିଲେ । ଅତିଥି ଭାବେ ବି.ଜେ. ଏଜୁକେସନ୍ ସୋସାଇଟିର ସଭାପତି ରଘୁନାଥ ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଦାସ୍ ବେନ୍‌ହୁର ଯୋଗ ଦେଇ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଦିନ ପୁସ୍ତକ ପଠନ, ପ୍ରାର୍ଥନା, ଡାଏରୀ ଲେଖି ସେଥି ମଧ୍ୟରେ ନିଜ ଭିତରେ ଥିବା ଅପାର ସମ୍ଭାବନାକୁ ଜାଣିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏସ୍.ଆର୍.ଏମ୍.ଜି କାର୍ଯ୍ୟକ୍ରମର ପୃଷ୍ଠପୋଷକ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ଣ୍ଣର ହାରୁନ ରସିଦ ଖାନ ସବୁଜ ଓ ଶ୍ୱେତ ବିପ୍ଳବର କାହାଣୀ ପିଲାମାନେ ଜାଣିବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ସଭାପତି ଶ୍ରୀପତି ନାରାୟଣ ମିଶ୍ର ଯୋଗ ଦେଇଥିଲାବେଳେ ଅନ୍ୟତମ ଅତିଥି ଭାବେ ସଂଯୋଜକ, ଏସ୍.ଆର୍.ଏମ୍.ଜି. ତଥା ମେଣ୍ଟର, ବଡ଼ଗଡ଼ ହାଇସ୍କୁଲ, ପ୍ରତାପ କୁମାର ଜେନା ଏସ୍.ଆର୍.ଏମ୍.ଜି ର ଲକ୍ଷ୍ୟ ଓ କାର୍ଯ୍ୟାବଳୀକୁ ଅବଲୋକନ କରିଥିଲେ । ପ୍ରଥମ ଅଧିବେଶନରେ ବଡ଼ଗଡ଼ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁକଲ୍ୟାଣ ମହାନ୍ତି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷା ଶ୍ରୀମତୀ ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଅଧିବେଶନରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଶାନ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ବଡ଼ଗଡ଼ ହାଇସ୍କୁଲ ଓ ବି.ଜେ.ଇ.ଏମ୍. ସ୍କୁଲର ୨୫୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୬୦ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଗାନ୍ଧି ପୁସ୍ତକ, ସମ୍ମାନ ଫଳକ ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା ।

# ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ କଟକ କଂଗ୍ରେସର ପ୍ରସ୍ତୁତି

କଟକ,(ସବ୍ୟୁ): ଆମ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଙ୍କ ଆହ୍ୱାନ ରେ ଆସନ୍ତା ୮ ତାରିଖ ଓଡିଶା ବନ୍ଦ ଆହ୍ୱାନ ଦିଆଯାଇଛି । ଏହି ବନ୍ଦ ପାଳନ କୁ କଟକ ରେ ସଫଳ କରିବାକୁ କଟକ ନଗର କଂଗ୍ରେସ ର ପ୍ରାକ୍ତନ ମୁଖପାତ୍ର ତଥା କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀର ମୁଖ୍ୟ ସଂଯୋଜକ ଶ୍ରୀ ମାନସ ପରିଡା ଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଓଏମପି ଡ଼ାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି । ମାନସ ପରିଡାଙ୍କ ଅଧ୍ୟକ୍ଷତା ରେ ହୋଇଥିବା ଏହି ପ୍ରସ୍ତୁତି ବୈଠକ ରେ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବରେ ସତ୍ୟଜିତ ପଟ୍ଟନାୟକ, ସହ ପର୍ଯ୍ୟବେକ୍ଷକ ଅଜୟ କୁମାର ସାହୁ ଯୋଗଦେଇ ବନ୍ଦ ପାଳନ ର ସମ୍ପୂର୍ଣ୍ଣ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ସଂଶୋଧିତ ନୂତନ ଖଣି ନୀତି କୁ ରଦ୍ଦ କରିବା, ଏସ.ଆଇ.ଆର ପ୍ରତ୍ୟାହାର ଓ ସିଇସି ଜ୍ଞାନେସ କୁମାର ଙ୍କ ବହିଷ୍କାର ଓ ଗିରଫ କରିବା, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଇସ୍ତଫା, ବନ୍ୟା ବିପତ୍ତି ପ୍ରତି ସରକାର ଉଦାସୀନତା, ଇତ୍ୟାଦି ପ୍ରସଙ୍ଗ କୁ ନେଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ ର ସମସ୍ତ ସହଯୋଗୀ ଦଳ କୁ ନେଇ ଏ ବନ୍ଦନ ପାଳନକୁ କଟକ ରେ ସଫଳ କରିବାକୁ ବୈଠକ ରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ପିସିସି ସାଧାରଣ ସମ୍ପାଦକ ହରିଶଙ୍କର ରାଉତ, ମୁଖପାତ୍ର ଅଶୋକ କୁମାର ସ୍ୱାଇଁ, ବାରବାଟୀ ନିର୍ବାଚନମଣ୍ଡଳୀ ମୁଖ୍ୟ ସଂଯୋଜକ ଜଗନ୍ନାଥ ସାହୁ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ସାଧାରଣ ସମ୍ପାଦକ ତଥା ଯୁବନେତା ସୁକାନ୍ତ ଚନ୍ଦ୍ର ସାହାଣି, ପ୍ରାକ୍ତନ କର୍ପୋରେଟର ରମଜାନଖାନ ଓ ପ୍ରଶାନ୍ତ ଭୋଇ, ପିସିସି ସମ୍ପାଦକ ପ୍ରଦୀପ ପ୍ରଧାନ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ତଥା ବରିଷ୍ଠ କଂଗ୍ରେସ ନେତା ନିର୍ମଳ ସ୍ୱାଇଁ, ଅଶୋକ ନାୟକ, ଓ ପ୍ରଦୀପ ପ୍ରଧାନ, ବ୍ଲକ ସଭାପତି ଅଲେଖ ଚନ୍ଦ୍ର ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଶ୍ୱରଂଜନ ଜେଠୀ, ଜିଲା କଂଗ୍ରେସ ପ୍ରାକ୍ତନ ସମ୍ପାଦକ ଦିଲ୍ଲୀପ ଦଳାଇ ଓ ସଚ୍ଚିଦାନନ୍ଦ ରାଉତ, ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଶେଖ ଜାଫର, ଓବିସି ନେତା ପ୍ରତ୍ୟୁଷ ସାହୁ, ଆଡ଼ଭୋକେଟ ପ୍ରଦୋଷ ଦାସ, ଯୁବ କଂଗ୍ରେସ କର୍ମକର୍ତ୍ତା ଦୀପକ ସାହୁ, ଲିପୁଲ ରାଉତ, ସ୍ୱପ୍ନ କୁମାର ସ୍ୱାଇଁ, ଛାତ୍ରନେତା ଜଗନ ସାହୁ ଓ ସୁନୀଲ ଜେନା, ବରିଷ୍ଠ କର୍ମୀ ସିଦ୍ଧାର୍ଥ ଶଙ୍କର ଦାସ, ନାରୀନେତ୍ରୀ ଉଷାରାଣୀ ଦାସ, ପିଙ୍କି ସିଂ, ଶେଖ ସବୀର, ଆଲୋକ ମହାନ୍ତି, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ଜୟନାରାୟଣ ତ୍ରିପାଠୀ, ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ଗଛରେ ପିଟିହୋଇ ମୁଖ୍ୟମନ୍ତ୍ରୀ ବସ ଦୁର୍ଘଟଣା

ବାଙ୍କୀ ,(ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ ବ୍ଲକ ରୁ ବ୍ରହ୍ମପୁରା ଦେଇ ପୁଇଞ୍ଚା ଯାଉଥିବା ମୁଖ୍ୟମନ୍ତ୍ରୀ ବସ ଗଛରେ ଖୁବ ଜୋର ରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ମୁଖ୍ୟମନ୍ତ୍ରୀ ବସ୍ ଓଡ଼ି ୦୫ ବି ଏସ,୦୫୮୪ ଟି ଦୈନିକ ଚାରି ଥର ବାଙ୍କୀରୁ ପୁଇଞ୍ଚା ଯାତାୟତ କରୁଛି । ରବିବାର ମଧ୍ୟାହ୍ନ ୧୨ ଘଣ୍ଟା ସମୟ ରେ ବାଙ୍କୀ ରୁ ପୁଇଁଚା ଗ୍ରାମକୁ ଯାଉଥିବା ବେଳେ ଭେଡା ଦୁର୍ଗାପୁର ଶବର ସାହି ଠାରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ମାଡ଼ ହୋଇ ଜମି ଭିତରକୁ ବସଟି ଦୁର୍ଘଟଣା ହୋଇ ପଶିବା ଯାଇଛି । ବସରେ ୪୦ଜଣ ରୁ ଉର୍ଦ୍ଧ ଯାତ୍ରୀ ଥିଲେ । ଚାରି ଜଣ ଯାତ୍ରୀ ଆହାତ ହୋଇଛନ୍ତି । ଯଦିଓ ବସଟି ଖାଲୁଆ ଅଞ୍ଚଳ ଜମି ଭିତରକୁ ପଶି ଯାଇ ଥାଆନ୍ତା ତେବେ ନିଶ୍ଚିତ ଭାବେ ବଡ଼ ଅଘଟଣ ଘଟିଥାନ୍ତା । ଚାରି ଜଣ ଯାତ୍ରୀ ଆହାତ ହୋଇଛନ୍ତି । ସେମାନଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତେବେ ବହୁ ଯାତ୍ରୀ ବହୁ ବଡ ଦୁର୍ଘଟଣାର ସମ୍ମୁଖିନ ହୋଇ ଗୁରୁତର ହୋଇ ଥାଆନ୍ତା । ଘଟଣା ସ୍ଥଳରେ ବାଙ୍କୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେପଟେ ବସ ରେ ଉପସ୍ଥିତ ଥିବା କଣ୍ଡକଟର କହିଛନ୍ତି ବସ ର ଷ୍ଟିଅରିଂ କଟି ଯିବାରୁ ଗାଡ଼ି ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଯାଇଛି ।

# ମା' ସରଳା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ପ୍ରତୀକ

ଭୁବନେଶ୍ୱର, (ସବ୍ୟୁ): ମା' ସରଳା ଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମା' ସରଳା ଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି । ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ମା' ସରଳା ଦେବୀଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ମା' ସରଳା ଦେବୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ନାରୀ ସଶକ୍ତିକରଣର ପ୍ରତୀକ ହେଉଛନ୍ତି ମା' ସରଳା ଦେବୀ । ଓଡ଼ିଶା ବିଧାନସଭାରେ ପ୍ରଥମ ମହିଳା ବିଧାୟିକା ଭାବେ ମା' ସରଳା ଦେବୀ କାର୍ଯ୍ୟ କରିଥିଲେ । ଓଡିଶାରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେବାସହ ନାରୀ ଶିକ୍ଷା, ନାରୀ ଜାଗରଣ ଓ ସମାଜର ବିକାଶ ପାଇଁ ମା' ସରଳା ଦେବୀ କାର୍ଯ୍ୟ କରିଥିଲେ ।



ସରଳା ଦେବୀଙ୍କ ଆଦର୍ଶ ଓ ସେବା ମନୋଭାବ ସଦାସର୍ବଦା ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରିଛି ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଛନ୍ତି । ଆଜି ମା' ସରଳା ଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ସମେତ ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ମା' ସରଳା ଦେବୀଙ୍କ ସ୍ମୃତିଚାରଣ କରିଛନ୍ତି ।

## ବ୍ରହ୍ମପୁରରେ ପୁଣି ଗଡ଼ିଲା ଆଉ ଏକ ମୁଣ୍ଡ

# ପେଶାଦାର ଅପରାଧୀ ଟୁନା ନାୟକଙ୍କୁ ହତ୍ୟା

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁରରେ ପୁଣି ଏକ ମୁଣ୍ଡ ଗଡିଛି । ଘଟଣାଟି ନିମଖଣ୍ଡି ଗାଁ ମୁଣ୍ଡରେ ଘଟିଛି । ଜଣେ ପେଶାଦାର ଅଭିଯୁକ୍ତଙ୍କ ବେକ କାଟି ହତ୍ୟା କରାଯାଇଛି । ମୃତ ଯୁବକ ଜଣଙ୍କ ଉକ୍ତ ଗ୍ରାମର ଟୁନା ନାୟକ (୨୮) । ମୃତକକ ନାମରେ ୮ ରୁ ଉର୍ଦ୍ଧ ହତ୍ୟା, ଦାଦବଟି ଭଳି ସଙ୍ଗିନୀ ମାମଲା ରହିଥିଲା ପୋଲିସ କହିଛି ।



ଅନ୍ୟପଟେ ପୋଲିସ ହତ୍ୟାକାରି ଙ୍କୁ ବାନ୍ଧିଥିବା କହିଛି । ସେ ହେଲେ ଉକ୍ତ ଗ୍ରାମର ରାଘବ ସାହୁ (୩୨) । ପୋଲିସ ଦୁଇଟି ଛୁରୀ ଓ ସ୍କୁଟି ଜବତ କରି ଘଟଣାର ଛାନବିନ କରୁଛି । ବ୍ରହ୍ମପୁର ଏସପି ଅଭିନ ସୋନକର, ଏସଡ଼ିପିଓ, ନିମଖଣ୍ଡି ଥାନାଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ସାଇଣ୍ଟିଫିକ ଟିମ ସହାୟତାରେ ଜୈବ ନମୁନା ସଂଗ୍ରହ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ରାଘବ ସାହୁ ଗାଁରେ ଏକ ଫାଷ୍ଟଫୁଡ ଦୋକାନ କରିଛି ।

ଅନ୍ୟପଟେ ଟୁନା ନାୟକ ଜଣେ ପେଶାଦାର ଅପରାଧୀ ଥିବା ବେଳେ ଗାଁ ରେ ଭାଇଗିରି କରୁଥିଲେ । ଟୁନା ଓ ତାଙ୍କ ସହଯୋଗୀ ମାନେ ଉକ୍ତ ଫାଷ୍ଟ ଫୁଡ ଦୋକାନରୁ ମାଗଣା ଖାଇବା ସହ ଦୋକାନ ମାଲିକ ରାଘବଙ୍କୁ ଦାଦବଟି ମାଗିଆସୁଥିଲେ । ଯାହାଫଳରେ ସେ ପ୍ରତିଶୋଧ ପାରାୟଣ ହେବା ସହ ଟୁନାଙ୍କୁ ହତ୍ୟା ପାଇଁ ସୁଯୋଗ ଖୋଜୁଥିଲେ । ଶନିବାର ସନ୍ଧ୍ୟାରେ ରାଘବଙ୍କ ଦୋକାନ ବନ୍ଦ ଥିବା ବେଳେ ଟୁନା ଓ ଉକ୍ତ ରାଘବ ମଦ ପିଇବା ପାଇଁ ଗାଁ 'ମୁଣ୍ଡରେ ଥିବା ଏକ ଘରେ ମଦ୍ୟପାନ କରିବା ପାଇଁ ଯାଇଥିଲେ । ପାଖାପାଖି ବିଳମ୍ବିତ ରାତ୍ର ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା । ଟୁନା ମାତ୍ରାଧିକ ନିଶାପାନ କରିଥିବା ବେଳେ ଏହାର ସୁଯୋଗ ନେଇ ରାଘବ ନିଜ ସ୍କୁଟିରେ ରଖିଥିବା ଛୁରୀ ବାହାର କରି ତାଙ୍କ ବେକ କାଟି ଦେଇଥିଲା । ପ୍ରଚୁର ରକ୍ତସ୍ରାବ ଯୋଗୁଁ ଟୁନାଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି । ମୃତକଙ୍କ ଭାଇ ମୁନା ନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ୩୧୦/୨୬ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି ।

## ପଟାସାଲ ସଉରା ସାହି : ଗାଁ ଦାଣ୍ଡ ଖାଲ, ଘରେ ପଶୁଛି ପାଣି

ଧରାକୋଟ (ସବ୍ୟୁ) : ଧରାକୋଟ ବ୍ଲକର ସାବା ପଞ୍ଚାୟତ ଅନ୍ତର୍ଗତ ପଟାଶାଳ ସଉରା ସାହିରେ ପ୍ରାୟ ୪୦ ବର୍ଷ ଧରି ୫୦ ରୁ ଅଧିକ ପରିବାର ବସବାସ କରିଆସୁଥିଲେ ମଧ୍ୟ ମୌଳିକ ସମସ୍ୟାରୁ ଏଯାଏଁ ମୁକ୍ତି ପାଇପାରିନାହାନ୍ତି । ବର୍ଷା ଦିନ ଆସିଲେ ସାହିବାସୀଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଏ । ଗାଁ ଦାଣ୍ଡ ଦେଇ ପାହାଡ ଉପରୁ ଆସୁଥିବା ବର୍ଷା ପାଣି ଦୀର୍ଘଦିନ ଧରି ବହିଯିବା ଫଳରେ ରାସ୍ତାରେ ପ୍ରାୟ ୩ ଫୁଟ ଗଭୀର ଖାଲ ସୃଷ୍ଟି ହୋଇଛି ।

ରାସ୍ତା ଅସମତୁଲ ହୋଇପଡ଼ିଥିବାରୁ ଯାତାୟାତରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ବିଶେଷକରି ଛୋଟ ପିଲା, ବୃଦ୍ଧବୃଦ୍ଧା ଓ ଅସୁସ୍ଥ ବ୍ୟକ୍ତିମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ଖାଲଖମାରେ ପଡ଼ି ଆହତ ହେଉଥିବା ଅଭିଯୋଗ ହୋଇଛି ।

ଅନ୍ୟପଟେ, ପାହାଡ଼ରୁ ଆସୁଥିବା ବର୍ଷା ପାଣି ନିଷ୍କାସନ ପାଇଁ ଡ୍ରେନ ର ସୁବିଧା ନଥିବାରୁ ଏହା ନିଷ୍କାସନ ହୋଇନପାରି ଅନେକ ସମୟରେ ଲୋକଙ୍କ ଘର ଭିତରକୁ ପାଣି ପଶୁଛି । ଫଳରେ ଘରେ ରହିବା ମଧ୍ୟ କଷ୍ଟକର ହୋଇପଡୁଛି । ସାହିର ଅନେକ ଘର ଏଥିପାଇଁ ଏବେବି ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ଗାଁର ଅନେକ ଗରିବ ପରିବାର ଏବେବି ପକ୍କା ଘର ପାଇଁ ଅପେକ୍ଷା କରି ରହିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ସମସ୍ୟାର ସମାଧାନ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରାଯାଇଛି । ହେଲେ ଏପର୍ଯ୍ୟନ୍ତ ସ୍ଥାୟୀ ପଦକ୍ଷେପ କିଛି ନିଆଯାଇନାହିଁ ।

ବର୍ଷ ପରେ ବର୍ଷ ବିତୁଛି, ସରକାର ବଦଳୁଛି, ଯୁଗ ମଧ୍ୟ ବଦଳୁଛି କିନ୍ତୁ ପଟାଶାଳ ସଉରା ସାହି ଲୋକଙ୍କ ମୌଳିକ ସମସ୍ୟା ଯେମିତି ଥିଲା ସେମିତି ରହିଛି । ଏଣୁ ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି, ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ବ୍ୟବସ୍ଥା ଓ ଯୋଗ୍ୟ ପରିବାରଙ୍କୁ ପକ୍କା ଘର ଯୋଗାଇଦେବାକୁ ସାହିବାସୀ ଦାବି କରିଛନ୍ତି ।

## ଅର୍ଥ ହେରଫେର ମାମଲା ବନ୍ଧା ହେଲେ ଶିକ୍ଷକ, ସଭାପତି

ଆଗରପଡ଼ା, (ସବ୍ୟୁ) : ବନ୍ତ ବ୍ଲକ ସରମରା ପୁରୁଷୋତ୍ତମ ସରକାରୀ ଉଚ୍ଚବିଦ୍ୟାଳୟ ସହକାରୀ ଶିକ୍ଷକ ସୋମନାଥ ବିଶାଳ ଓ ପରିଚାଳନା କମିଟି ସଭାପତି ବିଶ୍ୱନାଥ ଜେନାଙ୍କୁ ଅର୍ଥ ହେରଫେର ମାମଲାରେ ବନ୍ତ ପୋଲିସ ଗିରଫ କରିଥିବାର ଜଣାପଡ଼ିଛି । ଏହି ସଂପର୍କରେ ଥାନା କେସ ନଂ୨୬୬/୨୬ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଲାଇ ଥିଲା । ସୂଚନାଯୋଗ୍ୟ, କାଦବରାଙ୍ଗ ବ୍ୟାଙ୍କ ଅଫ ଇଣ୍ଡିଆରେ ସ୍କୁଲର ଆକାଉଣ୍ଟ ଥିଲା । ଅଭିଯୁକ୍ତ ଦ୍ୱୟ ବେଆଇନ ଭାବେ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଉଠାଇ ଥିଲେ ବୋଲି ଅଭିଯୋଗ ହୋଇଥିଲା । ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବାର ଜଣାପଡ଼ିଛି ।

## ଏନ୍‌ଏସିର ନୂତନ କାଉନସିଲ ହଲ ଉଦ୍‌ଘାଟିତ



ବୁଗୁଡା ,(ସବ୍ୟୁ) : ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ବହୁ ପ୍ରତୀକ୍ଷିତ ନୂତନ କାଉନସିଲ ହଲ(ସଭାଗୃହ) ରବିବାରଦିନ ଉଦଘାଟିତ ହୋଇଯାଇଛି । ଓଡିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏନଏସି କାର୍ଯ୍ୟାଳୟ ପରିସରସ୍ଥ ଉକ୍ତ ନବ ନିର୍ମିତ ସଭାଗୃହକୁ ଉଦଘାଟନ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କ ସମେତ କେତେକ କାଉନସିଲର ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ରହିଥିଲେ । ଏ ଅବସରରେ ୪୦ ଜଣ ହିତାଧିକାରୀଙ୍କୁ ଭତ୍ତା , ୫୨ ଜଣଙ୍କୁ ଆବାସ କାର୍ଯ୍ୟାଦେଶ ଏବଂ ୫ ଜଣଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା । ଏଥି ସହ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବୁଗୁଡାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା ବିଷୟରେ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଏନଏସି କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ ।

## ବିଜେପିର ସେବାସଂକଳ୍ପ : ୧୩୨ ୟୁନିଟ ରକ୍ତ ସଂଗ୍ରହ

ବ୍ରହ୍ମପୁର,(ସବ୍ୟୁ) : ଭାରତୀୟ ଜନତା ପାର୍ଟି ପକ୍ଷରୁସେବା ସଂକଳ୍ପ ଅଭିଯାନରେ ରବିବାର ଦିନ ସେବା ଭାରତୀ ଓ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ସାନ ବଜାର ମଣ୍ଡଳ ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର ଯୁବମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଅମର ସାହୁଙ୍କ ନେତୃତ୍ୱରେ ସିଟି ହାଇସ୍କୁଲ ରୋଡ଼ ସ୍ଥିତ ରୋଟାରି କ୍ଲବ ଠାରେ ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ରାଜ୍ୟ ବାଣିଜ୍ୟ,ପରିବହନ,ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ଶିବିରର ଉଦଘାଟନ କରି ଏହି ମହତ ପ୍ରୟାସକୁ ସଫଳ କରିବା ପାଇଁ ସହଯୋଗ ଦେଇଥିବା ରକ୍ତଦାତା, ଚିକିତ୍ସକ ଏବଂ ପରିଶେଷରେ ଆୟୋଜକ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଛତ୍ରପୁର ମାନ୍ୟବର ବିଧାୟକ କୃଷ୍ଣଚନ୍ଦ୍ର ନାୟକ,ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ କାହ୍ନୁ ଚରଣ ପତି,ବରିଷ୍ଠ ନେତା ସୁନିଲ କୁମାର ସାହୁ,ବିଜେପି ନେତା ତଥା ବରିଷ୍ଠ ଆଇନଜୀବି ଅଜିତ ସାହୁ, ଶିକ୍ଷାବିତ ଜେ ଶେଷଗିରି ରାଓ,ବରିଷ୍ଠ ଅଧିବକ୍ତା ନାରାୟଣ ପଣ୍ଡା,ରୋଟେରିଅନ ଅଜିତ ରାଜୁ,ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ତୁତୁନ ପାତ୍ର,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବି.ସମୋନଥ ପାତ୍ର,ଜିଲ୍ଲା ଉପ ସଭାପତି ପ୍ରବୀର ପାତ୍ର,ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ଶିବଶଙ୍କର ନାୟକ,ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା, ସରୋଜ ପାତ୍ର,ଏସ ଶ୍ରୀନିବାସ,ଏସ ରାଣୀ,ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ବି ରବି ରାଓ, ଗୋପୀନାଥ ମହାରଣା,କୃଷ୍ଣଚନ୍ଦ୍ର ପୋଲାଇ,ସୁମନ ରାଉଳ,ଶକ୍ତି ପଟ୍ଟନାୟକ,ଶୀତଲ ଜେନା,ସିରିଡି ବିକ୍ରମ, ରାହୁଲ ସାହୁ,ଜଗନ ମହାପାତ୍ର,ସୁନୀଲ ଦୋରା,କମଲ ପାତ୍ର,ଆକାଶ ଗୌଡ଼,ମନୋଜ ପାଣିଗ୍ରାହୀ, ଆଶୁତୋଷ ଗୌଡ଼,ଲୋକନାଥ ସାହୁ, ଅର୍ଜୁନ ଦାସ,ତୁଷାର ସାମଲ,ତୋଫାନ ସେଠୀ, ଅଜୟ ଦାସ, ଶୁଭମ ବିଷୋୟୀ,ଚିନୁ ଡାକୁଆ, ଗଜେନ୍ଦ୍ର ଚୌଧୁରୀ, ସନ୍ତୋଷ ପଟ୍ଟନାୟକ,ପ୍ରଦୀପ କୁମାର ସାହୁ ପ୍ରମୁଖଙ୍କ ସହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



## ତକତପୁର କିମ୍ବା ମହାରାଜପୁରକୁ ସ୍ଥାନାନ୍ତର ହେଉ ଏମ୍‌ପିସି ଜୁନିୟର କଲେଜ

ବାରିପଦା, (ସବ୍ୟୁ) : ବାରିପଦାର ଐତିହାସିକ ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମ୍‌ପିସି) ଅଟୋନମସ କଲେଜର ଜୁନିୟର କଲେଜକୁ ତକତପୁର କିମ୍ବା ମହାରାଜପୁର ଅଞ୍ଚଳକୁ ସ୍ଥାନାନ୍ତର କରିବା ସହ ଅବ୍ୟବହୃତ ଜମିରେ ଏମ୍‌ପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ମାଣ ପାଇଁ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ଦାବି କରିଛନ୍ତି । ଏନେଇ ସେ ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି । ପତ୍ରରେ ମମତା ମହାନ୍ତ ଦର୍ଶାଇଛନ୍ତି ଯେ, ମୟୂରଭଞ୍ଜର ତତ୍କାଳୀନ ମହାରାଣୀ ଶ୍ରୀମତୀ ତଖତ କୁମାରୀ ରାଜ୍ୟରେ ଶିକ୍ଷାର ବିକାଶ ଉଦ୍ଦେଶ୍ୟରେ ଏମ୍‌ପିସି ଅଟୋନମସ କଲେଜ ପାଇଁ ଜମି ଦାନ କରିଥିଲେ । ପରବର୍ତ୍ତୀ ସମୟରେ ମୟୂରଭଞ୍ଜ ରାଜ୍ୟ ଓଡ଼ିଶା ସହ ମିଶ୍ରଣ ପରେ ଏହି ଜମି ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଆସିଥିଲା । ଦାନ ହୋଇଥିବା ଜମିର କିଛି ଅଂଶ ଏମ୍‌ପିସି ଅଟୋନମସ କଲେଜ ନାମରେ ହସ୍ତାନ୍ତର ହୋଇଥିବାବେଳେ ଆଉ କିଛି ଜମି ଏପର୍ଯ୍ୟନ୍ତ ଅବ୍ୟବହୃତ ରହିଛି । ଏହି ଅବ୍ୟବହୃତ ଜମିକୁ ଏମ୍‌ପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ମାଣରେ ବ୍ୟବହାର କରିବାକୁ ମମତା ପ୍ରସ୍ତାବ ଦେଇଛନ୍ତି । ଏଥିସହ ଆବଶ୍ୟକତା ଅନୁଯାୟୀ ମହାରାଜପୁର ଓ ଦେବେନ୍ଦ୍ରପୁର ସଂଲଗ୍ନ ଅଞ୍ଚଳରେ ସରକାରୀ ଜମି ଚିହ୍ନଟ କିମ୍ବା ଅଧିଗ୍ରହଣ କରି ଏହି ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ କରିବାକୁ ସେ ଅନୁରୋଧ କରିଛନ୍ତି । ତକତପୁର କିମ୍ବା ମହାରାଜପୁର ଅଞ୍ଚଳରେ ଏମ୍‌ପିସି ଜୁନିୟର କଲେଜ ପ୍ରତିଷ୍ଠା କରାଗଲେ ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁବିଧାଜନକ ହେବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି ହୋଇପାରିବ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି । ତେଣୁ ଏହି ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରି ଏମ୍‌ପିସି ଜୁନିୟର କଲେଜକୁ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଅବ୍ୟବହୃତ ଜମିରେ ଏମ୍‌ପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମମତା ମହାନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ୬ରେ ଓଜେସିର କର୍ମୀ ସମାବେଶ, ମିଶ୍ରଣ ପର୍ବ

ବାରିପଦା, (ସବ୍ୟୁ): ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପକ୍ଷରୁ ଆସନ୍ତା ଅକ୍ଟୋବର ୬ ତାରିଖରେ ବାରିପଦାରେ ବିଶାଳ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଆୟୋଜିତ ହେବ । ଏଥିରେ ଦଳର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେବେ ବୋଲି ରବିବାର ଦିନ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ଏହି କର୍ମୀ ସମାବେଶ ଅନୁଷ୍ଠିତ ହେବ । ଏହା ପୂର୍ବରୁ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ଉଚ୍ଚବିଦ୍ୟାଳୟ ସମ୍ମୁଖସ୍ଥ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ପରେ ଦଳୀୟ ନେତା ଓ କର୍ମୀମାନେ ପଦଯାତ୍ରାରେ ଶହୀଦ ସ୍ମୃତି ଭବନ ପ୍ରାଙ୍ଗଣରେ ପହଞ୍ଚିବେ । ସେଠାରେ ବିଶାଳ କର୍ମୀ ସମାବେଶରେ ଦଳର ରାଜ୍ୟ ନେତୃବୃନ୍ଦ ଉଦ୍‌ବୋଧନ ଦେବା ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ । ପ୍ରେସ୍‌ମିଟରେ କୁହାଯାଇଥିଲା ଯେ, ନବଗଠିତ ଓଜେସି ଅଳ୍ପ ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନସାଧାରଣଙ୍କ ଆସ୍ଥା ହାସଲ କରିପାରିଛି । ବିଭିନ୍ନ ଜିଲ୍ଲାରେ ଦଳୀୟ କାର୍ଯ୍ୟକ୍ରମରେ ଲୋକଙ୍କ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦାନ ଏହାର ପ୍ରମାଣ ବୋଲି ଦଳ ପକ୍ଷରୁ କୁହାଯାଇଛି । ମୟୂରଭଞ୍ଜ ଜିଲ୍ଲାର ବିକାଶ, ଦୁର୍ନୀତି ଓ ବିଭିନ୍ନ ସମସ୍ୟାକୁ ନେଇ ଦଳ ପକ୍ଷରୁ ସ୍ୱର ଉତ୍ତୋଳନ କରାଯିବ ବୋଲି ଏହି ଅବସରରେ କୁହାଯାଇଛି । ମୟୂରଭଞ୍ଜରେ ପ୍ରାକୃତିକ ସମ୍ପଦ, ଖଣିଜ ସମ୍ପଦ ଓ ପର୍ଯ୍ୟଟନର ବିପୁଳ ସମ୍ଭାବନା ଥିଲେ ମଧ୍ୟ ଜିଲ୍ଲା ଆଶାନୁରୂପ ବିକାଶ କରିପାରିନଥିବା ନେଇ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । ଏଥିସହ ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ତୃଣମୂଳ ସ୍ତରରୁ ଯୁବକମାନଙ୍କୁ ରାଜନୀତିରେ ଆଗକୁ ଆଣିବା ଓ ନେତୃତ୍ୱ ନେବାର ସୁଯୋଗ ସୃଷ୍ଟି କରିବା ଦଳର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଇଛି ।

ସାଧାରଣ ଲୋକଙ୍କ ସ୍ୱରକୁ ରାଜରାସ୍ତାରୁ ବିଧାନସଭା ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଦଳ କାର୍ଯ୍ୟ କରିବ ବୋଲି ଦଳୀୟ ନେତାମାନେ କହିଛନ୍ତି । ପ୍ରେସ୍‌ମିଟରେ ଓଜେସିର ରାଜ୍ୟ ସମ୍ପାଦକ ତଥା ପ୍ରତିଷ୍ଠାତା ସଦସ୍ୟ ଅଂଶୁମାନ ଦାସ ମୟୂରଭଞ୍ଜ ଜିଲ୍ଲାର ସମସ୍ତ କର୍ମୀ, ଶୁଭେଚ୍ଛୁ ଓ ସାଧାରଣ ଲୋକଙ୍କୁ କର୍ମୀ ସମାବେଶରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଜଣାଇଥିଲେ ।




## କୀଟନାଶକ ଖାଇ ବୃଦ୍ଧ ଗୁରୁତର

ବୁଗୁଡା ,(ସବ୍ୟୁ) : ବୁଗୁଡ଼ା ବ୍ଲକ ଗୌଡିଆବୋରଦା ପଞ୍ଚାୟତ ଅନ୍ତର୍ଗତ ଗୁଡିପଲ୍ଲୀ ଗ୍ରାମର କବି ପାତ୍ର (୬୫) ନାମକ ଜନୈକ ବୃଦ୍ଧ ବ୍ୟକ୍ତି କୀଟନାଶକ ଦ୍ରବ୍ୟ ସେବନ କରି ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । କବିଙ୍କ ଗୋଡ କାମ କରୁନଥିବାରୁ ସେ ଓ୍ୱିଲ ଚେୟାର ବ୍ୟବହାର କରୁଥାନ୍ତି । ରବିବାର ପୂର୍ବାହ୍ନରେ କୌଣସି କାମ ପାଇଁ ପରିବାର ଲୋକଙ୍କୁ ସେ ଡାକିଥିଲେ ହେଁ କେହି ନଶୁଣିବାରୁ ମନସ୍ତାପରେ ସେ ଘରେ ଥିବା କୀଟନାଶକ ଦ୍ରବ୍ୟ ସେବନ କରିଥିଲେ । ଏ କଥା ଜାଣିପାରି ପରିବାର ଲୋକେ ତାଙ୍କୁ ବୁଗୁଡା ମେଡିକାଲକୁ ଆଣିଥିଲେ । ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସେଠାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## ବରିଷ୍ଠ ନାଟ୍ୟଶିଳ୍ପୀ ଚିନ୍ମୟ ଦାସପଟ୍ଟନାୟକଙ୍କୁ

# 'ବାରିପଦା କଳାକାର ପରିବାର ସମ୍ମାନ'

ବାରିପଦା, (ସବ୍ୟୁ) : ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାରର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ପରିବାରର ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ଡ. ପ୍ରକାଶ ଚନ୍ଦ୍ର ଦାଶ ଓ କୋଷାଧ୍ୟକ୍ଷ ରଣଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବରେ ପରିବାରର ସଦସ୍ୟମାନଙ୍କ ଭୂମିକାକୁ ପ୍ରଶଂସା କରାଯିବା ସହ ବାରିପଦାର ନାଟ୍ୟ ଆନ୍ଦୋଳନକୁ ଆହୁରି ଗତିଶୀଳ କରିବା ନେଇ ଆଲୋଚନା ହୋଇଥିଲା ।

ଡ. କୁମାରମଣି ନାୟକ, ଯୁଗ୍ମ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା, ପ୍ରୟାସ କୁମାର ଶତପଥୀ, ଚିନ୍ମୟ କୁମାର ଦାସପଟ୍ଟନାୟକ, "୭୫ ବାସ୍ତବ' ପରିବାରର ସଭାପତି ଶାନ୍ତନୁ କୁମାର ପାଢ଼ୀ ଓ ଅଭିନେତ୍ରୀ ଦୀପ୍ତିସ୍ମିତା ସାହୁ ପ୍ରମୁଖ ମହୋତ୍ସବର ଅନୁଭୂତି ଓ ଭବିଷ୍ୟତ ନାଟ୍ୟଚର୍ଚ୍ଚା ସମ୍ପର୍କରେ ମତ ରଖିଥିଲେ । ବାରିପଦାରେ ନୂଆ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ଓ ଅଭିନେତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଉତ୍ସାହିତ ଓ ପ୍ରଶିକ୍ଷିତ କରିବା ଦିଗରେ ସଂଗଠନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା ଏହି ଅବସରରେ ବାରିପଦାର ନାଟ୍ୟଜଗତର ବରିଷ୍ଠ ଅଭିନେତା, ନିର୍ଦ୍ଦେଶକ ତଥା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବର ସଂଯୋଜକ ଚିନ୍ମୟ କୁମାର ଦାସପଟ୍ଟନାୟକଙ୍କୁ "ବାରିପଦା କଳାକାର ପରିବାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସେହିପରି "ଯୁଗେଚ୍ଛା ନାଟ୍ୟ ସଂସ୍ଥା'ର ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତିଙ୍କୁ "ଶେଷରେ ଧର୍ମ କହିଲା' ନାଟକ ଏବଂ "ତାପରେ ଆମେ' ନାଟ୍ୟ ସଂସ୍ଥାର ନିର୍ଦ୍ଦେଶକ ପ୍ରୟାସ ଶତପଥୀଙ୍କୁ "ସୁରେନ୍ଦ୍ର ସାଏଙ୍କ ନିଶା' ନାଟକର ସଫଳ ପ୍ରଯୋଜନା ପାଇଁ ସମ୍ମାନିତ କରାଯାଇଥିଲା । ଏହି ଦୁଇ ନାଟ୍ୟ ସଂସ୍ଥା ବାରିପଦା କଳାକାର ପରିବାରର ଅଂଶୀଦାର ସଦସ୍ୟ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ ।



ଏନେଇ ଆଲୋଚନା ପରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିବା ସଭାପତି ଘୋଷଣା କରିଥିଲେ । ସଭାରେ ଅଭିନେତ୍ରୀ ଦୀପ୍ତିସ୍ମିତା ସାହୁଙ୍କ ସମେତ ଅଭିନେତା କୁନ୍ଦନ ଲାଲ ଭଞ୍ଜ, ବ୍ରଜେନ୍ଦ୍ର ରାଉତ, ଜଗଦୀଶ ଚନ୍ଦ୍ର ଦାଶ, ଅଶୋକ କୁମାର ପଟ୍ଟନାୟକ, ଗୁହିରାମ ଜେନା, ଅଜୟ କୁମାର ପରିଡ଼ା, ପ୍ରଦୀପ କୁମାର ପାଣିଗ୍ରାହୀ, ରାକେଶ ମଲ୍ଲିକ, ସର୍ବତୋଷ ଦାଶ, ଅମିତ






## ଗଜପତି ଜିଲ୍ଲା ବିଜେଡି ସଭାପତିଙ୍କ ସାନ ପୁଅର ଅକାଳ ମୃତ୍ୟୁ

ପାରଳାଖେମୁଣ୍ଡି ,(ସବ୍ୟୁ) : ଗଜପତି ଜିଲ୍ଲାର ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକଙ୍କ ସାନ ପୁଅ ଅନୁରୂପ ନାୟକଙ୍କ ଅକାଳ ମୃତ୍ୟୁ ଘଟିଛି । ଏହି ଖବର ପ୍ରଚାରିତ ହେବା ପରେ ସହରରେ ଗଭୀର ଶୋକର ଛାୟା ଖେଳିଯାଇଛି ।ଅନୁରୂପଙ୍କ ବିୟୋଗର ଖବର ଯେପରି ପରିବାର ଓ ଆତ୍ମୀୟ-ସ୍ୱଜନଙ୍କ ପାଇଁ ଏକ ବଡ଼ ଆଘାତ ହୋଇଛି । ସେହିପରି ତାଙ୍କୁ ଜାଣିଥିବା ବନ୍ଧୁ, ଶୁଭେଚ୍ଛୁ ଓ ସହରବାସୀଙ୍କ ମଧ୍ୟରେ ମଧ୍ୟ ଗଭୀର ଦୁଃଖ ପ୍ରକାଶ ପାଇଛି । ତାଙ୍କ ଅକାଳ ବିୟୋଗର ଖବର ପାଇବା ପରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ଡିଜେନ ପାଢ଼ୀ, ସାମ୍ବାଦିକ ସରୋଜ ବିରୋ, ସାମ୍ବାଦିକ ସନ୍ତୋଷ ପଟ୍ଟନାୟକ, ସାମ୍ବାଦିକ କୃଷ୍ଣ କୁମାର ବେହେରାଙ୍କ ସମେତ ବହୁ ରାଜନୈତିକ, ସାମାଜିକ ଓ ସାମ୍ବାଦିକ ମହଲର ବ୍ୟକ୍ତିବିଶେଷ ଶୋକସନ୍ତପ୍ତ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ ।ଅନୁରୂପଙ୍କ ଶେଷ ଦର୍ଶନ ପାଇଁ ବନ୍ଧୁ, ଆତ୍ମୀୟ, ପରିଚିତ ଓ ଶୁଭେଚ୍ଛୁଙ୍କ ସହ ହଜାର ହଜାର ଲୋକ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଏକତ୍ରିତ ହୋଇଥିଲେ । ତାଙ୍କ ହଠାତ ବିଦାୟକୁ ଅନେକେ ସହଜରେ ଗ୍ରହଣ କରିପାରୁନାହାନ୍ତି । ବହୁ ବନ୍ଧୁ, ଶୁଭେଚ୍ଛୁ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଶୋକସନ୍ତପ୍ତ ପରିବାରକୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି । ଏପରି ଜଣେ ମିଷ୍ଟଭାଷୀ ଓ ମେଳାପୀ ଯୁବକଙ୍କ ଅକାଳ ବିୟୋଗ ପରିବାର ସହ ସମଗ୍ର ସହର ପାଇଁ ମଧ୍ୟ ଏକ ଅପୂରଣୀୟ କ୍ଷତି ବୋଲି ଅନେକେ ମତ ପ୍ରକାଶ କରିଛନ୍ତି ।ଅନୁରୂପଙ୍କ ଅନ୍ତିମ ଯାତ୍ରାରେ ମଧ୍ୟ ବହୁ ସଂଖ୍ୟକ ବନ୍ଧୁ, ଆତ୍ମୀୟ, ଶୁଭେଚ୍ଛୁ ଓ ସହରବାସୀ ସାମିଲ ହୋଇ ମହେନ୍ଦ୍ର ତନୟା ନଦୀ କୂଳରେ ଥିବା ସର୍ଗଦାର ଶ୍ମଶାନ ଘାଟରେ ତାଙ୍କୁ ଶେଷ ବିଦାୟ ଜଣାଇଥିଲେ । ଦିବଙ୍ଗତ ଅନୁରୂପ ନାୟକଙ୍କ ଅମର ଆତ୍ମାର ସଦଗତି କାମନା କରି ସହରବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।





## ଆକାଶଙ୍କୁ ଶୁଭେଚ୍ଛା ଜଣାଇଲା ଭିଏନ କଲେଜ ପୁରାତନ ଛାତ୍ର ସଂସଦ

ବ୍ୟାସନଗର,(ଜିପ୍ର): ପ୍ରତିଶୃତି ଦେଇ ପ୍ରତିଶୃତି ରଖିଲେ କୋରେଇର ବିଧାୟକ ଆକାଶ ଦାସନାୟକ । ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ତଥା ଯାଜପୁର ଜିଲ୍ଲାର ଏକ ଅଗ୍ରଣୀ ମହାବିଦ୍ୟାଳୟ ଭାବେ ପରିଚିତ । ବ୍ୟାସନଗର ସହରର ବୁଦ୍ଧିଜୀବୀ, ପୁରାତନ ଛାତ୍ର ସଂସଦ, ବର୍ତମାନର ଛାତ୍ରଛାତ୍ରୀଙ୍କର ବହୁଦିନର ଦାବୀ ଆଜି ପୂରଣ ହୋଇଛି । ଏହି ମହାବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ୧୮କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି । ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଉନ୍ନତିକରଣ ପାଇଁ କୋରେଇ ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ପ୍ରଚେଷ୍ଟା ଫଳରେ ଆଜି ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଏକ ନୂତନ ସ୍ୱତନ୍ତ୍ର ବିଜ୍ଞାନ ଓ କଳା ବିଭାଗ ନିର୍ମାଣ ନିମନ୍ତେ ୧୫ କୋଟି ଟଙ୍କା, ନୂତନ ଲାଇବ୍ରେରୀ ନିମନ୍ତେ ୧ କୋଟି ୫୦ ଲକ୍ଷ, ଶ୍ରେଣୀଗୃହ ମରାମତି ନିମନ୍ତେ ୬୦ ଲକ୍ଷ, ନୂତନ ମଂଚ ନିର୍ମାଣ ନିମନ୍ତେ ୧୦ ଲକ୍ଷ, ଅଫିସ୍ ଗୃହ ମରାମତି ନିମନ୍ତେ ୩୪ ଲକ୍ଷ, ଏହିପରି ମହାବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ୧୮ କୋଟିଟଙ୍କା ଅର୍ଥ ମଂଜୁର ହୋଇଅଛି । ଏହା କାର୍ଯ୍ୟକାରୀ ହେଲେ କେବଳ ବ୍ୟାସନଗର ନୁହେଁ ବରଂ ସମଗ୍ର ଯାଜପୁର ଜିଲ୍ଲାର ଶିକ୍ଷା ଭିତିଭୂମି ଆହୁରି ସୁଦୃଢ ହେବ ।

ଏହି ପରିପ୍ରେକ୍ଷୀରେ କୋରେଇ ବିଧାୟକ ଶ୍ରୀ ଦାସନାୟକଙ୍କୁ ତାଙ୍କ ବ୍ୟାସନଗର ସ୍ଥିତ ବାସଭବନରେ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କର୍ମକର୍ତାମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ବିଧାୟକଙ୍କ ସହିତ କର୍ମକର୍ତାମାନେ ବହୁତ ସମୟ ଆଲୋଚନା କରିଥିଲେ । ସେମାନେ ଏହି କାର୍ଯ୍ୟକୁ ବହୁତ ପ୍ରଶଂସା କରିବା ସହ ଆଗାମୀ ଦିନରେ ସବୁପ୍ରକାର ସହଯୋଗ ରହିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଛାତ୍ର ସଂସଦ ସାଧାରଣ ସଂପାଦକ ଜିତେନ୍ଦ୍ର ବେହୁରା, ସଭାପତି ପ୍ରିୟବ୍ରତ ରାଉତ, ଉପସଭାପତି ଅମରଜିତ୍ ପରିଡା, ସାଧାରଣ ସଂପାଦକ ଅନିଲ ପ୍ରଧାନ, ଉପସଭାପତି କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ଜଗତସିଂହପୁର ବିକାଶ ପରିଷଦର ବାର୍ଷିକ ଉତ୍ସବ

## ବିକାଶକୁ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗ ଲୋଡ଼ା: ମନ୍ତ୍ରୀ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦର ବାର୍ଷିକ ଉତ୍ସବ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଇଂ ଭକ୍ତ ରଂଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଜଗତସିଂହପୁର ଜିଲ୍ଲା ଓଡ଼ିଶାର ଐତିହ, ସଂଗ୍ରାମ, ସାହିତ୍ୟ, ସଂସ୍କୃତି ସହିତ ଏକ ସମ୍ଭାବନାର ଶକ୍ତି କେନ୍ଦ୍ର । ଏବେ ବିକାଶ ପଥରେ ଆଗେଇ ଚାଲିଛି । ଜିଲ୍ଲାରେ ଶିଳ୍ପାୟନ ବିକାଶ ସହିତ ଆଗାମୀ ଦିନରେ ଏକ ବୃହତ ଅର୍ଥନୈତିକ କରିଡର ଭାବେ ଉଭା ହେବାକୁ ଯାଉଛି ।



ପାରାଦ୍ୱୀପରେ କେମିକାଲ ଓ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ଠାରୁ ଆରମ୍ଭ କରି ଗ୍ରୀନ ହାଇଡ୍ରୋଜେନ, ନୂତନ ପ୍ରଯୁକ୍ତି ବିଦ୍ୟା, ଟେକ୍ସଟାଇଲ ଆଦି ଯେଉଁ ସମ୍ଭାବନା ରହିଛି ତାକୁ କିଭଳି ଆଗକୁ ନିଆଯିବ ସେଥିପାଇଁ ସମସ୍ତଙ୍କର ସହଯୋଗ ର ଆଶ୍ୟକତା ରହିଛି । ଜିଲ୍ଲାର ବିକାଶ କ୍ଷେତ୍ରରେ ଜିଲ୍ଲା ବିକାଶ ପରିଷଦ ଏକ ପ୍ରମୁଖ ମାଧ୍ୟମ ହେବ ବୋଲି ମନ୍ତ୍ରୀ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ସାଂସଦ ବିଭୁପ୍ରସାଦ ତରାଇ , ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ ମାଟିର ବିକାଶ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି କହିଥିଲେ । ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗ ଦେଇ ସରକାର ଉପକୂଳ ବିକାଶ ପରିଷଦ ଗଠନ କରି ଉପକୂଳବର୍ତ୍ତୀ ଜିଲ୍ଲାର ଗୁଡିକର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପରିଷଦର ମୁଖ୍ୟ ସଂଯୋଜକ ସୂର୍ଯ୍ୟ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରଫେସର ଜ୍ୟୋତି ରଂଜନ ସମ୍ପାଦକୀୟ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ ।

କାର୍ଯ୍ୟକ୍ରମରେ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରଣବ ଦେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ସମାଜସେବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନଟବର ବାରିକଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ମା ଶାରଳାଙ୍କ ଆଜ୍ଞାମାଳ ଟାଉନ ହଲ ଠାରୁ ଏକ ଶୋଭାଯାତ୍ରାରେ ଆସି ମଞ୍ଚରେ ସ୍ଥାପନ କରାଯାଇଥିଲା ।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ

ନାଉଗାଁ, (ସବ୍ୟୁ): ନାଉଗାଁ ଥାନା ଅନ୍ତର୍ଗତ ଶିଖର ପଂଚାୟତ ବିଲିପଡା ଗ୍ରାମର ଅଭୟ କୁମାର ସାହୁ ନିଜ ଚାଷ ଜମିକୁ ସାର ପକାଇବା ପାଇଁ ରବିବାର ଯାଇଥିଲେ । ଦୀର୍ଘ ସମୟ ହେବ ଘରକୁ ନ ଫେରିବାରୁ ଘର ଲୋକେ ଖୋଜା ଖୋଜି କରିଥିଲେ । କିଛି ସମୟ ଖୋଜିବା ପରେ ଧାନ ବିଲରୁ ତାଙ୍କୁ ଉଦ୍ଧାର କରାଯାଇଥିଲା । ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀଙ୍କ ଦ୍ୱାରା ଉଦ୍ଧାର କରାଯାଇ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଟାଣ ଖରା ଯୋଗୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି । ଏସଂକ୍ରାନ୍ତରେ ଅଭୟଙ୍କ ବଡ ଭାଇ ନିରଞ୍ଜନ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଥାନା ପକ୍ଷରୁ ୧୮/ ୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଛି ।

## କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ଶୋକ

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଆନୁକୁଲ୍ୟରେ ସାମ୍ବାଦିକ ଦିବାକର ପ୍ରଧାନ ଓ କବି ଶରତ ଚନ୍ଦ୍ର ନାୟକଙ୍କ ବିୟୋଗରେ ଏକ ସ୍ମୃତି ଚାରଣ ସଭା ସାହିତ୍ୟ ସଂସଦର ସଭାପତି କରୁଣାକର ଦାସଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଶିବାନନ୍ଦ ଆଶ୍ରମ, ଗରାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଉଭୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସମ୍ପାଦକ ଶୁଭାଂସୁ କୁମାର ଦାସ, ଉପ-ସଭାପତି ପ୍ରଦୀପ କୁମାର ଦାଶ, ମନୋରଞ୍ଜନ ତ୍ରିପାଠୀ, ମନୋଜ ଦାସ, ଅଲେଖ ଚନ୍ଦ୍ର ଦାଶ, ରଜନୀକାନ୍ତ ଦାସ, ବରିଷ୍ଠ ଆଇନଜୀବୀ ସଞ୍ଜୟ ଜେନା, ସତ୍ୟବ୍ରତ ସିଂହ, ଧୀରେନ୍ଦ୍ର କୁମାର ଦାସ, ପୀତବାସ ବେହୁରା, ପଞ୍ଚାନନ ଗେରୁଆ ଯୋଗଦାନ କରି ସ୍ମୃତି ଚାରଣ କରିଥିଲେ।

## ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟିଲା

ଯାଜପୁରସଦର,(ସବ୍ୟୁ): ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି । ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ । ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ ।ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ ।

## କୁଆଖିଆ ପ୍ରେସ୍ କ୍ଲବର ୩୬ତମ ପ୍ରତିଷ୍ଠା ଦିବସ

କୁଆଖିଆ, (ସବ୍ୟୁ) : ପବିତ୍ର ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀ ଙ୍କ ଜୟନ୍ତୀ ଅବସରରେ କୁଆଖିଆ ପ୍ରେସ କ୍ଲବର ୩୬ ତମ ପ୍ରତିଷ୍ଠା ଦିବସ ପ୍ରେସ କ୍ଲବ କାର୍ଯ୍ୟାଳୟରେ ପାଳନ କରାଯାଇଛ । କୁଆଖିଆ ପ୍ରେସ କ୍ଲବର ସଭାପତି ବିଶ୍ୱନାଥ ପଣ୍ଡାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଥିବା ଏହି କାର୍ଯ୍ୟକ୍ରମର ଆରମ୍ଭରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପ୍ରେସ କ୍ଲବର ବର୍ତ୍ତମାନ ଓ ପୂର୍ବତନ କର୍ମକର୍ତା ତଥା ସଦସ୍ୟମାନେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ତତସହିତ ଈଶ୍ୱରଙ୍କ



ନିକଟରେ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା । ପ୍ରେସ କ୍ଲବର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ରାଉତ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ରଥ, ପୂର୍ବତନ ସଭାପତି ନିଖିଳ କୁମାର ମହାନ୍ତି, ବରିଷ୍ଠ ସଭ୍ୟ ତଥା ପୂର୍ବତନ ସମ୍ପାଦକ ଅମୁଲ୍ୟ କୁମାର ବରାଳ, ପୁରାତନ ସଦସ୍ୟ ତଥା ପୂର୍ବତନ ସମ୍ପାଦକ କଳ୍ପତାରୁ ପଣ୍ଡା, ପୁରାତନ ସଭ୍ୟ ବୈଦେନ୍ଦ୍ର ନାଥ ସାହୁ, ପ୍ରେସ କ୍ଲବର କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ମଲ୍ଲିକ, ସଂଜୀବ ସାହୁ, ଶୁଭେନ୍ଦୁ ସାମଲ, ସୁନୀଲ ମନୋହର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ମସ୍ତିଷ୍କାଘାତରେ ଯୁବକଙ୍କ ବିୟୋଗ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ଗ୍ରାମର ପ୍ରକାଶ ନାୟକଙ୍କ ପୁଅ ନିର୍ମଳା ନାୟକ ( ୪୬ )ଙ୍କ ମସ୍ତିଷ୍କାଘାତରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏକ ଘରୋଇ ଡାକ୍ତର ଖାନରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ଘଟିଛି । ସୂଚନା ମୁତାବକ ନୂଆଗାଁ ଗ୍ରାମର ନିର୍ମଳ ନାୟକ ବାପାଙ୍କୁ ଠିକାଦାରୀ କାମରେ ସହଯୋଗ କରୁଥିଲେ । ଏକ ମାସ ତଳେ ଘରେ ଥିବା ବେଳେ ମସ୍ତିଷ୍କଘାତରେ ଶିକାର ହୋଇ ଅଚେତ ହୋଇ ପଡିଥିଲେ । ସଂଗେସଂଗେ ପରିବାର ଲୋକ ତାଙ୍କୁ ନେଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତର ଖାନରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଆଜି ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି ।ତାଙ୍କର ମର ଶରୀରକୁ ନୂଆଗାଁ ସ୍ଥିତ ତାଙ୍କ ବାସଭବନକୁ ଅଣାଯିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ୱର୍ଗତ ନିର୍ମଳ ଜଣେ ନିର୍ଭିକ ପରୋପକାରୀ ଯୁବକ ଥିଲେ । ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।ସେଠାରୁ ତାଙ୍କ ମରଶରୀରକୁ ଜନ୍ମସ୍ଥାନ ପୋବଳ ଗ୍ରାମକୁ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ତାଙ୍କ ବାପା ସୂଚନା ଦେଇଛନ୍ତି ।

## ଅନ୍ୟ ପଞ୍ଚାୟତ ଜମିକୁ ଜବରଦଖଲ କରି ତୋରଣ ନିର୍ମାଣ

ପଟ୍ଟାମୁଣ୍ଡାଇ, (ସବ୍ୟୁ) : ପଟ୍ଟାମୁଣ୍ଡାଇ ବ୍ଲକ ଶାସନ ଗ୍ରାମ ପଞ୍ଚାୟତର ସରକାରୀ ଗୋଚର ଜମିକୁ ଜବରଦଖଲ କରି ଶ୍ରୀରାମପୁର ପଞ୍ଚାୟତର ସ୍ୱାଗତ ତୋରଣ ବେଆଇନ ଭାବେ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି ।

ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଶାସନ ରାଜସ୍ୱ ନିରୀକ୍ଷକ, ପଟ୍ଟାମୁଣ୍ଡାଇ ତହସିଲଦାର ଏବଂ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ ଦିଆଯାଇଛି । ଏଥି ସହ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ମଧ୍ୟ ଏତଲା ଦିଆଯାଇଛି ।

ଅଭିଯୋଗ ଅନୁଯାୟୀ, ଶାସନ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଅନୁସାରେ ଶାସନ ମୌଜାର ଖାତା ନଂ ୧୧୪୬, ପ୍ଲଟ ନଂ ୧୧୬୨ (କିସମ-ଗୋଚର) ଜମିରେ ଉକ୍ତ ତୋରଣ ନିର୍ମାଣ ହେଉଛି । ଏଥିପାଇଁ ତହସିଲଦାର କୌଣସି ଅନୁମତି ଦେଇ ନାହାଁନ୍ତି ବୋଲି ଲିଖିତ ଭାବେ ସ୍ପଷ୍ଟ କରିଛନ୍ତି ।

ବିଡ଼ିଓ ମଧ୍ୟ ଏହାକୁ ବେଆଇନ ଘୋଷଣା କରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମବାସୀଙ୍କ ବିରୋଧ ଏବଂ ଅଭିଯୋଗ ପରେ ଦୀର୍ଘ ଦିନ କାମ ବନ୍ଦ ରହିଥିଲା । କିନ୍ତୁ ଏବେ ବାଲିପାଟଣା ( ବଳଭଦ୍ରପୁର ) ଗ୍ରାମର ସୁଶୀଲ ସୂତାର ପୁନର୍ବାର ଜବରଦସ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ବିରୋଧ କଲେ ମଦୁଆ ଓ ଗୁଣ୍ଡା ଡାକି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗକାରୀ ଅର୍ଜୁନ କୁମାର ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଏହା ଦ୍ୱାରା ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ଆଶଙ୍କା ରହିଛି । ପୋଲିସ ଘଟଣାର ତଦନ୍ତ କରୁଛି ।

## ବିଧାୟକଙ୍କୁ ଓସ୍ମେଲିଆର ଦାବିପତ୍ର

ପାରାଦୀପ, (ଜପ୍ର) : ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଙ୍ଘ (ଓସ୍ମେଲିଆ ) ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟ ବିଧାୟକ ଜଗତସିଂହପୁରଅମରେନ୍ଦ୍ର ଦାସଙ୍କୁ ସାକ୍ଷାତ କରି ୨୦୦୮ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ପଞ୍ଚାୟତ ,ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ନୂତନ ଅନୁଦାନ ନୀତି ପ୍ରଣୟନ କରିବେ ବୋଲି ବିଧାୟକ ସୂଚନା ଦେଇଛନ୍ତି ।



ଜିଲ୍ଲା ସଂଯୋଜକ ଚଗଲି ଚରଣ ସୱାଇଁଙ୍କ ନେତୃତ୍ୱରେ ଏକ ବୈଠକ ସ୍ଥାନୀୟ ମାର୍କଣ୍ଡେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ କର୍ମଚାରୀ ବନ୍ଧୁମାନେ ଯୋଗ ଦେଇଥିଲେ ।

## ଦୁଇ ଗୋଷ୍ଠୀ ଗଣ୍ଡଗୋଳ, ଗାଁ ମଝିରେ ଅଟକିଛନ୍ତି ଗଣେଶ

ପାରାଦୀପ, (ଜିପ୍ର) : ଗାଁରେ ଗଣ୍ଡଗୋଳ, ରାସ୍ତା ମଝିରେ ୩୦ ଘଣ୍ଟା ହେବ ଅଟକିଛନ୍ତି ଗଣେଶ, ହେଇ ପାରୁନାହାନ୍ତି ବିସର୍ଜନ । ଏହିଭଳି ଅଭାବନୀୟ ଘଟଣା ଘଟିଛି ପାରାଦ୍ୱୀପ ଉପକଣ୍ଠ ଲକ ଥାନା ଅନ୍ତର୍ଗତ ନିମିଡ଼ି ଗ୍ରାମରେ । ଏହି ଗ୍ରାମର ନିତାଇ ଗୌର ୟୁଥ କ୍ଲବ ଦ୍ୱାରା ଗଣେଶ ପୂଜା ସମାପନ ପରେ ଗତ ୩ ତାରିଖ ମଧ୍ୟାନ ସମୟରେ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଥିଲା ।

ଗ୍ରାମ ପରିକ୍ରମା ସମୟରେ ଅପରପକ୍ଷ କ୍ଲବର କିଛି ଯୁବକ ନିତାଇ ଗୌର ୟୁଥ



କ୍ଲବ ର ଗଣେଶ ବିସର୍ଜନ ରେ ଯାଉଥିବା ଯୁବକ ମାନଙ୍କ ଉପରେ ହଟାତ ଅ ।ତର୍କିତ ଆକ୍ରମଣ କରିଥିଲେ । ଉଭୟ ଗୋଷ୍ଠୀ ଭିତରେ ବାକ ବିତଣ୍ଡା, ଠେଲା ପେଲା, ହାତା ହାତି ପର୍ଯ୍ୟନ୍ତ କଥା ଯାଇଥିଲା ବେଳେ, ଘଟଣା ସମୟରେ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ବିସର୍ଜନ ରେ ସାମିଲ ହୋଇଥିବା ଯୁବକମାନେ ଗଣେଶଙ୍କୁ ରାସ୍ତା ମଝିରେ ଛାଡି ପଳାୟନ କରିଥିଲେ । ଘଟଣାସ୍ଥଳ ରେ ପୋଲିସ ଦୀର୍ଘ ତିରିଶ ଘଣ୍ଟା ହେବ ଜଗି ବସିଥିବା ବେଳେ ବିଶୃଙ୍ଖଳା ଘଟାଇ ଥିବା ଗୋଷ୍ଠୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ନିତାଇ ଗୌର ଯୁବକ ସଂଗଠନ ଯୁବକ ମାନେ ଗଣେଶ ଙ୍କୁ ବିସର୍ଜନ ନ କରି ରାସ୍ତା ମଝିରେ ଛାଡି ଦେଇଛନ୍ତି । ଫଳରେ ତିରିଶ ଘଣ୍ଟାରୁ ଉର୍ଦ୍ଧ ହେବ ବିସର୍ଜନ ହେବାକୁ ଯାଉଥିବା ପ୍ରଭୁ ଗଣେଶ ନିମିଡ଼ି ଗ୍ରାମର ରାସ୍ତା ମଝିରେ ଅଟକି ରହିଛନ୍ତି । ଗ୍ରାମରେ ଏବେ ବି ଉତେଜନା ଲାଗି ରହିଥିବା ବେଳେ ଉଭୟ ଗୋଷ୍ଠୀ ଭିତରେ ଛକା ପଞ୍ଝା ସୃଷ୍ଟି ହୋଇଛି ।

## ଦୁଇ ଅବସରପ୍ରାପ୍ତ ସେନାଙ୍କୁ ସ୍ୱାଗତ

ଦାନଗଦି, (ସବ୍ୟୁ): ଯାଜପୁର ଜିଲ୍ଲା କଳିଙ୍ଗନଗର ଅଂଚଳର ଦୁଇ ଜଣ ଯୁବକ ଲାଦୁରା କାଲୁଣ୍ଡିଆ ଓ ବିକ୍ରମ ପୂର୍ତି ଭାରତୀୟ ସ୍ଥଳସେନାରେ ଦୀର୍ଘ ୨୨ବର୍ଷ କାର୍ଯ୍ୟ କରି ସାରିବା ପରେ ଗତ ୨୦୨୬ ମସିହା ସେପ୍ଟେମ୍ବର ୩୧ ତାରିଖ ରେ ଅବସର ହୋଇଥିଲେ। ଅବସର ହେବା ପରେ ସେମାନେ ନିଜ ନିଜ ଗ୍ରାମକୁ ଫେରିଥିଲେ। ସେମାନଙ୍କୁ କଳିଙ୍ଗନଗରବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେମାନେ ରେଳପଥ ଯୋଗେ ଯାଜପୁର ରୋଡ ରେଳ ଷ୍ଟେସନରେ ଅବତରଣ କରିବା ପରେ ଏକ ସ୍ୱତନ୍ତ୍ର ଗାଡିରେ ବିରାଟ ପଟୁଆର କରି କଳିଙ୍ଗନଗର ବୀରଭୂମି ଠାରେ ପହଂଚି ଥିଲେ। ସେଠାରେ ସେମାନଙ୍କୁ ଅଂଚଳର ସହିଦ ମାତା ସୀନି ସିଏ,ଅବସରପ୍ରାପ୍ତ ସ୍ଥଳସେନା ସାଧୁ ଚରଣ ଟୀୟୁ, ରଣଜି ଯାମୁଦା,ସାଧୁ ହନହାଗା, ନାର୍ଜି ହାଇବ୍ରୁ ଙ୍କ ସମେତ ଶତାଧିକ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ ଭାରତୀୟସ୍ଥଳସେନାଦ୍ୱୟ ପ୍ରଥମେ ବୀରଭୂମି ସ୍ଥିତ ସହିଦ ପୀଠକୁ ଯାଇ କଳିଙ୍ଗନଗର ଗୁଳିକାଣ୍ଡରେ ସହୀଦ ହୋଇଥିବା ବ୍ୟକ୍ତିଙ୍କ ସ୍ତମ୍ଭରେ ଧୂପ ଦ୍ୱୀପ ଓ ପୁଷ୍ପ ପ୍ରଦାନ କରିଥିଲେ। ସେଠାରୁ ସେମାନଙ୍କୁ ନିଜ ନିଜ ଘରକୁ ନେଇ ପହଂଚାଇଥିଲେ। ସୁଚନା ମୁତାବକ ୨୦୦୪ ମସିହାରେ କଳିଙ୍ଗନଗର ବାଲିଗୋଠ ଗ୍ରାମର ଲାଦୁରା କାଲୁଣ୍ଡିଆ ଓ ଫୁଲଝର ଗ୍ରାମର ବିକ୍ରମ ପୂର୍ତି ୬ ବିହାର ରେଜିମେଣ୍ଟ ରେ ଭାରତୀୟ ସ୍ଥଳସେନା ଭାବରେ ଯୋଗଦେଇଥିଲେ।

## ବ୍ୟାସନଗରରେ ଗାନ୍ଧୀ ଜୟନ୍ତୀ

ବ୍ାସନଗର, (ଜିପ୍ର): ବ୍ାସନଗରର ନୁ୍ୟ ମାର୍କେଟରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିଭିନ୍ନ ସଂଗଠନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । କଂଗ୍ରେସ ଓ ବିଜୁ ଜନତା ଦଳର ଦୁଇ ଗୋଷ୍ଠି ପକ୍ଷରୁ ଜୟନ୍ତୀ ପାଳନ କରାଯାଇଛି । କଂଗ୍ରେସର ବନ୍ଦିତା ପରିଡ଼ା, ତପନ କୁମାର ନାୟକ, ଦିଲୀପ କୁମାର ମଲିକ ପ୍ରମୁଖଙ୍କ ସମେତ ବହୁ ନେତା ଉପସ୍ଥିତ ରହିଥିଲେ । ବିଜୁ ଜନତା ଦଳର ନାରୀନେତ୍ରୀ ସବିତା ରାଉତ ଓ ଦଳୀୟ କାଉନସିଲର ଉପସ୍ଥିତ ଥିବା ବେଳେ ଦଳର ଅନ୍ୟଏକ ଗୋଷ୍ଠି ପକ୍ଷରୁ ସାଧାରଣ ସଂପାଦକ ମହେଶ ଧଳ, ଅଜୟ ସାହୁ, ପ୍ରମୋଦ କୁମାର ରାଉତ, ସରୋଜୀନ ବଳ, ଶ୍ରୀକାନ୍ତ ମହାନ୍ତି, ଗୋବିନ୍ଦ ଜେନା, ବିଚିତ୍ରାନନ୍ଦ ମହାନ୍ତି, ହରିହର ଜେନା, ଦୀପକ କୁମାର ପହୀ, ରୁଦ୍ରମଣି ମୁଖି ଓ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ ।

### ପାଳିତ ହେଉଛି ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ

## ବୈରୀ-ଡାଳିଯୋଡା ବନାଞ୍ଚଳରେ ବନ୍ୟଜନ୍ତୁ ଅସୁରକ୍ଷିତ !

ଚଣ୍ଡିଖୋଲ, (ସବ୍ୟୁ) : ଜଙ୍ଗଲ ଓ ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏବେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ରାଜ୍ୟରେ ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ହେଲେ ଯାଜପୁର ଜିଲ୍ଲା ଅଧିନ କଟକ ବନଖଣ୍ଡର ବୈରୀ ଡାଳିଯୋଡା ବନାଞ୍ଚଳରେ ଏହି ସୁରକ୍ଷା ସପ୍ତାହ ନିର୍ଦ୍ଧାରିତ ତାରିଖର ସପ୍ତାହେ ପୂର୍ବରୁ ଆଗୁଆ ପାଳନ କରାଯାଉଥିବା ଦେଖାଯାଇଛି । ବୈରି ଡାଳିଯୋଡା ବନାଞ୍ଚଳ ଅଧିକାରୀ ଓ ଚଣ୍ଡିଖୋଲ ବନପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରୁଣାବନ୍ତ ପର୍ବତର ମହାବିୟକ ମନ୍ଦିର ନିକଟ ବନ ବିଭାଗର ଜଙ୍ଗଲଶୋଭା ପରିସରରେ ଏହି ସୁରକ୍ଷା ସପ୍ତାହ ପାଳିତ ହେଉଥିବା ଦେଖାଯାଇଛି । ତେବେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ସ୍ଥାନୀୟ ଅଧିକାରୀ ସେଥିପ୍ରତି କେତେ ସଚେତନ ତାହା ସାଧାରଣରେ ଆଲୋଚନା ହେଉଛି । ବିଡମ୍ବନାର ବିଷୟ ଯେ ଦୀର୍ଘ ଦିନ ହେବ ବୈରୀ ଡାଳିଯୋଡା ବନାଞ୍ଚଳ ଅନ୍ତର୍ଗତ ବଳରାମପୁର,ପନ୍ତୁରୀ, କୁଶୁନପୁର,ଅଞ୍ଜିରା ସମେତ ଅଧିକାଂଶ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଓ ତତ୍ ସଲଗ୍ନ ପାହାଡ ଗୁଡିକରେ କଳାପଥର ଚୋରି ଚାଲିଥିବାରୁ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବା ସାଙ୍ଗକୁ ସେହିସବୁ ଜଙ୍ଗଲରେ ରହୁଥିବା ବିଭିନ୍ନ ପ୍ରକାର ଦୁର୍ଲ୍ଲଭ ଜୀବଯନ୍ତୁ ଅସୁରକ୍ଷିତ ହୋଇପଡିଛି ।

ବେଆଇନ ପଥରଖନନ ଓ ପରିବହନ ଯୋଗୁଁ ସେଠାରେ ଶକ୍ତିଶାଳୀ ବିସ୍ଫୋରଣ ସହିତ ବଡବଡ ମେସିନ ଓ ଭାରିଯାନ ଗର୍ଜନରେ ଦୈନନ୍ଦିନ ଜଙ୍ଗଲି ଜୀବଯନ୍ତୁଙ୍କ ମୃତ୍ୟୁ ଘଟୁଥିବା ବେଳେ ସେମାନେ ଭୟଭିତ ହୋଇ ଗାଁ ଗଣ୍ଡାରେ ବିଚରଣ କରୁଛନ୍ତି । ସେହିପରି ବଡଚଣା ବ୍ଲକ ଅଧିନ ମହାବିନାୟକ,ବାରୁଣାବନ୍ତ ଓ ପଶ୍ଚିମାଞ୍ଚଳର ଘଞ୍ଚ ଜଙ୍ଗଲରେ ରହୁଥିବା ଜୀବଯନ୍ତୁ ବେଆଇନ ମୋରମ ଓ ମାଙ୍କଡାପଥର ଖନନ ଫଳରେ ଅସୁରକ୍ଷିତ ହୋଇପଡିଛନ୍ତି । ଏହି ଜଙ୍ଗଲରେ ଶୀକାରୀ ମାନଙ୍କ ଦ୍ୱାରା ଜଙ୍ଗଲିଜୀବଙ୍କ ଶୀକାର ହୋଇ ମାଂସ ବାହାରକୁ ଚାଲାଣ ହେଉଥିଲେ ମଧ୍ୟ ସେଥିପ୍ରତି ସ୍ଥାନୀୟ ଜଙ୍ଗଲ ଅଧିକାରୀ ମାନଙ୍କ ଦୃଷ୍ଟି ନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଏହି ଜଙ୍ଗଲରେ ବହୁ ସମୟରେ ବାରହା,କୁଟୁରା,ହରିଣ,ସମ୍ବର ପ୍ରଭୃତି ଜଙ୍ଗଲି ଜୀବଙ୍କ ସନ୍ଦେହ ଜନକ ମୃତ୍ୟୁ ହେଉଥିବା ବେଳେ ଘଟଣାର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ବିଭାଗୀୟ ଅଧିକାରୀ ମୃତ ଜୀବଯନ୍ତୁଙ୍କ ଶବକୁ ତରବରିଆ ଭାବେ ପୋତିଦେଇ ଘଟଣାକୁ ଲୁଚାଇ ଦେଉଥିବା ଅଭିଯୋଗ ହୋଇଛି ।

ଗତ କିଛିଦିନ ପୂର୍ବରୁ ବୈରୀ ଥାନା ଅଞ୍ଚଳ ଜଙ୍ଗଲରେ ଏପରି ଘଟଣା ଘଟିଥିଲାବେଳେ ଗତ ସେପ୍ଟେମ୍ବର ୯ ତାରିଖ ରାତିରେ ବାରୁଣାବନ୍ତ ଜଙ୍ଗଲରେ ଏକସଙ୍ଗେ ୪ଟି ଦୁର୍ଲ୍ଲଭ ବାରହା ମରି ପଡିଥିବା ଦେଖାଯାଇଥିଲା । ଏପରିକି ମୃତ ବାରହାଗୁଡିକ ଯେଉଁଠି ମରି ପଡିଥିଲେ ସେଠାରେ ନିଆଁ ଜଳୁଥିବା ଓ ପାଖରେ ପାଣି ଭର୍ତ୍ତି ପାତ୍ର ରହିଥିବା ଦେଖିବାକୁ ମିଳିଥିଲା । ବାହାରକୁ ମାଂସ ଚୋରା ଚାଲାଣ ପାଇଁ ଏହିସବୁ ବାରହା ଗୁଡିକୁ ଶିକାର କରାଯାଇ ଥିବା ସାଧାରଣରେ ଆଲୋଚନା ହେଉଥିଲେ ମଧ୍ୟ ଜଙ୍ଗଲ ବିଭାଗ ଅଧିକାରୀମାନେ ଘଟଣାର ଉପଯୁକ୍ତ ତଦନ୍ତ ନକରି ତରବରିଆ ଭାବେ ମୃତ ବାରହା ଗୁଡିକୁ ମାଟିତଳେ ପୋତିଦେଇ ଚୁପହୋଇ ବସିଯାଇ ଥିଲେ ।

ଜଙ୍ଗଲ ବିଭାଗ ଅଧିକାରୀମାନଙ୍କ ଏପରି ଖାମଖିଆଲି କାର୍ଯ୍ୟକୁ ନେଇ ପରିବେଶବୀତ ଓ ଜଙ୍ଗଲପ୍ରେମୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି ଘଟଣାର ପ୍ରକୃତ ସତ୍ୟ ଜାଣିବା ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀ ସାମାନ୍ୟ ଚେଷ୍ଟା କରିନଥିବା ଅଭିଯୋଗ ହୋଇଛି । ତେବେ ଉକ୍ତ ବନାଞ୍ଚଳରେ ଜଙ୍ଗଲ ଧ୍ୱଂସ ସହିତ ଜଙ୍ଗଲି ଜୀବଯନ୍ତୁଙ୍କ ଜୀବନ ବିପନ୍ନ ହୋଇ ଚାଲିଥିବା ସ୍ଥଳେ ଧର୍ମକୁ ଆଖିଠାର ନିତିରେ ବିଭାଗ ପକ୍ଷରୁ ଏଠାରେ ମାମକୁ ମାତ୍ର ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳନ ଏକ ପ୍ରହସନ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଅଟଳ ସେନା ପକ୍ଷରୁ ଦୁଇ ମହାପୁରୁଷଙ୍କ ଜୟନ୍ତୀ ପାଳିତ

ସାଲେପୁର, (ସବ୍ୟୁ) : ଅଟଳ ସେନା ଓଡ଼ିଶା ପକ୍ଷରୁ ଜାତିର ଜନକ ମହାତ୍ମାଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସାଲେପୁର ନିକଟସ୍ଥ ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟ ସଭାଗୃହ ପିକୋଳ ଠାରେ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଅଛି ।

ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ଉମେଶ ଚନ୍ଦ୍ର ପତି ଯୋଗ ଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଭଳି ନିଜକୁ ଗଢ଼ି ତୋଳିବାକୁ ଅଟଳ ସୈନିକ ମାନଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଅଟଳ ସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡଃ ପ୍ରଭାତ କିଶୋର ନାୟକ ଯୋଗ ଦେଇ ଦେଶ



ସ୍ୱାଧୀନତାରେ ଉଭୟ ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ ।

ସମ୍ମାନୀୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ କିଶୋର ମହାନ୍ତି ,ଭିକାରୀ ଚରଣ ବେହେରା, ସମାଜସେବୀ ମଇନା ବେହେରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷାବି୍ ଝରି ସୁନ୍ଦର୍ ମଲ୍ଲିକ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସସ୍ମିତା ବେହେରା, ରୁକ୍ସାର୍ ବେଗମ, କୃଷ୍ଣଚନ୍ଦ୍ର ଦାସ, ସନ୍ତୋଷ ସାମଲ, ଦୀପା ମଲ୍ଲିକ , ପୁରସ୍ତମ ବେହେରା, ସୌଦାମିନୀ ମଲ୍ଲିକ, ସସ୍ମିତା ମଲ୍ଲିକ, ମେଘନା ବେହେରା ସହଯୋଗ କରିଥିଲେ । ଧ୍ରୁବାନନ୍ଦ ଶରଣ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଜୁଲତା ମଲ୍ଲିକ ଧନ୍ୟାଦ ଅର୍ପଣ କରିଥିଲେ ।

# ସମ୍ପାଦକୀୟ

## ତିରିଶ ବର୍ଷ ତଳର କଥା

ତିରିଶ ବର୍ଷ ତଳର କଥା । 'ସମୟ' ଜନ୍ମ ନେଇଥାଏ ଅକ୍ଟୋବର ଦୁଇ ତାରିଖ ଗାନ୍ଧି ଜୟନ୍ତୀରେ । ସେ ସବୁ କଥା ପୁରୁଣା ହୋଇଗଲାଣି । ବେଶୀ ପୁରୁଣା ନୁହେଁ, ତଥାପି ଏହାର ପ୍ରତିଷ୍ଠାତା ବସନ୍ତ କୁମାର ବିଶ୍ୱାଳଙ୍କ ଆନ୍ତରିକତା ଓ ନିଷ୍ଠାକୁ ଭୁଲି ହେବ ନାହିଁ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସେ ମନ୍ତ୍ରୀ ହୋଇଥିଲେ । ପରେ ପ୍ରତ୍ୟକ୍ଷ ନିର୍ବାଚନରେ ଭାଗ ନ ନେଇ ସେ କଂଗ୍ରେସ ଦଳର କର୍ମକର୍ତ୍ତା ଥିଲେ । ତାଙ୍କ ପରି ଜଣେ ଉତ୍ସାହୀ ଓ ନିଷ୍ଠାପର ଯୁବକଙ୍କ ସହ ଭେଟ ହେବାରୁ ପ୍ରଜାତନ୍ତ୍ରର ପ୍ରତିଷ୍ଠାତା ଡଃ ହରେକୃଷ୍ଣ ମହତାବ ତାଙ୍କୁ ସେଦିନ ଭଲ ପାଇଥିଲେ । ତେଣୁ ପ୍ରଜାତନ୍ତ୍ର ପ୍ରଚାର ସମିତିର ଅଧ୍ୟକ୍ଷ ଥିବାବେଳେ ଡକ୍ଟର ମହତାବ ତାଙ୍କର ସମ୍ବାଦପତ୍ର ପରିଚାଳନାକୁ ଶୃଙ୍ଖଳିତ କରି ସେଥିରେ ସଂସ୍କାର ଆଣିବାକୁ ସେ ବସନ୍ତ ବାବୁଙ୍କୁ ଡାକି 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର କାର୍ଯ୍ୟକାରୀ ଅଧ୍ୟକ୍ଷ କରାଇଥିଲେ । ପ୍ରଜାତନ୍ତ୍ରର ଆର୍ଥିକ ଅସୁବିଧାକୁ ବୁଦ୍ଧି ପ୍ରୟୋଗ କରି ବସନ୍ତ ବାବୁ ଦୂର କରିଥିଲେ । ସେତେବେଳେ ଯଦିଓ 'ସମାଜ' ସର୍ବପୁରାତନ ଦୈନିକ ଥାଏ ତା' ତଳକୁ 'ପ୍ରଜାତନ୍ତ୍ର' ମଧ୍ୟ 'ସମାଜ' ସହିତ ପ୍ରତିଦ୍ୱନ୍ଦିତା କରି ଚାଲିଥାଏ । 'ସମ୍ବାଦ' ନୂଆ ହୋଇ ପ୍ରକାଶ ପାଉଥାଏ, ମାତ୍ର ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବେଶ କରି ପାରି ନଥାଏ । କୌଣସି କାରଣରୁ ବସନ୍ତ ବାବୁ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର କାର୍ଯ୍ୟକାରୀ ଅଧ୍ୟକ୍ଷ ପଦରୁ ଅବ୍ୟାହତି ନେଲେ । ଡଃ ମହତାବଙ୍କର ମଧ୍ୟ ଦେହାନ୍ତ ହୋଇଥିଲା ।

ନିଜେ ଲେଖକ ନଥିଲେ ମଧ୍ୟ ସାହିତ୍ୟିକ, ଲେଖକ, କଳାକାର ଓ ସାମ୍ବାଦିକମାନଙ୍କ ପାଇଁ ବସନ୍ତ ବାବୁଙ୍କର ଖୁବ୍ ଦୁର୍ବଳତା ଥିଲା । ସାହିତ୍ୟ ଓ ସମ୍ବାଦପତ୍ରକୁ ସେ ଖୁବ୍ ଭଲ ପାଉଥିଲେ । ସାରଳା ସାହିତ୍ୟ ସଂସଦର ସଭାପତି ପଦ ମଣ୍ଡନ କରି ସେ କଟକ ସହରରେ ସାରଳା ଭବନ ପରି ଏକ ବିରାଟ ହର୍ମ୍ୟ ନିର୍ମାଣ କରାଇ ପାରିଥିଲେ ।

ଏହା ପରେ ସେ ନିଜେ ଗୋଟିଏ ଅତ୍ୟାଧୁନିକ ସମ୍ବାଦପତ୍ରର ପରିକଳ୍ପନା କରିଥିଲେ । ୧୯୯୬ରେ ଗାନ୍ଧୀ ଜୟନ୍ତୀରୁ ପ୍ରକାଶ ପାଇଥିବା 'ସମୟ' ପରେ ଓଡ଼ିଶାର ପ୍ରଥମ ରଙ୍ଗୀନ ସମ୍ବାଦପତ୍ର ହେବାର ମର୍ଯ୍ୟାଦା ଲାଭ କରିଥିଲା । ଅନ୍ୟ ସମ୍ବାଦପତ୍ରମାନେ ଏପରି କାର୍ଯ୍ୟର ପ୍ରଶଂସା ପରୋକ୍ଷରେ କରିଥିଲେ । ଲେଖକ ସାତକଡ଼ି ହୋତା ଏହାର ସମ୍ପାଦକ ରହିଲେ ଏବଂ 'ଆଶୀର୍ବାଦ ପ୍ରକାଶନ ପ୍ରାଇଭେଟ ଲିମିଟେଡ଼' ପକ୍ଷରୁ ବସନ୍ତ ବାବୁ ଏହାର ଉପଦେଷ୍ଟା ରହିଥିଲେ । ଏ ଲେଖକ ଆରମ୍ଭରୁ ଏହି ସମ୍ବାଦପତ୍ର ସହିତ ଜଡ଼ିତ ହୋଇଥିଲା । ଏହାର ଭୁବନେଶ୍ୱରର ଦାୟିତ୍ୱରେ ଏ ଲେଖକକୁ ପରେ ରଖାଗଲା । ସେ ସମୟରେ ବସନ୍ତ ବାବୁଙ୍କ ଜ୍ୟେଷ୍ଠ ପୁତ୍ର ଚିରଞ୍ଜୀବ ବିଶ୍ୱାଳ ଓ କନିଷ୍ଠ ପୁତ୍ର ରଞ୍ଜୀବ ବିଶ୍ୱାଳ ଏହି ସମ୍ବାଦପତ୍ରର ପ୍ରତ୍ୟକ୍ଷ ପରିଚାଳନାରେ ଆମମାନଙ୍କୁ ପରାମର୍ଶ ଦେଉଥିଲେ । ତେଣୁ କୌଣସି ଅସୁବିଧା ପ୍ରାୟ ହେଉ ନଥିଲା । ପରେ ବସନ୍ତ ବାବୁଙ୍କର ଏହି ଦୁଇ ସୁପୁତ୍ର ରାଜନୀତି କ୍ଷେତ୍ରରେ ପ୍ରବେଶ କରି ସୁନାମ ଅର୍ଜନ ମଧ୍ୟ କରିଥିଲେ ।

> **କୋଭିଡ୍ ମହାମାରୀ ସମୟରେ 'ସମୟ' ସମ୍ବାଦପତ୍ର କେବଳ ନୁହେଁ, ଅଧିକାଂଶ ସମ୍ବାଦପତ୍ର ମଧ୍ୟ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲେ । 'ସମୟ' ବହୁ କଷ୍ଟରେ ନିଜ ଗୋଡ଼ରେ ଛିଡା ହୋଇ ବଞ୍ଚି ରହିବାକୁ ସଂଘର୍ଷ ଜାରି ରଖିଛି ଏବେ ବି । ଚିରଞ୍ଜୀବ ଓ ରଞ୍ଜୀବଙ୍କସମେତ ବସନ୍ତ ବାବୁଙ୍କର ଦୁଇ ବୋହୂ ତେଜଲ ଦେବୀ ଓ ଅନିତା ଦେବୀ ଏବେ ଏହାର ପରିଚାଳନା ଦାୟିତ୍ୱରେ । ଅନିତା ଦେବୀ ଏହାର ଦୈନନ୍ଦିନର ପରିଚାଳନା ହାତକୁ ନେଇ ଏହାର ନିର୍ଦ୍ଦେଶିକାର ଦାୟିତ୍ୱ ବହନ କରିଛନ୍ତି ଏବେ । ... କେବଳ ସମୟ ହିଁ 'ସମୟ'ର ସଫଳତା ପଥରେ ପ୍ରେରଣା ଏବଂ ଈଶ୍ୱରଙ୍କ ଆଶୀର୍ବାଦ ହିଁ ଆଶୀର୍ବାଦ ପ୍ରକାଶନକୁ ଆଗେଇ ନେଇ ପାରିବ ବୋଲି ଆମମାନଙ୍କର ଆଶା ଓ ବିଶ୍ୱାସ ।**

ପରିବର୍ତ୍ତିତ ପରିସ୍ଥିତିରେ ସେମାନେ ରାଜନୀତିରେ ଥିଲେ ମଧ୍ୟ ପ୍ରତ୍ୟକ୍ଷ ରାଜନୀତିରେ ଏବେ ପ୍ରବେଶ କରିନାହାନ୍ତି । ହୁଏ ତ ଭବିଷ୍ୟତରେ ପ୍ରବେଶ କରିବେ । ବସନ୍ତ ବାବୁ ଆଉ ନାହାନ୍ତି ଆମ ଗହଣରେ । ତାଙ୍କର ସହଧର୍ମିଣୀ ମୀରା ଦେବୀ ମଧ୍ୟ ନାହାନ୍ତି । କୋଭିଡ୍ ମହାମାରୀ ସମୟରେ 'ସମୟ' ସମ୍ବାଦପତ୍ର କେବଳ ନୁହେଁ, ଅଧିକାଂଶ ସମ୍ବାଦପତ୍ର ମଧ୍ୟ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲେ । 'ସମୟ' ବହୁ କଷ୍ଟରେ ନିଜ ଗୋଡ଼ରେ ଛିଡା ହୋଇ ବଞ୍ଚି ରହିବାକୁ ସଂଘର୍ଷ ଜାରି ରଖିଛି ଏବେ ବି । ଚିରଞ୍ଜୀବ ଓ ରଞ୍ଜୀବଙ୍କସମେତ ବସନ୍ତ ବାବୁଙ୍କର ଦୁଇ ବୋହୂ ତେଜଲ ଦେବୀ ଓ ଅନିତା ଦେବୀ ଏବେ ଏହାର ପରିଚାଳନା ଦାୟିତ୍ୱରେ । ଅନିତା ଦେବୀ ଏହାର ଦୈନନ୍ଦିନର ପରିଚାଳନା ହାତକୁ ନେଇ ଏହାର ନିର୍ଦ୍ଦେଶିକାର ଦାୟିତ୍ୱ ବହନ କରିଛନ୍ତି ଏବେ । 'ସମୟ'ରୁ ଅବ୍ୟାହତି ନେବା ପରେ ଦୀର୍ଘ ଦିନ ପରେ ଏ ଲେଖକ ଏବେ ଫେରି ଆସିଛି ଏହାର ମୁଖ୍ୟ ସମ୍ପାଦକର ଦାୟିତ୍ୱ ବହନ କରି । ଏହାର ପ୍ରକାଶନ ଦାୟିତ୍ୱରେ ସତ୍ୟ ନାରାୟଣ, ସମ୍ପାଦନା ଦାୟିତ୍ୱରେ ପପୁ ଓ ସାଧାରଣ ପରିଚାଳନା ଦାୟିତ୍ୱରେ ପ୍ରଦୀପ୍ତ କୁମାର ଏବଂ ଅର୍ଥ ପରିଚାଳନା ଦାୟିତ୍ୱରେ ବିଜନ ପ୍ରଭୃତି ରହି 'ସମୟ'ର ପୂର୍ବ ସୁନାମକୁ ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଛନ୍ତି । କେବଳ ସମୟ ହିଁ 'ସମୟ'ର ସଫଳତା ପଥରେ ପ୍ରେରଣା ଏବଂ ଈଶ୍ୱରଙ୍କ ଆଶୀର୍ବାଦ ହିଁ ଆଶୀର୍ବାଦ ପ୍ରକାଶନକୁ ଆଗେଇ ନେଇ ପାରିବ ବୋଲି ଆମମାନଙ୍କର ଆଶା ଓ ବିଶ୍ୱାସ ।

ତିରିଶ ବର୍ଷରେ 'ସମୟ' ପାଦ ପକାଇବା ବେଳେ ଏହାର ପ୍ରିୟ ଲେଖକ/ଲେଖିକା, ପାଠକ/ପାଠିକାଙ୍କୁ ତଥା ବିଜ୍ଞାପନଦାତାଙ୍କୁ ଆମେ ସ୍ମରଣ କରି କୃତଜ୍ଞତା ଜ୍ଞାପନ କରୁଛୁ ।।

(ଗୁରୁକଲ୍ୟାଣ ମହାପାତ୍ର)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# କର୍ପୋରେଟ୍ ଜଗତ ପାଇଁ ଗାନ୍ଧିଙ୍କ ଦିଗ୍‌ଦର୍ଶନ



**ତେଜେଶ୍ୱର ପଟ୍ଟନାୟକ**

ମହାତ୍ମା ଗାନ୍ଧିଙ୍କ ଜୀବନ ଓ ନେତୃତ୍ୱ ଆଜି ମଧ୍ୟ ଦେଶ ଓ ବିଦେଶରେ ଅଧ୍ୟୟନର ବିଷୟ ଅଟେ । ତାଙ୍କ ସତ୍ୟନିଷ୍ଠା, ସଚ୍ଚୋଟତା, ଅହିଂସା, ସରଳ ଜୀବନଶୈଳୀ, ଆତ୍ମସଂଯମ, ସାହସିକତା, ସହାନୁଭୂତି ଓ ସେବାର ଆଦର୍ଶ କେବଳ ରାଜନେତାଙ୍କ ପାଇଁ ନୁହେଁ, ଆଧୁନିକ ପରିଚାଳନା ଓ କର୍ପୋରେଟ୍ ଜଗତର ନେତୃବୃନ୍ଦଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ବହନ କରେ ।

ଆଜି ଦେଶବିଦେଶର ଅନେକ ପରିଚାଳନା ଓ ବୃତ୍ତିଗତ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଗାନ୍ଧିଙ୍କ ନେତୃତ୍ୱ ପଦ୍ଧତିର ଅଧ୍ୟୟନ କରାଯାଉଛି । ଯେକୌଣସି ସଂଗଠନ, ଯଥା-ରାଜନୈତିକ ଦଳ, ସରକାରୀ ବା ବେସରକାରୀ ଅନୁଷ୍ଠାନର ସଫଳତା ପାଇଁ ନେତୃତ୍ୱର ଗୁରୁତ୍ୱ ଅତ୍ୟଧିକ । ପ୍ରଭାବଶାଳୀ ନେତୃତ୍ୱ ବିନା କୌଣସି ସଂଗଠନ କିମ୍ବା ଦଳ ସୁରୁଖୁରୁରେ ଚାଲିପାରେ ନାହିଁ ।

ପ୍ରସିଦ୍ଧ ଆମେରିକୀୟ ଲେଖକ ଓ ବକ୍ତା ଜନ୍ ମ୍ୟାକ୍ସୱେଲ୍ କହିଛନ୍ତି, ନେତୃତ୍ୱ କେବଳ ପଦବୀ, ଅଧିକାର କିମ୍ବା ସଂଗଠନର ଚାର୍ଟ ସହ ଜଡ଼ିତ ନୁହେଁଛ ଏହା ହେଉଛି ଗୋଟିଏ ଜୀବନ ଅନ୍ୟ ଜୀବନକୁ ପ୍ରଭାବିତ କରିବାର କ୍ଷମତା । ଜଣେ ନେତା ସେହି ବ୍ୟକ୍ତି, ଯିଏ ନିଜେ ପଥ ଜାଣନ୍ତି, ସେହି ପଥରେ ଆଗେଇ ଚାଲନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ସେହି ପଥ ଦେଖାନ୍ତି ।

ନେତୃତ୍ୱ କେବଳ ଏକ ପଦବୀ କିମ୍ବା କ୍ଷମତା ନୁହେଁ । ଲୋକଙ୍କୁ ପ୍ରେରଣା ଦେବା, ବିଶ୍ୱାସ ସୃଷ୍ଟି କରିବା, ଠିକ୍ ଦିଗ ଦେଖାଇବା ଏବଂ ନିଜ ଆଚରଣ ଦ୍ୱାରା ଉଦାହରଣ ସୃଷ୍ଟି କରିବା ହେଉଛି ପ୍ରକୃତ ନେତୃତ୍ୱ । ଏହି ପରିପ୍ରେକ୍ଷୀରେ ଗାନ୍ଧି କୌଣସି ସରକାରୀ କିମ୍ବା ଔପଚାରିକ କ୍ଷମତାର ପଦବୀରେ ନଥାଇ ମଧ୍ୟ ଏହି ଗୁଣଗୁଡ଼ିକ ଦ୍ୱାରା କୋଟି କୋଟି ଲୋକଙ୍କୁ ପ୍ରଭାବିତ କରିଥିଲେ । ତାଙ୍କ ପ୍ରେରଣାଦାୟକ ଓ ପ୍ରଭାବଶାଳୀ ନେତୃତ୍ୱ ପାଇଁ ଅନେକ ଲେଖକ ତାଙ୍କୁ 'ମ୍ୟାନେଜମେଣ୍ଟ ଗୁରୁ' ଭାବରେ ଦେଖନ୍ତି ।

ଗାନ୍ଧିଙ୍କ ନେତୃତ୍ୱର ମୂଳ ଆଧାର ଥିଲା ସତ୍ୟ ଓ ଅହିଂସା । ପରିସ୍ଥିତି ଯେତେ କଠିନ ହେଉ, ସେ ସତ୍ୟର ପଥରୁ ବିଚ୍ୟୁତ ହେଉ ନଥିଲେ । ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସେ ଦୃଢ଼ ଭାବେ ଠିଆ ହୋଇଥିଲେ, କିନ୍ତୁ ହିଂସାର ଆଶ୍ରୟ ନେଇନଥିଲେ । ନିଜ ପାଇଁ କ୍ଷମତା ହାସଲ କରିବା ତାଙ୍କ ଲକ୍ଷ୍ୟ ନଥିଲା ବରଂ ସାଧାରଣ ଲୋକଙ୍କୁ ସଶକ୍ତ କରିବା ଓ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କୁ ସାମିଲ କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । ୧୮୯୩ ରୁ ୧୯୧୪ ମସିହା ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ ନିଜର ୨୧ ବର୍ଷର ଅବସ୍ଥାନ କାଳରେ, ଭାରତୀୟମାନଙ୍କ ପ୍ରତି କରାଯାଉଥିବା ଭେଦଭାବମୂଳକ ଆଚରଣ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଇ ଗାନ୍ଧି ପ୍ରଥମେ ନିଜର ନେତୃତ୍ୱର ପରିଚୟ ଦେଇଥିଲେ । ଦକ୍ଷିଣ ଆଫ୍ରିକାରେ ତାଙ୍କର ସତ୍ୟାଗ୍ରହ ମଧ୍ୟ ସଫଳ ହୋଇଥିଲା, କାରଣ ସେଠାକାର ସରକାର ଅଧିକାଂଶ ଦାବିଗୁଡ଼ିକୁ ମାନି ନେଇଥିଲେ ।

ପରବର୍ତ୍ତୀ ସମୟରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅନେକ ଘଟଣା ତାଙ୍କ ବଳିଷ୍ଠ ନେତୃତ୍ୱର ପରିଚୟ ଦେଇଥାଏ । ୧୯୨୦-୨୨ ମସିହାର ଅସହଯୋଗ ଆନ୍ଦୋଳନ ସମୟରେ ସେ ବ୍ରିଟିଶ ସରକାରୀ ସଂସ୍ଥା, ସେବା ଓ ବିଦେଶୀ ସାମଗ୍ରୀ ବର୍ଜନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ । ନିଜେ ଆଇନ ବୃତ୍ତି ଛାଡ଼ି ସେ ନିଜ କଥାକୁ କାର୍ଯ୍ୟରେ ପରିଣତ କରିଥିଲେ ।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ଗାନ୍ଧିଙ୍କ ଦାଣ୍ଡୀ ଯାତ୍ରା ତାଙ୍କ ନେତୃତ୍ୱର ଆଉ ଏକ ଉଜ୍ଜ୍ୱଳ ଉଦାହରଣ । ସାବରମତୀ ଆଶ୍ରମରୁ ଦାଣ୍ଡୀ ପର୍ଯ୍ୟନ୍ତ ପଦଯାତ୍ରା କରି ସେ ବ୍ରିଟିଶ ଲବଣ ଆଇନକୁ ଅମାନ୍ୟ କରିଥିଲେ ।

ଏକ ସାଧାରଣ ବିଷୟ-ଲୁଣ ଉପରେ କର-କୁ ସେ ଦେଶବ୍ୟାପୀ ପ୍ରତିରୋଧର ଏକ ବଡ଼ ପ୍ରତୀକରେ ପରିଣତ କରିଥିଲେ ଏବଂ ଲକ୍ଷ ଲକ୍ଷ ସାଧାରଣ ଜନତାଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଯୋଡ଼ିଥିଲେ ।

ଆଧୁନିକ କର୍ପୋରେଟ୍ ଜଗତର ବୋର୍ଡର ନିର୍ଦ୍ଦେଶକ ଓ ନେତୃତ୍ୱ ପାଇଁ ଗାନ୍ଧିଙ୍କ ଏକ ପ୍ରମୁଖ ଶିକ୍ଷା ହେଉଛି ଲକ୍ଷ୍ୟର ସ୍ୱଷ୍ଟତା । ଭାରତର ସ୍ୱାଧୀନତା ଥିଲା ଗାନ୍ଧିଙ୍କର ସ୍ୱଷ୍ଟ ଲକ୍ଷ୍ୟ । ସେ ଏହି ଲକ୍ଷ୍ୟକୁ ସାଧାରଣ ଲୋକଙ୍କ ଲକ୍ଷ୍ୟରେ ପରିଣତ କରି ପାରିଥିଲେ । ଜାତୀୟ ଲକ୍ଷ୍ୟକୁ ଏକ ସାମୂହିକ ଅଭିଯାନରେ ପରିଣତ କରିବା ତାଙ୍କ ନେତୃତ୍ୱର ଏକ ବଡ଼ ସଫଳତା ଥିଲା ।

ଠିକ୍ ସେହିପରି, ଏକ ସଂଗଠନର ସ୍ୱଷ୍ଟ ଲକ୍ଷ୍ୟ ଓ ଦୃଷ୍ଟିକୋଣ ରହିବା ଆବଶ୍ୟକ । କର୍ମଚାରୀମାନେ କେବଳ କ'ଣ କରିବାକୁ ହେବ ତାହା ନୁହେଁ, କାହିଁକି କରିବାକୁ ହେବ ତାହା ମଧ୍ୟ ବୁଝିବା ଆବଶ୍ୟକ ।

ଗାନ୍ଧି ନିଜ ଭୁଲକୁ ସ୍ୱୀକାର କରିବା ଓ ସେଥିରୁ ଶିଖିବାର ଗୁରୁତ୍ୱ ମଧ୍ୟ ଦେଖାଇ ଥିଲେ । ସେ ନିଜ ବ୍ୟକ୍ତିଗତ ଜୀବନ ଓ ନିଷ୍ପତ୍ତିକୁ ନେଇ ନିଜକୁ ନିଜେ ପରୀକ୍ଷା ଓ ଆତ୍ମଚିନ୍ତନର ଅଭ୍ୟାସ କରୁଥିଲେ । ଏହା ଆଜିର ନେତାମାନଙ୍କ ପାଇଁ ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା । ଜଣେ ନେତା ସବୁବେଳେ ଠିକ୍ ହେବେ ଏହା ଆବଶ୍ୟକ ନୁହେଁ, କିନ୍ତୁ ନିଜ ଭୁଲରୁ ଶିଖି ଆଗକୁ ବଢ଼ିବା ଆବଶ୍ୟକ ।

ଗାନ୍ଧିଙ୍କ ଜୀବନର ଆଉ ଏକ ବଡ଼ ଶିକ୍ଷା ହେଉଛି ନିଜେ ଉଦାହରଣ ହେବା । ସେ ଯାହା କହୁଥିଲେ, ତାହାକୁ ନିଜ ଜୀବନରେ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ଚେଷ୍ଟା କରୁଥିଲେ । ତାଙ୍କ ନୀତିଗୁଡ଼ିକ କେବଳ ଭାଷଣର ବିଷୟ ନଥିଲା ସେ ନିଜ ଜୀବନରେ ସେଗୁଡ଼ିକୁ ପ୍ରୟୋଗ କରୁଥିଲେ । ତେଣୁ ତାଙ୍କ ଆଚରଣ ତାଙ୍କ କଥାକୁ ବିଶ୍ୱସନୀୟତା ଦେଇଥିଲା ।

ଆଜିର ରାଜନେତା, ଶିଳ୍ପପତି, ସରକାରୀ ଓ ବେସରକାରୀ ସଂସ୍ଥାରେ ଅବସ୍ଥାପିତ ଉଚ୍ଚପଦସ୍ଥ ଅଧିକାରୀମାନେ ଯଦି କର୍ମଚାରୀଙ୍କଠାରୁ ସଚ୍ଚୋଟତା, ଶୃଙ୍ଖଳା ଓ ଦାୟିତ୍ୱବୋଧ ଆଶା କରନ୍ତି, ତେବେ ସେମାନଙ୍କୁ ନିଜ ଆଚରଣରେ ମଧ୍ୟ ସେହି ଗୁଣଗୁଡ଼ିକ ପ୍ରଦର୍ଶନ କରିବାକୁ ହେବ । କଥା ଓ କାମ ମଧ୍ୟରେ ତାରତମ୍ୟ ରହିଲେ ନେତୃତ୍ୱର ବିଶ୍ୱସନୀୟତା ହ୍ରାସ ପାଇବ ।

ପରିଚାଳନା ଓ ନେତୃତ୍ୱ ଏକା ନୁହେଁ । ପରିଚାଳନାରେ ଯୋଜନା, ସଂଗଠନ ଓ ଲକ୍ଷ୍ୟ ପୂରଣ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱରେ ଲୋକଙ୍କୁ ପ୍ରେରଣା ଦେବା ଓ ସାମୂହିକ ଲକ୍ଷ୍ୟ ସହ ସେମାନଙ୍କୁ ଯୋଡ଼ିବା ଗୁରୁତ୍ୱପୂର୍ଣ୍ଣ । ଗାନ୍ଧି ସ୍ୱାଧୀନତା ଆନ୍ଦୋଳନରେ ଏହି ଦୁଇ ଦିଗର ସମନ୍ୱୟ କରିଥିଲେ । ସେ ଆନ୍ଦୋଳନର ରଣନୀତି ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କ ମନରେ ସ୍ୱାଧୀନତାର ଭାବନା ସୃଷ୍ଟି କରିଥିଲେ ।

ସ୍ୱଷ୍ଟ ସନ୍ଦେଶ ଓ ବିଶ୍ୱାସ ମଧ୍ୟ ଗାନ୍ଧିଙ୍କ ନେତୃତ୍ୱର ମୁଖ୍ୟ ଶକ୍ତି ଥିଲା । ସେ ଜଟିଳ ବିଷୟକୁ ସରଳ ଭାଷାରେ ଲୋକଙ୍କୁ ବୁଝାଇ ପାରୁଥିଲେ । ତାଙ୍କ ଆହ୍ୱାନରେ ଲକ୍ଷ ଲକ୍ଷ ଲୋକ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେଛ ଆଜିର କର୍ପୋରେଟ୍ ନେତୃତ୍ୱ ପାଇଁ ମଧ୍ୟ ସ୍ୱଷ୍ଟ ସନ୍ଦେଶ, ସକ୍ରିୟ ଭାବେ କର୍ମଚାରୀଙ୍କ ମତ ଶୁଣିବା, ବିବାଦର ସମାଧାନ କରିବା ଓ ବିଶ୍ୱାସ ହାସଲ କରିବା ଅତ୍ୟନ୍ତ ଆବଶ୍ୟକ ।

ଗାନ୍ଧି ଜଣେ ଦୂରଦର୍ଶୀ ରଣନୀତିକ ନେତା ମଧ୍ୟ ଥିଲେ । ବ୍ରିଟିଶ ସାମ୍ରାଜ୍ୟର ଶକ୍ତି ଓ ଦୁର୍ବଳତାକୁ ସେ ବୁଝି ପାରିଥିଲେ । ସେହି ଅନୁଯାୟୀ ସତ୍ୟାଗ୍ରହ, ଅସହଯୋଗ, ଆଇନ ଅମାନ୍ୟ ଆନ୍ଦୋଳନ, ଉପବାସ ଓ ଗଣଆନ୍ଦୋଳନ ଭଳି ପଦକ୍ଷେପ ନେଇଥିଲେ । ତାଙ୍କ କଥା ନୁହେଁ, କାମରେ ପ୍ରମାଣ ନୀତି ଆଜିର କର୍ପୋରେଟ୍ ନେତୃତ୍ୱ ପାଇଁ ମଧ୍ୟ ପ୍ରାସଙ୍ଗିକ ।

କର୍ପୋରେଟ୍ ଜଗତ ପାଇଁ ଗାନ୍ଧିଙ୍କ ସବୁଠାରୁ ବଡ଼ ଶିକ୍ଷା ହେଉଛି ନୈତିକତା । ଲାଭ କରିବା ବ୍ୟବସାୟରେ ଏକ ମୁଖ୍ୟ ଉଦ୍ଦେଶ୍ୟ ହୋଇପାରେ, କିନ୍ତୁ ଲାଭ ପାଇଁ ନୈତିକତାକୁ ବଳି ଦିଆଯାଇପାରେ ନାହିଁ । ଏକ କମ୍ପାନୀ ଯଦି ତାହାର କର୍ମଚାରୀ, ଗ୍ରାହକ, ଅଂଶୀଦାର ଓ ବ୍ୟବସାୟିକ ସହଯୋଗୀଙ୍କଠାରୁ ସଚ୍ଚୋଟତା ଆଶା କରେ, ତେବେ କମ୍ପାନୀ ନିଜେ ମଧ୍ୟ ସେହି ମାନଦଣ୍ଡ ପାଳନ କରିବା ଦରକାର ।

କର ଫାଙ୍କି, ଅର୍ଥପାଣ୍ଠିର ଅପବ୍ୟବହାର, ଭୁଲ ସୂଚନା ଓ ଗ୍ରାହକଙ୍କୁ ଭ୍ରମିତ କରିବା ଭଳି ଅନୈତିକ କାର୍ଯ୍ୟ କୌଣସି କମ୍ପାନୀର ପ୍ରତିଷ୍ଠା ଓ ଗ୍ରାହକଙ୍କ ବିଶ୍ୱାସକୁ କ୍ଷତି ପହଞ୍ଚାଇପାରେ । ତେଣୁ ଉତ୍ତମ କର୍ପୋରେଟ୍ ଶାସନ କେବଳ ନିୟମ ପାଳନରେ ସୀମିତ ନୁହେଁ ଏହା ଅନୁଷ୍ଠାନରେ ସଚ୍ଚୋଟତା ଓ ଜବାବଦେହିତାର ସଂସ୍କୃତି ଗଢ଼ିବା ସହ ଜଡ଼ିତ ।

ଆଜିର କମ୍ପାନୀ ଓ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ କଲ୍ୟାଣକାରୀ କାର୍ଯ୍ୟରେ ନିବେଶ କରି 'କର୍ପୋରେଟ୍ ସାମାଜିକ ଦାୟିତ୍ୱ' (CSR) ବହନ କରୁଛନ୍ତି । ଏହା ଗାନ୍ଧିଜୀଙ୍କ ପରିକଳ୍ପିତ 'ଟ୍ରଷ୍ଟିସିପ୍' ସମ୍ବନ୍ଧୀୟ ମତର କିଛିଟା ପ୍ରଭାବକୁ ସୂଚିତ କରେ ।

ଗାନ୍ଧିଙ୍କ ନେତୃତ୍ୱର ପ୍ରାସଙ୍ଗିକତା ସରକାରୀ ଉଦ୍ୟୋଗ, ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ । ଜନସାଧାରଣଙ୍କ ଅର୍ଥ ଓ ସ୍ୱାର୍ଥ ସହ ଜଡ଼ିତ ପ୍ରତିଷ୍ଠାନଗୁଡ଼ିକରେ ସ୍ୱଚ୍ଛତା, ନୈତିକତା ଓ ଜବାବଦେହିତାର ଗୁରୁତ୍ୱ ଆହୁରି ଅଧିକ ।

ଗାନ୍ଧିଙ୍କ ଦେହାବସାନକୁ ଅନେକ ଦଶନ୍ଧି ବିତିଗଲାଣି । ତଥାପି ତାଙ୍କ ନେତୃତ୍ୱର ମୂଳ ଆଦର୍ଶ ଆଜି ମଧ୍ୟ ପ୍ରାସଙ୍ଗିକ । ତାଙ୍କ ଜୀବନ ଆମକୁ ଶିଖାଏ ଯେ, ନେତୃତ୍ୱ କେବଳ ପଦବୀ କିମ୍ବା କ୍ଷମତାରେ ନୁହେଁ ଏହା ଚରିତ୍ର, ବିଶ୍ୱସନୀୟତା, ଲକ୍ଷ୍ୟର ସ୍ୱଷ୍ଟତା, ସାହସ ଓ ଅନ୍ୟମାନଙ୍କୁ ପ୍ରେରିତ କରିବାର କ୍ଷମତାରେ ନିହିତ ।

କର୍ପୋରେଟ୍ ଜଗତ ପାଇଁ ଗାନ୍ଧିଙ୍କ ଚିରନ୍ତନ ବାର୍ତ୍ତା ହେଉଛି-ନିଜେ ଉଦାହରଣ ହୁଅନ୍ତୁ, ସ୍ୱଷ୍ଟ ଭାବେ ଯୋଗାଯୋଗ କରନ୍ତୁ, ବିଶ୍ୱାସଭାଜନ ହୁଅନ୍ତୁ, ଭୁଲରୁ ଶିଖନ୍ତୁ ଏବଂ ନୈତିକ ମାର୍ଗରେ ଲକ୍ଷ୍ୟ ହାସଲ କରନ୍ତୁ । ଦ୍ରୁତ ପରିବର୍ତ୍ତନଶୀଳ ବ୍ୟବସାୟିକ ଓ ପ୍ରଯୁକ୍ତିଗତ ପରିବେଶରେ ମଧ୍ୟ ଏହି ମୂଲ୍ୟବୋଧ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରର ନେତୃତ୍ୱ ପାଇଁ ଏକ ଦୃଢ଼ ନୈତିକ ଭିତ୍ତି ଅଟେ ।

**(ଲେଖକ ପୂର୍ବତନ ବ୍ୟାଙ୍କ ଅଫ ଇଣ୍ଡିଆ, ମୁମ୍ବାଇର ପୂର୍ବତନ ଉପ-ମହାପ୍ରବନ୍ଧକ ଓ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ସ୍ତମ୍ଭକାର)**
**କେ ୫-କଳିଙ୍ଗ ବିହାର ଭୁବନେଶ୍ୱର**

# ଜୟପୁରରେ ଦଶହରା ପର୍ବ



**ଡ.ପରେଶ ରଥ**

ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ମୂଳାଷ୍ଟମୀ ପାଳନ ହୁଏ । ଏହି ଦିନ ହିଁ ମା' ଦୁର୍ଗାଙ୍କର ଶରତକାଳୀନ ଦୁର୍ଗୋତ୍ସବ ବା ଷୋଡ଼ଶ ଉପଚାରର ମୂଳ ପୂଜା ଆରମ୍ଭ ହେଉଥିବାରୁ ଏହା 'ମୂଳାଷ୍ଟମୀ' ଭାବେ ପରିଚିତ ।

ଓଡ଼ିଶାରେ ବିଶେଷ କରି ପଶ୍ଚିମା ଓଡ଼ିଶାର ଦେବୀ ସମଲେଶ୍ୱରୀ ପୀଠ ଓ ଜୟପୁରର ଦେବୀ ଭଗବତୀଙ୍କ ପୀଠରେ ଶୁଭ ଅନୁକୂଳ କରି ଦଶହରା ପର୍ବ ଆରମ୍ଭ ହୁଏ ।

ଶାସ୍ତ୍ର ଅନୁସାରେ ମୂଳାଷ୍ଟମୀ ହେଉଛି ଦଶହରାର ପୂଜା ପର୍ବର ପ୍ରଥମ ଦିନ । ଏହି ଦିନ ଦେବୀଙ୍କୁ ଆରାଧନା କରାଯାଏ ଓ ଅସ୍ତ୍ର ବସାଯାଇ ଷୋଡ଼ଶ ଉପଚାର ଆରମ୍ଭ ହୁଏ ।

ଜୟପୁର ରାଜା ଶାସନ ଅମଳରେ ରାଜା ପ୍ରାସାଦରେ ଦେବୀ କନକ ଦୁର୍ଗାଙ୍କୁ ପୀଠରେ ପୂଜା କରିବା ପରେ ବିଭିନ୍ନ ଗ୍ରାମ ଦେବାଦେବୀଙ୍କ ପୀଠକୁ ରାଜା ପରିବାର ତରଫରୁ ପର୍ବରେ ସାମିଲ ପାଇଁ ଆମନ୍ତ୍ରଣ କରାଯାଉ ଥିଲା ୧୯୫୧ ମସିହାରେ ରାଜା ଶାସନ ଲୋପ ପାଇବା ପରେ ଏହି ପ୍ରଥା ବନ୍ଦ ହୋଇ ଯାଇ ଥିଲା । ତାପରେ ଜୟପୁରବାସୀ ଆରମ୍ଭ କଲେ ମୃଣ୍ମୟ ଦେବୀ ପ୍ରତିମା ପୂଜା ।



ଅନ୍ୟ ସମସ୍ତ ମନ୍ଦିର ରୀତି ନୀତି ଦେବୋତ୍ତର ବିଭାଗ ଦାୟିତ୍ୱ ନେଲେ ।

୨୦୦୪ ମସିହାରେ ପୁଣି ସ୍ଥାନୀୟ ବିଧାୟକଙ୍କ ଉଦ୍ୟମରେ ପରମ୍ପରାର ପୁନରୁଦ୍ଧାର ହେଲା ।

ଉତ୍ସବ କମିଟି କରାଯାଇ ଦେବ ଦେବୀ ପୀଠରେ ସେବାୟତଙ୍କୁ ଜୟପୁର ଦଶହରାରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଗଲା । ଓଡ଼ିଶାର ସବୁ ଶକ୍ତି ପୀଠମାନଙ୍କରେ ମୂଳାଷ୍ଟମୀ ଦିନ ଦଶହରା ପର୍ବ ଆରମ୍ଭ ହେବା ସହ ଷୋଡ଼ଶ ଉପଚାର, ସହସ୍ର କୁମ୍ଭାଭିଷେକ, ହୋମ, ଯଜ୍ଞ ଆରମ୍ଭ ହୁଏଛ ଅସ୍ତ୍ର, ଖଣ୍ଡା ବସା ଯାଏ । ସ୍ୱତନ୍ତ୍ର ରୀତି ନୀତିରେ ପୂଜାର୍ଚ୍ଚନା କରାଯାଉଥିବା ମୁଖ୍ୟ ଶକ୍ତି ପୀଠମାନଙ୍କ ମଧ୍ୟରେ ସମ୍ବଲପୁରର ଦେବୀ ସମଲେଶ୍ୱରୀ, କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ପୀଠ ଭବାନୀପାଟଣାର ମାଣିକେଶ୍ୱରୀ, ଜୟପୁରର ଦେବୀ ଭଗବତୀ, ଯାଜପୁରର ଦେବୀ ବିରଜା, ଜଗତସିଂପୁର ଓ କଟକର ଦେବୀ ସାରଳା, କଟକ ଚଣ୍ଡୀ, ଇତ୍ୟାଦି ପୀଠ ପ୍ରଧାନ ।

ପବିତ୍ର ମୂଳାଷ୍ଟମୀରେ ଜୟପୁରର ଅଧିଷ୍ଠାତ୍ରୀ ଦେବୀ ଭଗବତୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଦେବୀଙ୍କ ଫୁଲ ମାଳକୁ ଆଜ୍ଞା ମାଳ ସ୍ୱରୂପ ଗ୍ରହଣ କରି ପୂଜକ ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରିଥାନ୍ତି । ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଜୟପୁର ତହସିଲଦାର ଏବଂ ଦଶହରା ଉତ୍ସବ କମିଟିର ଅଧ୍ୟକ୍ଷ ସ୍ଥାନୀୟ ବିଧାୟକ ଏହି ଆଜ୍ଞା ମାଳକୁ ଦେବୀଙ୍କ ଅନୁମତି ରୂପେ ଗ୍ରହଣ କରି ପବିତ୍ର ଦଶହରାରେ ଯୋଗ ଦେବା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମ ଦେବାଦେବୀ ପୀଠକୁ ନିମନ୍ତ୍ରଣ ପଠାଇ ଥାଆନ୍ତି ଏବଂ ପୀଠମାନଙ୍କରେ ପ୍ରତୀକ ଦେବା ଦେବୀ ସ୍ୱରୂପ, ବାଉଁଶ ଲାଠି, ଛତ୍ର, ଚାମର, କୁର୍ଶି, ଖଡ୍ଗ ଇତ୍ୟାଦି ସହ ସେବାୟତମାନେ ବିଜୟ ଦଶମୀରେ ଯୋଗ ଦେଇଥାନ୍ତି ।

ସେହି ଦିନ ସ୍ଥାନୀୟ ସଉରା ସାହିର 'ଶ୍ରୀକୃଷ୍ଣ ଚୈତନ୍ୟ ସେବାସଂଘ'ର କଳାକାରମାନେ ପାରମ୍ପାରିକ ବେଶ ଭୂଷା ହୋଇ ପଟୁଆରରେ ଯୋଗ ଦିଅନ୍ତି । ମୃଣ୍ମୟୀ ଦେବୀଙ୍କ ପ୍ରତିମା ବିସର୍ଜନ ପାରେ ନିଶାର୍ଦ୍ଧରେ ଦଶହରା ପଡ଼ିଆ ଠାରେ ମା' ଦୁର୍ଗା ଅପରାଜିତାଙ୍କ ପୂଜାର୍ଚ୍ଚନା ଓ ଶାନ୍ତି ହୋମ କରାଯାଇ ସର୍ବମଙ୍ଗଳ ପ୍ରାର୍ଥନା କରାଯାଏ ।

ଏହା ହେଉଛି ଜୟପୁର ଦଶହରାର ପରମ୍ପରା, ଯାହାର ମୂଳ ପୂଜା ଆରମ୍ଭ ହେଉ ଥିବା ତିଥି ମୂଳ ଅଷ୍ଟମୀ ବା ମୂଳାଷ୍ଟମୀ ଭାବେ ପରିଚିତ ।

**ଆସୋସିଏଟ ପ୍ରଫେସର**
**ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ, କୋରାପୁଟ**
**ମୋ-୯୪୩୭୧୮୧୫୯୯**

# ଅନ୍ୟତମ ମୁକ୍ତିଯୋଦ୍ଧା ପ୍ରାଣନାଥ

**ଶରତ ଚନ୍ଦ୍ର ବିଶ୍ୱାଳ**

ପରାଧୀନତା ଯୁଗର ନିବିଡ଼ ଅନ୍ଧକାର ରାତ୍ରୀରେ ବିଦେଶୀ ଶାସନର ଅତ୍ୟାଚାର, ନିପୀଡନ ଓ ନିର୍ଯ୍ୟାତନା ବିରୋଧରେ ସ୍ୱର ଉତ୍ତୋଳନ କରି ମହାତ୍ମା ଗାନ୍ଧିଙ୍କ ଆହ୍ୱାନରେ ଯେଉଁ ବୀର ସଂଗ୍ରାମୀମାନେ ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ମୁକ୍ତି ସଂଗ୍ରାମର ମଶାଲ୍ ପ୍ରଜ୍ୱଳିତ କରି ରଖିଥିଲେ, ସେମାନଙ୍କ ମଧ୍ୟରେ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକ ଥିଲେ ଅଗ୍ରଗଣ୍ୟ । ସେ ଥିଲେ କର୍ମଯୋଗୀ ।

ସମୟ ଯେତିକି ଯେତିକି ଅତିକ୍ରାନ୍ତ ହେଉଛି, ତାଙ୍କର ଜୀବନବ୍ୟାପୀ ସାଲିସ୍ ବିହୀନ ସଂଗ୍ରାମ, ତ୍ୟାଗପୂତ ଜୀବନାଦର୍ଶ ଓ ନିଃସ୍ୱାର୍ଥ ଜନସେବା ଜନମାନସରେ ସେତିକି ଉଜ୍ଜ୍ୱଳତର ହେଉଛି । ସେ ନାହାନ୍ତି ସତ, କିନ୍ତୁ ଯେଉଁ ଲକ୍ଷ୍ୟ ସାଧନ ପାଇଁ ସାରା ଜୀବନ ସେ ସଂଗ୍ରାମ ଚଳାଇଥିଲେ, ସେ ସଂଗ୍ରାମ ଶେଷ ହୋଇନାହିଁ । ତାଙ୍କରି ସାଧନା, ପ୍ରେରଣା ଓ ତପସ୍ୟା ତାଙ୍କ ଅପରିପୂର୍ଣ୍ଣ ସଂଗ୍ରାମକୁ ପ୍ରେରଣା ଯୋଗାଉଛି । ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସେ ଦଶଥର କାରାବରଣ କରିଥିଲେ ଏବଂ ପ୍ରାୟ ୧୨ ବର୍ଷରୁ ଊର୍ଦ୍ଧ୍ୱ ବ୍ରିଟିଶ୍ ଜେଲ୍‌ରେ ବନ୍ଦୀ ଜୀବନ ବିତାଇଥିଲେ । ଜେଲ୍‌ରେ ବନ୍ଦୀ ଥିବାବେଳେ ତାଙ୍କର ଦୀର୍ଘ ୪୫ଦିନ ଅନଶନ ତାଙ୍କର ଅସୀମ ସାହସ, ମନୋବଳ, ଦୃଢତା ଓ ଆତ୍ମବିଶ୍ୱାସର ପରିଚୟ ଦିଏ । ୧୯୪୦ ମସିହାର ବ୍ୟକ୍ତିଗତ ଆଇନ୍ ଅମାନ୍ୟ ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧି ନିଜେ ତାଙ୍କୁ ଓଡ଼ିଶାର ପ୍ରଥମ ସତ୍ୟାଗ୍ରହୀ ରୂପେ ମନୋନୀତ କରିଥିଲେ ଏବଂ ସେ ଖୋର୍ଦ୍ଧାଠାରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଯୁଦ୍ଧ ବିରୋଧରେ ଧ୍ୱନି ଦେଇ କାରାବରଣ କରିଥିଲେ ।



କଳାହାଣ୍ଡିରେ ୧୯୬୫-୬୬ ଦୁର୍ଭିକ୍ଷ ବେଳେ ପ୍ରାଣନାଥ ପ୍ରଥମେ ସେଠାରେ ପହଞ୍ଚି ପ୍ରଚଣ୍ଡ ଗ୍ରୀଷ୍ମତାପରେ ଗାଁକୁ ଗାଁ ବୁଲି ଦାରିଦ୍ର୍ୟ ଓ କ୍ଷୁଧାର କରୁଣ ଚିତ୍ର ଓଡ଼ିଶା ତଥା ଭାରତବାସୀଙ୍କ ଦୃଷ୍ଟିକୁ ଆଣିଥିଲେ, ଯାହାଫଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି କଳାହାଣ୍ଡି ଗସ୍ତରେ ଆସିଥିଲେ । କଳାହାଣ୍ଡି ତ ତାଙ୍କର ନିର୍ବାଚନ ମଣ୍ଡଳୀ ନଥିଲା କିମ୍ବା ସେଠାରୁ ଭୋଟ ପାଇ ବିଧାନସଭାକୁ ଆସିବାର ଅଭିପ୍ରାୟ ମଧ୍ୟ ନଥିଲା । ଯେଉଁଠି ଜନଗଣ ଦୁର୍ଦ୍ଦଶାଗ୍ରସ୍ତ, ସେଠାରେ ପ୍ରଥମେ ପ୍ରାଣନାଥ ପହଞ୍ଚୁଥିଲେ ।

ସେଥିପାଇଁ ଝଡ଼ି, ବଢ଼ି, ମରୁଡ଼ି, ଦୁର୍ଭିକ୍ଷ ବେଳେ ଜନସେବକ, ଗରିବର ବନ୍ଧୁ ପ୍ରାଣନାଥଙ୍କୁ ଏବେ ମଧ୍ୟ ଓଡ଼ିଶାବାସୀ ଝୁରୁଛନ୍ତି । ଅନ୍ୟାୟ, ଦୁର୍ନୀତି, ଭ୍ରଷ୍ଟାଚାର ଓ ଶୋଷଣ ବିରୋଧରେ ସଂଗ୍ରାମ କଲାବେଳେ ଜନସାଧାରଣ ସଂଗ୍ରାମର ସାରଥୀ ପ୍ରାଣନାଥଙ୍କୁ ସ୍ମରଣ କରୁଛନ୍ତି ।

ଅସୀମ ତ୍ୟାଗ ସ୍ୱୀକାର କରି ଅସାଧାରଣ ସଂଗଠନ ଶକ୍ତି ବଳରେ ପ୍ରାଣନାଥ ଓଡ଼ିଶାରେ ଛାତ୍ର, ଯୁବକ, ଚାଷୀମୂଲିଆଙ୍କ ସଂଗ୍ରାମ, ଗଡ଼ଜାତ ପ୍ରଜା ଆନ୍ଦୋଳନ, ଜମିଦାରୀ ପ୍ରଥା ଉଚ୍ଛେଦ, ଭାଗଚାଷୀ ଆନ୍ଦୋଳନ, ଏଖରାଜାତ ମାହାଲ ପ୍ରଜା ଆନ୍ଦୋଳନ, କଂଗ୍ରେସ-ସମାଜବାଦୀ ଓ କମ୍ୟୁନିଷ୍ଟ ଆନ୍ଦୋଳନ ଗଢ଼ି ତୋଳିଥିଲେ ।

୧୯୩୬ ମସିହାରେ ଓଡ଼ିଶାରେ କୃଷକ ସଂଗଠନ ଗଠିତ ହେବା ପରଠାରୁ ସେ ଥିଲେ ଏହାର ମୁଖ୍ୟ କର୍ଣ୍ଣଧାର ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଏହାର ସଭାପତି ରୂପେ କାର୍ଯ୍ୟ କରିଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାପରେ ୧୯୩୬ ମସିହାରେ ପ୍ରଥମ ବିଧାନସଭାକୁ ସେ କଂଗ୍ରେସ ଟିକେଟ୍‌ରେ ଏବଂ ୧୯୫୭ରେ କମ୍ୟୁନିଷ୍ଟ ପାର୍ଟି ଟିକେଟ୍‌ରେ ନିର୍ବାଚିତ ହୋଇ ଦଳପତି ହୋଇଥିଲେ । ୧୯୩୬ରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ପ୍ରତିଦ୍ୱନ୍ଦ୍ୱିତା କଲାବେଳେ ସ୍ୱର୍ଗତ ଜବାହାରଲାଲ୍ ନେହେରୁ ତାଙ୍କ ପାଇଁ ପ୍ରଚାର କରିବାକୁ ଖୋର୍ଦ୍ଧା ଆସି ବିଶାଳ ଜନସଭାରେ ଉଦ୍‌ବୋଧନ ଦେଇଥିଲେ ।

ବାରାଣସୀର ପ୍ରସିଦ୍ଧ କାଶୀ ବିଦ୍ୟାପୀଠରେ ଅଧ୍ୟୟନ କଲାବେଳେ ସେ ସମାଜବାଦ ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ । ସେଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀ ତାଙ୍କର ସହପାଠୀ ଓ ଘନିଷ୍ଠ ବନ୍ଧୁ । ଉଭୟଙ୍କ ମଧ୍ୟରେ ରହିଥିବା ବନ୍ଧୁତା ଶେଷ ପର୍ଯ୍ୟନ୍ତ ବଳବତ୍ତର ଥିଲା ।

ଜଣେ ଉଚ୍ଚକୋଟିର ଲେଖକ ହିସାବରେ ସେ ବହୁ ପ୍ରବନ୍ଧ, ସମାଲୋଚନା, କବିତା ରଚନା କରିଥିଲେ । ତାଙ୍କ ରଚିତ 'ଆସନ୍ତା କାଲିର ସାହିତ୍ୟ' ପୁସ୍ତକ ଓଡ଼ିଆ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ । ବାସ୍ତବରେ ସେ ଓଡ଼ିଶା ଇତିହାସର ଏକ ଅମର ପୁରୁଷ ରୂପେ ଚିରଦିନ ବଞ୍ଚି ରହିବେ ।

**(ଅକ୍ଟୋବର ୫ ତାରିଖ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ)**

**ପ୍ରତିଷ୍ଠାତା ସମ୍ପାଦକ, ହରି ଭାରତୀ ଫାଉଣ୍ଡେସନ୍ , ଭୁବନେଶ୍ୱର**

### କଳିଙ୍ଗସେନାର ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି କମିଟି ବୈଠକ

# ପଞ୍ଚାୟତ ଓ ପୌର ନିର୍ବାଚନ ଉପରେ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଆସନ୍ତା ନଭେମ୍ବର ୭ରେ କଳିଙ୍ଗସେନା ତାହାର ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ସେଥି ପାଇଁ ଦଳର ପ୍ରସ୍ତୁତି କମିଟି ବୈଠକ ଦଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଦଳର ପ୍ରତିଷ୍ଠା ଦିବସ ସମେତ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଥିବା ନେଇ ସୂଚନା ଦେଇଛନ୍ତି ସେନା ସୁପ୍ରିମୋ ହେମନ୍ତ ରଥ । ଶ୍ରୀ ରଥ କହିଛନ୍ତି ଯେ, ଆସନ୍ତା ନଭେମ୍ବର ୭ତାରିଖରେ ଦଳର ପ୍ରତିଷ୍ଠା ଦିବସକୁ ପାଳନ କରାଯିବା ସହିତ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୧୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ କଳିଙ୍ଗରତ୍ନ ସମ୍ମାନ ପ୍ରଦାନ କରାଯିବ । ସେହିଭଳି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଦଳ ତାହାର ଶକ୍ତି ପ୍ରଦର୍ଶନ କରିବ ବୋଲି ଦଳର ଉପ ସଭାପତି ହେମନ୍ତ ସିଂହ କହିଛନ୍ତି । ସେଥିପାଇଁ ଦଳର ପ୍ରତିଟି କର୍ମୀ ପ୍ରସ୍ତୁତ ହେବା ପାଇଁ ସେ ପରାମର୍ଶ ଦେବା ସହିତ



କର୍ମୀମାନଙ୍କୁ ଜନସମ୍ପର୍କ ଉପରେ ଫୋକସ ଦେବା ପାଇଁ କହିଛନ୍ତି । ସେହିଭଳି ଜିଲ୍ଲା ପରିଷଦ ପ୍ରାର୍ଥୀ ଚୟନରେ ଶିକ୍ଷିତ ମହିଳାମାନଙ୍କୁ ଗୁରୁତ୍ୱ ଦିଆଯିବ । ପ୍ରସ୍ତୁତି କମିଟି ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥିବା ଶତାଧିକ ପ୍ରତିନିଧି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳକୁ ଅଧିକ ମଜବୁତ କରିବା ପାଇଁ ସୁପ୍ରିମୋଙ୍କୁ ପ୍ରତିଶ୍ରୁତି ଦେଇଥିଲେ । କଳିଙ୍ଗସେନା ସବୁବେଳେ ଓଡିଶାର ଯୁବକ ଯୁବତୀମାନଙ୍କୁ ଅଗ୍ରାଧିକାର ଦେଇ ଆସିଛି । ନିଯୁକ୍ତି କ୍ଷେତ୍ରରେ ସେମାନଙ୍କୁ ପ୍ରାଧାନ୍ୟ ଦେବା ସହିତ ଆତ୍ମନିର୍ଭରଶୀଳ ହେବା ପାଇଁ କିଭଳି ବ୍ୟାଙ୍କମାନେ ଅଧିକରୁ ଅଧିକ ଋଣ ପ୍ରଦାନ କରିବେ ସେଥି ପାଇଁ ଦଳ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି । ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଚୟନ କରି ସେମାନଙ୍କ ନାମ, ଶିକ୍ଷାଗତ ଯୋଗ୍ୟତା, ଯଦି ସେମାନଙ୍କ ନାମରେ ମାମଲା ଥାଏ ତେବେ ତାହାର ସମ୍ପୂର୍ଣ୍ଣ ବିବରଣୀ, ଆଗ୍ରହୀ ପ୍ରାର୍ଥୀଙ୍କର ଭୋଟରଙ୍କ ସହିତ କିଭଳି ସମ୍ପର୍କ ରହିଛି, ସାମାଜିକ କାର୍ଯ୍ୟରେ ସେମାନେ କେତେ ସକ୍ରିୟ ରହିଛନ୍ତି ତାହାର ବିବରଣୀ ସେନା ମୁଖ୍ୟାଳୟକୁ ପଠାଇବା ପାଇଁ ଜିଲ୍ଲା ସଭାପତିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଏହି ଚୟନ ପ୍ରକ୍ରିୟାକୁ ଶେଷ କରିବା ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ରାଜ, ଇଂ ମନୋଜ ନାୟକ ଏବଂ ଇଂ ସ୍ୱତାଶ ରଞ୍ଜନ ସାହୁ, ଅଶୋକ ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ସାହୁ, ମୋନାଲିଶା ବିଶ୍ୱାଳ, ଶସ୍ମିତା ପାହାଡ ସିଂଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ବାପ-ପୁଅ ଗିରଫ, ୨୧ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର, (ସବ୍ୟୁ) : ୨୧ କେଜି ଗଞ୍ଜେଇ ଜବତ କରି ମୈତ୍ରୀବିହାର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି । ସେ ଦୁଇଜଣ ହେଲେ ପୁଅ ଜିତେନ୍ଦ୍ର ବେହେରା (୩୧) ଓ ବାପା କାବୁଲି ବେହେରା (୫୭) । ଉଭୟଙ୍କ ଘର ସାଲିଆ ସାହିରେ ବୋଲି ପୋଲିସ କହିବା ସହ ସେମାନେ ଗତ କିଛିଦିନ ହେବ ଗଞ୍ଜେଇ ବ୍ୟବସାୟ କରୁଥିବା ପୋଲିସରେ ହକିଛନ୍ତି । ରବିବାର ସକାଳ ୮ଟା ସମୟରେ ପୋଲିସ ଖବର ପାଇଥିଲା ଯେ, ଜିତେନ୍ଦ୍ର ଓ ତାଙ୍କ ବାପା କାବୁଲି ବେହେରା ଉଭୟେ ସାଲିଆ ସାହି ଶ୍ରୀରାମନଗର ବାସିନ୍ଦା । ଉଭୟ ଏକ ଧଳାରଙ୍ଗର ବଜାର ପଲସର ବାଇକ୍ ଯୋଗେ କନ୍ଧମାଳରୁ ଗଞ୍ଜେଇ ଆଣି ସାଲିଆସାହିରେ ବିକ୍ରି କରିବା ପାଇଁ ନେଉଛନ୍ତି । ଖବର ଅନୁଯାୟୀ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ସକାଳ ୯ଟା ୪୫ ସମୟରେ ୨୦୦ ଫୁଟିଆ ରାସ୍ତାର ହାତିଆଣ୍ଟୁଣି ଓ ଏକାମ୍ରକାନନ ଛକ ମଧ୍ୟରେ ଥିବା ଫାର୍ମାସୀ କଲେଜ ନିକଟରେ ସେହି ବାଇକ୍‌କୁ ଅଟକାଇ ଯାଞ୍ଚ କରିବା ବେଳେ ସେମାନେ ଆଣିଥିବା ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା ।

### ଅତିରିକ୍ତ ଫି' ଅଭିଯୋଗ: ସୁବାସ ଇନ୍‌ଷ୍ଟିଚ୍ୟୁଟ୍ ବିରୁଦ୍ଧରେ

# ହାଇକୋର୍ଟରେ ମାମଲା, ଛାତ୍ରଙ୍କୁ ଅନ୍ତରୀଣ ରିଲିଫ୍

ଭୁବନେଶ୍ୱର, (ସବ୍ୟୁ): ବାରଙ୍ଗସ୍ଥିତ ଘରୋଇ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ "ସୁବାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି" ସରକାରୀ ନିର୍ଦ୍ଦେଶ ଉଲ୍ଲଙ୍ଘନ କରି ଛାତ୍ରଛାତ୍ରୀଙ୍କଠାରୁ ଅତିରିକ୍ତ ଅର୍ଥ ଆଦାୟ କରୁଥିବା ଅଭିଯୋଗ ନେଇ ଓଡ଼ିଶା ହାଇକୋର୍ଟରେ ମାମଲା ଦାୟର ହୋଇଛି । ଏହି ମାମଲାରେ ସୋମବାର ହାଇକୋର୍ଟ ଜଣେ ଛାତ୍ରଙ୍କୁ ଅନ୍ତର୍ବର୍ତ୍ତୀ ରିଲିଫ୍ ପ୍ରଦାନ କରିଛନ୍ତି । ବି ଟେକ୍ ତୃତୀୟ ବର୍ଷ (ଲେଟରାଲ ) ଛାତ୍ର କିଷାନ ସାହୁଙ୍କ ଦ୍ୱାରା ଦାଖଲ W.P.(C) ନଂ ୩୧୪୫୦/୨୦୨୬ ଉପରେ ବିଚାରପତି ବି.ପି. ରାଉତରାୟ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିଥିଲେ । ଅଦାଲତ "ସୁବାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ସମେତ , ଅନ୍ୟ ପକ୍ଷମାନଙ୍କୁ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଜଣାଇଥିଲେ ଯେ, ୨୦୨୬-୨୭ ଶିକ୍ଷାବର୍ଷର ପଞ୍ଚମ ସେମେଷ୍ଟର ପରୀକ୍ଷା ଫର୍ମ ଜରିମାନା ସହ ପୂରଣ କରିବାର ଶେଷ ତାରିଖ ସେପ୍ଟେମ୍ବର ୩୦ ଏବଂ କଲେଜ କର୍ତ୍ତୃପକ୍ଷ ବର୍ଷକୁ ୬୦ହଜାର ଟଙ୍କା ପ୍ରଦାନ ନକଲେ ଫର୍ମ ପୁରଣ ନ କରିବା ଦେଇ ପରୀକ୍ଷା ଦେବାରୁ ବଞ୍ଚିତ କରିବାର ଧମକ ଦେଉଥିଲେ । ତାଙ୍କ ଅନ୍ତରୀଣ ଆବେଦନ (I.A. ନଂ ୧୮୭୭୧/୨୦୨୬) ଉପରେ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ଯେ, ଅନୁଷ୍ଠାନରେ ୧୨,୬୨୮ ଜମା କଲେ ସେ ପରୀକ୍ଷା ଫର୍ମ ପୂରଣ କରିପାରିବେ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୪, ୨୦୨୬ରେ ହେବ ।

ପୂର୍ବରୁ ପ୍ରକାଶିତ ଖବର ଅନୁସାରେ, ୨୦୨୫-୨୬ ଶିକ୍ଷାବର୍ଷ ଠାରୁ ଏହି ଅନୁଷ୍ଠାନ ଛାତ୍ରଛାତ୍ରୀଙ୍କଠାରୁ ସରକାରୀ ଭାବେ ନିର୍ଦ୍ଧାରିତ ଫି'ଠାରୁ ଅଧିକ ଅର୍ଥ ଆଦାୟ କରୁଥିବା ଗୁରୁତର ଅଭିଯୋଗ ହୋଇଥିଲା । ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୧୧.୦୮.୨୦୨୫ ତାରିଖର ନିର୍ଦ୍ଦେଶନାମା ଅନୁସାରେ, ଏହି ଅନୁଷ୍ଠାନର ବି.ଟେକ୍ ପାଠ୍ୟକ୍ରମ ପାଇଁ ୨୦୨୫-୨୬ ରୁ ୨୦୨୭-୨୮ ଶିକ୍ଷାବର୍ଷ ପାଇଁ ଫି' ୨୨,୦୦୦ ଟଙ୍କା ନିର୍ଦ୍ଧାରିତ । ଅଭିଯୋଗ ଅନୁସାରେ, ୨୦୨୫-୨୬ ଓ ୨୦୨୬-୨୭ ଶିକ୍ଷାବର୍ଷରେ ନାମ ଲେଖାଇଥିବା କେତେକ ଛାତ୍ରଛାତ୍ରୀଙ୍କଠାରୁ ଏହାର ପ୍ରାୟ ତିନିଗୁଣ ଅଧିକ ଆଦାୟ ହୋଇଛି । ଏହା ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗକାରୀମାନେ ଦାବି କରିଛନ୍ତି ଯେ, ୨୦୨୫-୨୬ ଠାରୁ ଆଦାୟ ହୋଇଥିବା ସମସ୍ତ ଅର୍ଥର ଅଡିଟ୍ ହେଉ, ନିୟମବହିର୍ଭୂତ ଭାବେ ଆଦାୟ ଅର୍ଥ ଫେରସ୍ତ ହେଉ ଏବଂ ସରକାରୀ ନିର୍ଦ୍ଦେଶ ଉଲ୍ଲଙ୍ଘନ ପ୍ରମାଣିତ ହେଲେ ଦାୟୀଙ୍କ ବିରୁଦ୍ଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

### କେରାଟୋକୋନସ୍ ଏବଂ କଣ୍ଟାକ୍ଟ ଲେନ୍ସ

# ଉତ୍ତମ ଦୃଷ୍ଟିଶକ୍ତି ପାଇଁ ସାମାଜିକ ଭ୍ରାନ୍ତ ଧାରଣାର ଅନ୍ତ

ଭୁବନେଶ୍ୱର: (ସବ୍ୟୁ): ପ୍ରତିବର୍ଷ, ଅନେକ କିଶୋର ଏବଂ ଯୁବକଯୁବତୀ ଚଷମା ପାୱାରରେ ବାରମ୍ବାର ପରିବର୍ତ୍ତନ ଏବଂ କ୍ରମାଗତ ଭାବେ ହ୍ରାସ ପାଉଥିବା ଦୃଷ୍ଟିଶକ୍ତି ଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ଯାହାକୁ ପ୍ରାୟତଃ ସାଧାରଣ ଦୃଷ୍ଟିଦୋଷ କିମ୍ବା ମାୟୋପିଆ ଭାବେ ଭୁଲ୍ ନିଦାନ କରାଯାଇଥାଏ । ଏଥିରେ ସାଧାରଣତଃ ଗୋଲାକାର ଥିବା ସ୍ୱଚ୍ଛ ପରଦା ବା କର୍ଣ୍ଣିଆ ପତଳା ହୋଇ କ୍ରମଶଃ ଏକ ଅନିୟମିତ ଶଙ୍କୁ ଆକାରରେ ବାହାରକୁ ବାହାରି ଆସିଥାଏ । ସାଧାରଣ ଦୃଷ୍ଟିଦୋଷ ଭଳି ନୁହେଁ, ଯଦି କେରାଟୋକୋନସକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରାନଯାଏ, ତେବେ ଏହା ଜଣେ ଯୁବକ ବା ଯୁବତୀଙ୍କ ଶିକ୍ଷା, ବୃତିଗତ ଜୀବନ ଏବଂ ଜୀବନର ଗୁଣବତାକୁ ଗମ୍ଭୀର ଭାବେ ପ୍ରଭାବିତ କରିପାରେ । କେରାଟୋକୋନସର ପ୍ରଭାବଶାଳୀ ଚିକିତ୍ସା ପାଇଁ ଏହାର ପ୍ରାଥମିକ ସତର୍କତା ସଙ୍କେତଗୁଡ଼ିକୁ ଚିହ୍ନଟ କରିବା ଏବଂ ଶୀଘ୍ର ଏହାର ଯାଂଚ କରିବା ଅତ୍ୟନ୍ତ ଜରୁରୀ । କର୍ଣ୍ଣିଆଲ୍ ଇମେଜିଙ୍ଗ୍, କ୍ରସ୍-ଲିଙ୍କିଙ୍ଗ୍ ଏବଂ ବିଶେଷଜ୍ଞ କଂଟାକ୍ଟ ଲେନ୍ସ କ୍ଷେତ୍ରରେ ହୋଇଥିବା ଅଭିନବ ପ୍ରଗତି ଏହି ରୋଗକୁ ନିୟନ୍ତ୍ରଣ କରିବାରେ ଏବଂ ଅନେକ ରୋଗୀଙ୍କ ସ୍ୱାଭାବିକ ଦୃଷ୍ଟିଶକ୍ତି ଫେରାଇ ଆଣିବାରେ ସହାୟକ ହେଉଛି, ବୋଲି ଭୁବନେଶ୍ୱର ସ୍ଥିତ ମିଠୁ ତୁଳସୀ ଚାନରାଇ କ୍ୟାମ୍ପସର ପରାମର୍ଶଦାତା ଚକ୍ଷୁ ବିଶେଷଜ୍ଞ ଡାକ୍ତର ସ୍ମୃତି ପ୍ରିୟଦର୍ଶିନୀ ପ୍ରକାଶ କରିଛନ୍ତି ।

## ଟୁଙ୍ଗିଘର ଜଳିଯିବାକୁ ନେଇ ଉଠିଲା ସନ୍ଦେହ

ବାରଙ୍ଗ(ସବ୍ୟୁ): ନନ୍ଦନକାନନ ଥାନା ଅଧୀନ କଣ୍ଟଉଣିଆ ଗ୍ରାମ ମୁଣ୍ଡରେ ଥିବା ଟୁଙ୍ଗିଘର ରବିବାର ରାତିରେ ଜଳିଯାଇଛି । ଯାହାକୁ ନେଇ ଗ୍ରାମରେ ସନ୍ଦେହ ଘନୀଭୂତ ହୋଇଛି ।ସୂଚନା ଅନୁଯାୟୀ ,ପ୍ରତିଦିନ ଭଳି ରବିବାର ସନ୍ଧ୍ୟାରେ ସହଦେବ ପରିଡା ଓ ତାଙ୍କ ସହଯୋଗୀମାନେ ଟୁଙ୍ଗିଘରେ ଦୀପ ଲଗାଇ ଭଜନ କୀର୍ତ୍ତନ କରିଥିଲେ । ରାତି ପ୍ରାୟ ୮ଟାରେ ଭଜନ ସାରି ଘର ବନ୍ଦ କରି ଫେରିଯାଇଥିଲେ । ସାଢେ ୮ଟା ସୁଦ୍ଧା ଚାଳ ଉପରେ ନିଆଁ ଜଳୁଥିବା ପଡୋଶୀମାନେ ଦେଖିଥିଲେ । ଗ୍ରାମବାସୀ ଏକାଠି ହୋଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ । ପରେ ଖବର ପାଇ ଚନ୍ଦ୍ରଶେଖରପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।ହେଲେ ଭିତର ଦୀପରୁ ବାହାର ଚାଳ ଉପରକୁ ନିଆଁ କିପରି ଗଲା, ତାହାକୁ ନେଇ ପ୍ରଶ୍ନ ଉଠିଛି । ଏହା ଦୁର୍ଘଟଣା ନା ଉଦ୍ଦେଶ୍ୟମୂଳକ, ପୋଲିସ ତଦନ୍ତ କଲେ ସତ ପଦାକୁ ଆସିବ ବୋଲି ଗ୍ରାମବାସୀ କହିଛନ୍ତି ।

### ଗାନ୍ଧୀ ଜୟନ୍ତୀ ଅବସରରେ ଏସ୍‌ଆଇଏସ୍ ସଂସ୍ଥା ପକ୍ଷରୁ

# ଟିପିଡବ୍ଲ୍ୟୁଓଡିଏଲ୍ ଅଫିସ ପରିସରଗୁଡ଼ିକର ସଫେଇ କାର୍ଯ୍ୟକ୍ରମ

ବୁର୍ଲା, (ସବ୍ୟୁ) : ନିଜ ନିଜ କର୍ମକ୍ଷେତ୍ରଗୁଡ଼ିକୁ ସ୍ୱଚ୍ଛ, ସୁନ୍ଦର ଓ ନିର୍ମଳ ରଖିବା ଉଦ୍ଦେଶ୍ୟରେ ଟିପିଡବ୍ଲ୍ୟୁଓଡିଏଲ୍‌ରେ କର୍ମରତ ଏସ୍‌ଆଇଏସ୍ ସିକ୍ୟୁରିଟି ସଂସ୍ଥାର କର୍ମଚାରୀମାନେ ନିଜ କର୍ମରତ କାର୍ଯ୍ୟାଳୟ ପରିସରଗୁଡ଼ିକର ସଫେଇ କାର୍ଯ୍ୟ କରିଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟ କାର୍ଯ୍ୟାଳୟ, ୱେଷ୍ଟବ୍ଲକ୍ ଅଫିସ, ଆଇଟି ସେଣ୍ଟର, ସମ୍ବଲପୁର ବିଦ୍ୟୁତ ମଣ୍ଡଳ, କମର୍ସିଆଲ ବିଲ୍ଡିଂ ଭଳି ପ୍ରମୁଖ କାର୍ଯ୍ୟାଳୟଗୁଡ଼ିକର ସଫେଇ କରିଥିଲେ । ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ-ସୁରକ୍ଷା ଅଧିକାରୀ ରଶ୍ମିକାନ୍ତ ମିଶ୍ରଙ୍କ ଉପଦେଶ ଅନୁଯାୟୀ ଏସ୍‌ଆଇଏସ୍ ସୁପରଭାଇଜର ଦିଲୀପ କୁମାର ଦିପ୍‌ଙ୍କ ତତ୍ତ୍ୱାବଧାନରେ ସମସ୍ତ ଏସ୍‌ଆଇଏସ୍ କର୍ମଚାରୀମାନେ



ଏକତ୍ରିତ ହୋଇ ସାଂଗଠନିକ ଓ ସୁଚାରୁ ଭାବରେ ସଫେଇ କାର୍ଯ୍ୟକୁ ସଫଳ କରିଥିଲେ । ଏହାଦ୍ୱାରା ଅଫିସଗୁଡ଼ିକ ସ୍ୱଚ୍ଛ ଏବଂ ସୁନ୍ଦର ହେବା ସହିତ ସାଂଗଠନିକ ସହଯୋଗର ଦୃଢ଼ତା ଅନୁଭବ କରିଥିବା କର୍ମଚାରୀମାନେ ପ୍ରକାଶ କରିଥିଲେ । ଟିପିଡବ୍ଲ୍ୟୁଓଡିଏଲ୍‌ର ମାନବ ସମ୍ବଳ ବିଭାଗର ମୁଖ୍ୟ ବିଜୟ କୁସୁରା ଏସ୍‌ଆଇଏସ୍ ସିକ୍ୟୁରିଟି କର୍ମଚାରୀମାନଙ୍କର ଏପରି ଅଭିନବ କାର୍ଯ୍ୟକୁ ଭୁୟସି ପ୍ରଶଂସା କରିବା ସହିତ ସମସ୍ତ ଏସ୍‌ଆଇଏସ୍ କର୍ମଚାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ପ୍ରକଳ୍ପ ବସୁଧା ଅଧୀନରେ ଛତୁ ଚାଷ: ଦକ୍ଷତା, ସ୍ଥାୟୀତ୍ୱ ଓ ଜୀବିକାର ନୂଆ ସମ୍ଭାବନା

ଭୁବନେଶ୍ୱର, (ସବ୍ୟୁ): ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ଼ର ସିଏସଆର ପଦକ୍ଷେପ 'ପ୍ରକଳ୍ପ ବସୁଧା', ଯାହା ବିଏଆଇଏଫ୍ ଦ୍ୱାରା କାର୍ଯ୍ୟାନ୍ୱିତ ହେଉଛି, ହୀରାକୁଦ ଅଞ୍ଚଳର ବିଭିନ୍ନ ଗ୍ରାମରେ ଗ୍ରାମୀଣ ପରିବାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ମଧ୍ୟରେ ଛତୁ ଚାଷକୁ ପ୍ରୋତ୍ସାହନ ଦେଉଛି । ଏହି ପଦକ୍ଷେପ ବର୍ତ୍ତମାନର କୃଷି କାର୍ଯ୍ୟକଳାପକୁ ପରିପୂରକ କରିବା ସହ ମହିଳା ଓ କୃଷକ ପରିବାରମାନଙ୍କ ପାଇଁ ନୂତନ ରୋଜଗାର ଏବଂ ଆୟର ସୁଯୋଗ ସୃଷ୍ଟି କରୁଛି । ଏହି ଛତୁ ଚାଷ କାର୍ଯ୍ୟକ୍ରମ ମହମ୍ମଦପୁର, ନୂଆଗୁଜାଟାଲ, ନୂଆଜାମାଡ଼ା, ସହଜବାହାଲ, ଶିଳିପାଥର, ଡେଙ୍ଗିମାଚା, ଲରପଙ୍କ, ଗରମୁଣ୍ଡା, ଲରଭଙ୍ଗା, ଗୁଣ୍ଡୁରୁପଡା ଏବଂ ବୁଢ଼ାକଟା ଗ୍ରାମରେ ପରିଚାଳିତ ହେଉଛି । ପ୍ରକଳ୍ପ ଅଧୀନରେ ୬୦ ଜଣ ଅଂଶଗ୍ରହଣକାରୀଙ୍କୁ ଛତୁ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ହିତାଧିକାରୀମାନଙ୍କୁ ବ୍ୟବହାରିକ ପ୍ରଶିକ୍ଷଣ, ବୈଷୟିକ ମାର୍ଗଦର୍ଶନ ଏବଂ କ୍ଷେତ୍ରସ୍ତରୀୟ ସହାୟତା ଯୋଗାଇ ଘରୋଇ ଓ ଗୋଷ୍ଠୀ ସ୍ତରରେ ଛତୁ ଉତ୍ପାଦନ ୟୁନିଟ୍ ସ୍ଥାପନରେ ସହଯୋଗ କରାଯାଉଛି । ଛତୁ ଚାଷ ଗ୍ରାମୀଣ ସମ୍ପ୍ରଦାୟ ପାଇଁ




ଏକ ଉପଯୁକ୍ତ ଜୀବିକା କାରଣ ଏଥିରେ ଧାନ ନଡ଼ା ଭଳି ସ୍ଥାନୀୟ କୃଷି ଅବଶିଷ୍ଟ ପଦାର୍ଥର ବ୍ୟବହାର ହୁଏ ଏବଂ ବହୁତ କମ୍ ଜମିର ଆବଶ୍ୟକତା ରହେ । ଦେଶର ବିଭିନ୍ନ ଗବେଷଣା ଓ କୃଷି ସଂସ୍ଥା ଏହାକୁ ଏକ ସ୍ଥାୟୀ ଜୀବିକା ମଡେଲ୍ ଭାବେ ସ୍ୱୀକୃତି ଦେଇଛନ୍ତି, ଯାହା ପୋଷଣ, ମହିଳା ସଶକ୍ତିକରଣ, ଦକ୍ଷତା ବିକାଶ ଏବଂ ଉଦ୍ୟମିତାକୁ ପ୍ରୋତ୍ସାହନ ଦେଇଥାଏ । ଘରୋଇ ସ୍ତରରେ ଅନେକ ହିତାଧିକାରୀ ପରିବାର ଛତୁ ଚାଷକୁ ନିୟମିତ ଆୟର ଉତ୍ସ ଭାବେ ଗ୍ରହଣ କରିଛନ୍ତି । ଅନେକ କୃଷକ ସଫଳତାର ସହ ଏକାଧିକ ଉତ୍ପାଦନ ଚକ୍ର ସମ୍ପୂର୍ଣ୍ଣ କରି ଚାଷ ଜାରି ରଖିଛନ୍ତି ।

ପ୍ରକଳ୍ପ ବସୁଧାର ଏକ ଉଲ୍ଲେଖନୀୟ ସଫଳତା ହେଉଛି ଗଜଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ବ୍ୟବସାୟିକ ଛତୁ ଉତ୍ପାଦନ ୟୁନିଟ୍ । ଆବଶ୍ୟକ ଭିତ୍ତିଭୂମି, ପ୍ରଶିକ୍ଷଣ ଏବଂ ବୈଷୟିକ ସହଯୋଗରେ ଏହି ୟୁନିଟ୍ ୮୦ କିଲୋଗ୍ରାମରୁ ଅଧିକ ଛତୁ ଉତ୍ପାଦନ କରି ଗ୍ରାମୀଣ ମହିଳାମାନଙ୍କ ସାମୂହିକ ଉଦ୍ୟମିତାର ସମ୍ଭାବନାକୁ ଉଜାଗର କରିଛି । ଗୋଷ୍ଠୀ ବର୍ତ୍ତମାନ ଦ୍ୱିତୀୟ ଉତ୍ପାଦନ ଚକ୍ର ଆରମ୍ଭ କରିଛି, ଯାହା ସଦସ୍ୟମାନଙ୍କ ଆତ୍ମବିଶ୍ୱାସ ଓ ମାଲିକାନା ଭାବନାକୁ ପ୍ରତିଫଳିତ କରେ । ଏହି ବ୍ୟବସାୟିକ ୟୁନିଟ୍ ବର୍ତ୍ତମାନ ଏକ ସ୍ଥାନୀୟ ପ୍ରଦର୍ଶନୀ କେନ୍ଦ୍ରରୂପେ କାର୍ଯ୍ୟ କରୁଛି, ଯେଉଁଠାରେ ଅନ୍ୟ କୃଷକ ଏବଂ ଏସ୍‌ଏଚ୍‌ଜି ସଦସ୍ୟମାନେ ଛତୁ ଚାଷ ପ୍ରକ୍ରିୟାକୁ ଦେଖି ଶିଖିପାରୁଛନ୍ତି । ଏହି ପାରସ୍ପରିକ ଶିକ୍ଷା ପ୍ରକ୍ରିୟା ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ବୃଦ୍ଧି କରିବା ସହ ସ୍ଥାୟୀ ଜୀବିକା ଗଠନ ପାଇଁ ସ୍ଥାନୀୟ କ୍ଷମତା ବିକାଶରେ ସହାୟକ ହେଉଛି ।

# 'ଇରମ ଓ ଭାରତର ମୁକ୍ତି ସଂଗ୍ରାମରେ ଓଡ଼ିଶା ' ଆଲୋଚନା ଚକ୍ର

ଭୁବନେଶ୍ୱର, (ସବ୍ୟୁ): ୩ ତାରିଖ ଦିନ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ରକ୍ତତୀର୍ଥ "ଇରମ ଓ ଭାରତର ମୁକ୍ତି ସଂଗ୍ରାମରେ ଓଡ଼ିଶା " ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦବୋଧନ ଦେଇ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଠାରୁ ରକ୍ତତୀର୍ଥ ଇରମ ଘଟଣା ଅଧିକ ମହାନ ଓ ଗୁରୁତ୍ୱପୂର୍ଣ୍ଣ । ଜାଲିଆନାୱାଲାବାଗରେ ଲୋକମାନେ ଜାଣି ନଥିଲେ ଯେ ସେଦିନ ଗୁଳିକାଣ୍ଡର ଆଦେଶ ଦିଆଯିବ ଓ ସେମାନେ ମୃତ୍ୟୁବରଣ କରିବେ । ତେଣୁ ସେମାନେ କୌଣସି ସଂକୋଚ ନକରି ସଭାସ୍ଥଳରେ ପହଞ୍ଚି ଥିଲେ ଓ ଅପ୍ରତ୍ୟାଶିତ ଗୁଳିମାଡ଼ରେ ମୃତ୍ୟୁ ବରଣ କରିଥିଲେ । କିନ୍ତୁ ଇରମ ଗୁଳିକାଣ୍ଡ ଥିଲା ସ୍ୱତନ୍ତ୍ର । ପୂର୍ବରୁ ଲୋକମାନେ ଜାଣିଥିଲେ ଯେ ଗୁଳିକାଣ୍ଡ ନିଶ୍ଚୟ ଘଟିବ , ତଥାପି ସେମାନେ ମୃତ୍ୟୁକୁ ଭୟ ନକରି ସଭାସ୍ଥଳରେ ରୁଣ୍ଡ ହୋଇଥିଲେ । ସେମାନଙ୍କ ଅନୁମାନ ସତ୍ୟ ହୋଇଥିଲା । ଗୁଳିଚାଳନାର ଆଦେଶ ଦିଆଯାଇଥିଲା ଓ ଗୁଳିକାଣ୍ଡରେ ଜଣେ ମହିଳା ସମେତ ୨୯ ଜଣ ମୃତ୍ୟୁ ବରଣ କରିଥିଲେ । ପ୍ରଫେସର ପଟ୍ଟନାୟକ ବାଞ୍ଛାନିଧି ଚକଲା ଗଠନ ଉପରେ ଆଲୋଚନା କରି କହିଥିଲେ ଯେ ବାସୁଦେବପୁର ଅଞ୍ଚଳ ପାଇଁ ଏକ ସ୍ୱାଧୀନ ସରକାର ସ୍ଥାପନ କରିବା ସେତେବେଳେ ଥିଲା ସମଗ୍ର ଦେଶର ପ୍ରଥମ ଘଟଣା । ସେ ମଧ୍ୟ ଇରମ ଗୁଳିକାଣ୍ଡରେ ସହିଦ ହୋଇଥିବା ପରୀ ବେଓ୍ୱା ବିଷୟରେ ସବିଶେଷ ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ବିଶିଷ୍ଟ ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ଅନୁବାଦକ ଡଃ ସଂଗ୍ରାମ ଜେନା ମହାତ୍ମାଗାନ୍ଧୀଙ୍କ ବିନା ସ୍ୱାଧୀନତା ହାସଲ ଏତେ ଶୀଘ୍ର ସମ୍ଭବ ହୋଇ ନଥାନ୍ତା ବୋଲି ଦର୍ଶାଇ ଥିଲେ । ରାଜ୍ୟ ସଂଗ୍ରହାଳୟର ଅଧିକ୍ଷକ ଡକ୍ଟର ଭାରତୀ ପାଲ ସଭାରେ ଅଧକ୍ଷତା କରି ସ୍ୱାଗତ ଭାଷଣରେ ଭାରତଛାଡ଼ ଆନ୍ଦୋଳନ ଓଡ଼ିଶାରେ କିପରି ଗଭୀର ପ୍ରଭାବ ପକାଇ ଥିଲା ତାହା ଦର୍ଶାଇ ଥିଲେ ।

# ଭାରତୀୟ ଯୋଗ ସଂସ୍ଥାନର ଯୋଗ ଦିବସ ପାଳନ

ଭୂବନେଶ୍ୱର, (ସବ୍ୟୁ): ସ୍ଥାନୀୟ ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ କଲେଜ ପରିସରରେ ଭାରତୀୟ ଯୋଗ ସଂସ୍ଥାନ ତରଫରୁ ୬୦ତମ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ଯୋଗ ସଂସ୍ଥାନର ଯୋଗ ମାଧ୍ୟମରେ ନିଶୁଳ୍କ ସମାଜସେବାକୁ ପ୍ରଶଂସା କରିବା ସହିତ ରାଜ୍ୟରେ ଯୋଗର ପ୍ରଚାର ପ୍ରସାର ପାଇଁ




ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଗୁଡିକୁ ବର୍ଣ୍ଣନା କରିଥିଲେ । ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ ସୁସ୍ଥତା ତଥା ମାନସିକ ଶାନ୍ତି ମିଳିପାରିବ ବୋଲି ଦର୍ଶାଇଥିଲେ । ସଂସ୍ଥାନର ଓଡିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ସଭାପତିତ୍ୱ କରିବା ସହିତ ଓଡିଶାରେ ୨୬୫ ଯୋଗକେନ୍ଦ୍ର ମାଧ୍ୟମରେ ନିଶୁଳ୍କ ଯୋଗ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ । ବିଭିନ୍ନ ଯୋଗକେନ୍ଦ୍ରରୁ ପ୍ରାୟ ୨୫୦୦ରୁ ଉର୍ଦ୍ଧ ସାଧକ ସାଧିକା ମାନେ ଯୋଗାସନ ଓ ପ୍ରାଣାୟାମ ସହିତ ସଂସ୍ଥାନର ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର ଧ୍ୟାନ ଅଭ୍ୟାସ କରାଇଥିଲେ । ସଂସ୍ଥାନର ଉପ-ପ୍ରଧାନ ପ୍ରାଣବନ୍ଧୁ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରାନ୍ତ ମନ୍ତ୍ରୀ ଅକ୍ଷୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାନ୍ତ ସଂଗଠନ ମନ୍ତ୍ରୀ ଏମ୍. ରାମାୟା ରେଡ୍ଡୀ ଏବଂ ପ୍ରାନ୍ତ କୋଷାଧ୍ୟକ୍ଷ ରଘୁନାଥ ରେଡ୍ଡୀ ନିୟମିତ ଯୋଗାଭ୍ୟାସ ଦ୍ୱାରା ପାଇଥିବା ଶାରୀରିକ ସୁସ୍ଥତା ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ସାଧିକା ଶୁଭ୍ରସୀମା ମହାନ୍ତି ପରିଚାଳନା କରିଥିଲେ । ସାମୁହିକ ପ୍ରାର୍ଥନା ଓ ଶାନ୍ତିପାଠ ଦ୍ୱାରା କାର୍ଯ୍ୟକ୍ରମକୁ ପରିସମାପ୍ତି କରାଯାଇଥିଲା ।

## ମିସ୍ତ୍ରୀଙ୍କୁ ବାଡେଇ ମୁଣ୍ଡ ଫଟାଇ ଜଣେ ଗିରଫ

ବାରଙ୍ଗ,(ସବ୍ୟୁ) :ନୂଆ ଘର କରୁଥିବା ବ୍ୟକ୍ତି ଙ୍କୁ ଚାନ୍ଦା ମାଗିବା ଆଉ ଚାନ୍ଦା ନଦେବାରୁ ମିସ୍ତ୍ରୀ କୁ ବାଡେଇ ମୁଣ୍ଡ ଫଟାଇଦେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି ।ସିଏ ହେଲେ ବାରଙ୍ଗ ଥାନା ଅଧୀନସ୍ଥ ବେଣାଗାଡିଆ ଗ୍ରାମର ଯୁଧିଷ୍ଠିର ଓରଫ ମକୁ ସାହୁ (୪୦) । କଟକ ସେକ୍ଟର-୧୧ରେ ରହୁଥିବା ମନୋରଞ୍ଜନ ପାଢ଼ୀ (୫୪) ନାମକ ବ୍ୟକ୍ତି ନନ୍ଦନକାନନ ଥାନା ଅଧୀନସ୍ଥ ବେଣାଗାଡିଆ ଗ୍ରାମରେ ଏକ ନୂଆ ଘର କରୁଛନ୍ତି ।ଏହି ଗ୍ରାମର ଯୁଧିଷ୍ଠିର ସାହୁ ନାମକ ବ୍ୟକ୍ତି ଚାନ୍ଦା ନଦେଲେ ଘର କରିପାରିବ ନାହିଁ ବୋଲି ଆଗରୁ ଧମକ ଦେଇଥିଲେ ।ଶନିବାର ଦିନରେ ମନୋରଞ୍ଜନ ମିସ୍ତ୍ରୀ ପ୍ରଦୀପ ସାହୁ ଏବଂ ଅନ୍ୟ ଶ୍ରମିକମାନଙ୍କୁ ନେଇ ଘର କାମ କରୁଥିଲେ ।ଏହି ସମୟରେ ଯୁଧିଷ୍ଠିର ସେଠାରେ ପହଞ୍ଚି ମିସ୍ତ୍ରୀ ପ୍ରଦୀପ ଏବଂ ଅନ୍ୟ ଶ୍ରମିକମାନଙ୍କୁ ଧମକ ଦେବା ସହ ଏକ କାଠ ପଟା ସାହାଯ୍ୟରେ ଆକ୍ରମଣ କରିଥିଲେ ।ଏପରିକି ପଟାରେ ବାଡେଇ ପ୍ରଦୀପଙ୍କ ମୁଣ୍ଡ ଫଟାଇଦେଇଥିଲା । ଏହାକୁ ତାଙ୍କ ମାଆ ବିରୋଧ କରିବାରୁ ସେ ମଧ୍ୟ ଆହତ ହୋଇଥିଲେ ବୋଲି ମନୋରଞ୍ଜନ ନନ୍ଦନକାନନ ଥାନାରେ ଆଜି କରିଥିବା ଅଭିଯୋଗରେ ଦର୍ଶାଇଥିଲେ ।ଆଇଆଇସି ବିଭୂତି ଭୂଷଣ ମୁଦୁଲି ୪୧୮/୨୬କେସ ନମ୍ବର ରେ ଏକ ମକଦ୍ଦମା ରୁଜୁ କରି ଆଜି ଯୁଧିଷ୍ଠିରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

### ବରଗଡ଼ ଧନୁଯାତ୍ରା ଉପରେ ଆଧାରିତ

# ପୂର୍ଣ୍ଣାଙ୍ଗ ପ୍ରାମାଣିକ ଚଳଚ୍ଚିତ୍ର 'ମାମୁ ଘରକୁ ଯାତ୍ରା'ର ସ୍କ୍ରିନିଂ ଓ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଧନୁଯାତ୍ରାର ୭୯ ବର୍ଷର ସମୃଦ୍ଧ ପରମ୍ପରା ଓ ଏହା ସହ ଜଡ଼ିତ ଲୋକଙ୍କ ଭାବନା ଓ ଅନନ୍ୟ କଳାକୁ ନେଇ ପ୍ରସ୍ତୁତ ହୋଇଛି ଏକ ପୂର୍ଣ୍ଣାଙ୍ଗ ପ୍ରାମାଣିକ ଚଳଚ୍ଚିତ୍ର - 'ମାମୁ ଘରକୁ ଯାତ୍ରା' । ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଚଳଚ୍ଚିତ୍ରର ସ୍କ୍ରିନିଂ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ଅଗ୍ରଣୀ ଡିଜିଟାଲ ମିଡିଆ ଚ୍ୟାନେଲ ଓଡ଼ିଶାଲାଇଭ୍ ପକ୍ଷରୁ ଏହି ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି । ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ଏହାର ସହଯୋଗୀ ରହିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ । ସେହିପରି ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ଯୋଗ ଦେଇଥିଲେ । "ଧନୁଯାତ୍ରା ଉପରେ ଏଭଳି ଏକ ପୂର୍ଣ୍ଣାଙ୍ଗ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ହେବା ସ୍ୱାଗତଯୋଗ୍ୟ । ଏହା ମାଧ୍ୟମରେ ଧନୁଯାତ୍ରାର ଇତିହାସ, ପରମ୍ପରା ଓ ଲୋକକଳା ସାରା ବିଶ୍ୱରେ ଆହୁରି ପ୍ରସାରିତ ହୋଇପାରିବ । ଆଗାମୀ ଦିନରେ ଧନୁଯାତ୍ରା ଉପରେ ଗବେଷଣା କରୁଥିବା ଗବେଷକ, ଐତିହାସିକ ଓ ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ଏହି ଡକ୍ୟୁମେଣ୍ଟାରୀ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ହେବ ବୋଲି ମୁଁ ଆଶା କରୁଛି," କହିଛନ୍ତି ସାଂସଦ ପ୍ରଦୀପ ପୁରୋହିତ ।




ଓଡ଼ିଶାଲାଇଭର ସିଇଓ ଏବଂ ମାମୁ ଘରକୁ ଯାତ୍ରା ପ୍ରମାଣିକ ଚଳଚ୍ଚିତ୍ରର ପ୍ରଯୋଜକ ନୀଳାମ୍ବର ରଥ ଏହି କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଓଡ଼ିଶାଲାଇଭର ନିର୍ଦ୍ଦେଶକ ଭବାନି ପ୍ରସାଦ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ଇତିହାସକୁ ଭାରତ ଭୁଲିନାହିଁ

# ବିପଦ ବେଳେ ରୁଷ୍ ଆମ ସହ ଠିଆ ହୋଇଥିଲା: ଜୟଶଙ୍କର

ନୂଆଦିଲ୍ଲୀ: ଭାରତ-ରୁଷ୍ ସମ୍ପର୍କକୁ ନେଇ ପାଶ୍ଚାତ୍ୟ ଦେଶଗୁଡ଼ିକର ପ୍ରଶ୍ନ ମଧ୍ୟରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଭାରତର ଦୀର୍ଘଦିନର ରୁଷ୍ ସମ୍ପର୍କକୁ ଦୃଢ଼ ଭାବେ ସମର୍ଥନ କରିଛନ୍ତି। ଭାରତର ସୁରକ୍ଷା ଓ ଭୌଗୋଳିକ ଅଖଣ୍ଡତା ବିପଦରେ ଥିବା ସମୟରେ ରୁଷ୍ ଭାରତ ସହ ଠିଆ ହୋଇଥିଲା, ଯେତେବେଳେ ବିଶ୍ୱର ଅନେକ ଦେଶ ପାକିସ୍ତାନର ସାମରିକ ଶାସନକୁ ସମର୍ଥନ କରୁଥିଲେ ବୋଲି ସେ କହିଛନ୍ତି। ମ୍ୟୁନିକ୍ ଲିଡର୍ସ ମିଟିଂରେ ଯୋଗଦେଇ ଜୟଶଙ୍କର କହିଥିଲେ ଯେ ୧୯୫୦ ଦଶକରୁ ଭାରତ ଓ ରୁଷ୍ ମଧ୍ୟରେ ଦୃଢ଼ ସମ୍ପର୍କ ରହିଆସିଛି। ଏହି ଐତିହାସିକ ସମ୍ପର୍କକୁ ଭାରତ ଭୁଲିନାହିଁ। ତାଙ୍କ କହିବା ଅନୁସାରେ, ସୋଭିଏତ୍ ସଂଘ ଥିବା ସମୟରୁ ରୁଷ୍ ଭାରତର ସୁରକ୍ଷା



ଓ ଭୌଗୋଳିକ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇଥିବା ବେଳେ ଅନେକ ଉପାୟରେ ଭାରତକୁ ସମର୍ଥନ କରିଥିଲା। ଜୟଶଙ୍କର କହିଥିଲେ, ସେତେବେଳେ ଭାରତର ପଡ଼ୋଶୀ ଦେଶ ପାକିସ୍ତାନରେ ସାମରିକ ଶାସନ ଚାଲିଥିଲା ଏବଂ ବିଶ୍ୱର ଏକ ବଡ଼ ଅଂଶ ପାକିସ୍ତାନକୁ ସମର୍ଥନ କରୁଥିଲା। ଏଭଳି ପରିସ୍ଥିତିରେ ରୁଷ୍ ସହ ଭାରତର ସମ୍ପର୍କ ଅତ୍ୟନ୍ତ ଭଲ ଥିଲା ଏବଂ ସେହି ଐତିହାସିକ ଅନୁଭବ ଆଜି ମଧ୍ୟ ଦୁଇ ଦେଶର ସମ୍ପର୍କକୁ ପ୍ରଭାବିତ କରୁଛି। ତେବେ ଭାରତ-ରୁଷ୍ ସମ୍ପର୍କ ଏବେ କେବଳ ପ୍ରତିରକ୍ଷା କ୍ଷେତ୍ରରେ ସୀମିତ ନାହିଁ ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହିତ ପରମାଣୁ ଶକ୍ତି, ମହାକାଶ, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି ଓ ସମ୍ବଳ କ୍ଷେତ୍ରରେ ମଧ୍ୟ ସହଯୋଗ ବଢ଼ିଛି। ଭାରତର ଅଭିଜ୍ଞତା ରୁଷ୍ ସହ ସମ୍ପର୍କ କ୍ଷେତ୍ରରେ ଦୀର୍ଘ ସମୟ ଧରି ସକାରାତ୍ମକ ରହିଛି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ, ୟୁକ୍ରେନ୍ ଯୁଦ୍ଧକୁ ନେଇ ଭାରତର ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ ବୋଲି ଜୟଶଙ୍କର କହିଛନ୍ତି। ଯୁଦ୍ଧର ଅବସାନ ପାଇଁ ସଂଳାପ ଓ କୂଟନୀତି ହିଁ ଏକମାତ୍ର ରାସ୍ତା ଏବଂ ଏଥିପାଇଁ ଆଲୋଚନା ଆବଶ୍ୟକ ବୋଲି ଭାରତ ଦୀର୍ଘଦିନ ଧରି କହିଆସୁଛି। ତେବେ ଗତ କିଛି ମାସ ମଧ୍ୟରେ ଭାରତ କେବଳ ଶାନ୍ତି ପାଇଁ ଆହ୍ୱାନ ଦେବାରେ ସୀମିତ ନରହି ରୁଷ୍ ଓ ୟୁକ୍ରେନ୍ ଉଭୟ ସହ ଆଲୋଚନା ଆରମ୍ଭ କରିଛି ବୋଲି ସେ କହିଥିଲେ। କଳା ସାଗରରେ ଜାହାଜ ଚଳାଚଳର ସୁରକ୍ଷା, ଧାନ ଓ ଶକ୍ତି ରପ୍ତାନି ସମ୍ପର୍କିତ ସମସ୍ୟା ଏବଂ ଆକ୍ରମଣ ନହେବା ଭଳି ବିଷୟ ଉପରେ ଉଭୟ ପକ୍ଷ ସହ ଆଲୋଚନା ଚାଲିଥିବା ସେ ସୂଚନା ଦେଇଛନ୍ତି। ଜୟଶଙ୍କରଙ୍କ ଏହି ମନ୍ତବ୍ୟ ଏଭଳି ସମୟରେ ଆସିଛି, ଯେତେବେଳେ ରୁଷ୍ ସହ ଭାରତର ଘନିଷ୍ଠତା ଏବଂ ୟୁକ୍ରେନ୍ ଯୁଦ୍ଧ ସମୟରେ ମସ୍କୋ ସହ ଭାରତର ଶକ୍ତି ସମ୍ପର୍କକୁ ନେଇ ପାଶ୍ଚାତ୍ୟ ଦେଶଗୁଡ଼ିକରେ ପ୍ରଶ୍ନ ଉଠୁଛି। ଏହି ପରିପ୍ରେକ୍ଷୀରେ ଭାରତ ନିଜର ଐତିହାସିକ ଅଭିଜ୍ଞତା ଓ ଜାତୀୟ ସ୍ୱାର୍ଥ ଆଧାରରେ ବୈଦେଶିକ ନୀତି ନିର୍ଦ୍ଧାରଣ କରୁଥିବା ଜୟଶଙ୍କରଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି।

# ଫାଶୀ ବିଫଳ ପରେ ଭେଣ୍ଟିଲେଟରରେ କ୍ରିଷ୍ଟା ପାଇକ୍

ନ୍ୟୁୟର୍କ: ଆମେରିକାର ଟେନେସିରେ ଫାଶୀ ଦେବା ପ୍ରକ୍ରିୟା ବିଫଳ ହେବା ପରେ ମୃତ୍ୟୁଦଣ୍ଡ ପାଇଥିବା କ୍ରିଷ୍ଟା ପାଇକ୍ ଏବେ ବି ଜୀବିତ ଅଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର। ସେ ଅଚେତନ ଅବସ୍ଥାରେ ହସ୍ପିଟାଲରେ ଭେଣ୍ଟିଲେଟର ସହାୟତାରେ ଅଛନ୍ତି ବୋଲି ତାଙ୍କ ଓକିଲମାନେ କହିଛନ୍ତି। ତାଙ୍କୁ 'ବ୍ରେନ୍ ଡେଡ୍' ଘୋଷଣା କରାଯାଇଥିବା ନେଇ ଏପର୍ଯ୍ୟନ୍ତ କୌଣସି ନିଶ୍ଚିତ ଡାକ୍ତରୀ ସୂଚନା ସାମ୍ନାକୁ ଆସିନାହିଁ। ୫୦ ବର୍ଷୀୟା ପାଇକଙ୍କୁ ୧୯୯୫ ମସିହାରେ ୧୯ ବର୍ଷୀୟା କଲିନ୍ ସ୍ଲେମରଙ୍କ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ସେପ୍ଟେମ୍ବର ୩୦ରେ ଟେନେସିରେ ତାଙ୍କୁ ମାରାତ୍ମକ ଇଞ୍ଜେକ୍ସନ୍ ଦେଇ ଫାଶୀ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତାଙ୍କୁ ପେଣ୍ଟୋବାର୍ବିଟାଲ୍ର ଦୁଇଟି ଡୋଜ୍ ଦିଆଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇନଥିଲା। ପରେ ତାଙ୍କୁ ଜେଲ୍ରୁ ହସ୍ପିଟାଲକୁ ନିଆଯାଇଥିଲା। ପାଇକ୍ଙ୍କ ଓକିଲମାନଙ୍କ ଅନୁସାରେ, ମାରାତ୍ମକ ଔଷଧର ପ୍ରଭାବରେ ତାଙ୍କ ଦୁଇ ବାହୁରେ ଗୁରୁତର ଆଘାତ ହୋଇଛି। ହସ୍ପିଟାଲରେ ଡାକ୍ତରମାନେ ତାଙ୍କ



ଜୀବନ ରକ୍ଷା ସହ ଶରୀରରୁ ପେଣ୍ଟୋବାର୍ବିଟାଲର ପ୍ରଭାବ କମାଇବା ପାଇଁ ଚିକିତ୍ସା କରୁଛନ୍ତି। ଫାଶୀ ପ୍ରକ୍ରିୟା ସମୟରେ ସେ ନିଶ୍ୱାସ ନେଉଥିବା ଏବଂ ଜୋରରେ ଘୁଙ୍ଗୁଡ଼ି ମାରୁଥିବା ଶୁଣାଯାଇଥିଲା ବୋଲି ଘଟଣାର ସାକ୍ଷୀମାନେ କହିଥିଲେ। ପାଇକ୍ଙ୍କ ଓକିଲ ଷ୍ଟିଫେନ୍ ଫେରେଲ୍ କହିଛନ୍ତି ଯେ, ଫାଶୀ ପ୍ରକ୍ରିୟା ପରଠାରୁ ସେ ଚେତା ଫେରିନାହାନ୍ତି। ତାଙ୍କ ଦୀର୍ଘମିଆଦୀ ସ୍ୱାସ୍ଥ୍ୟାବସ୍ଥା କିପରି ରହିବ, ଏବେ ମଧ୍ୟ ସ୍ପଷ୍ଟ ନୁହେଁ। ତେଣୁ ସୋସିଆଲ୍ ମିଡିଆ କିମ୍ବା ଅନ୍ୟାନ୍ୟ ସୂତ୍ରରେ ଚାଲିଥିବା 'ବ୍ରେନ୍ ଡେଥ୍' ଦାବିକୁ ଏପର୍ଯ୍ୟନ୍ତ ନିଶ୍ଚିତ ତଥ୍ୟ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଏହି ବିଫଳ ଫାଶୀ ପ୍ରକ୍ରିୟାକୁ ନେଇ ଟେନେସି ପ୍ରଶାସନ ମଧ୍ୟ ଚାପରେ ପଡ଼ିଛି। ରାଜ୍ୟପାଳ ବିଲ୍ ଲି ଚଳିତ ବର୍ଷ ପାଇଁ ଅନ୍ୟ ସମସ୍ତ ଫାଶୀ ସ୍ଥଗିତ କରିବା ସହ ଘଟଣାର ସ୍ୱାଧୀନ ସମୀକ୍ଷା ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ଆମେରିକାରେ ମାରାତ୍ମକ ଇଞ୍ଜେକ୍ସନ୍ ମାଧ୍ୟମରେ ମୃତ୍ୟୁଦଣ୍ଡ ପ୍ରୟୋଗର ପ୍ରକ୍ରିୟା ନେଇ ନୂଆ ପ୍ରଶ୍ନ ଉଠାଇଛି।

# ହନିଟ୍ରାପରେ ଫଁଶିଲେ ଭାରତୀୟ ଯବାନ

କୋଏମ୍ବାଟୋର : ପାକିସ୍ତାନୀ ଗୁଇନ୍ଦା ସଂସ୍ଥାର ହନି ଟ୍ରାପ୍ ରେ ଫସି ଭାରତୀୟ ନୌ ସୁରକ୍ଷା ସମ୍ବନ୍ଧୀୟ ଅତି ସମ୍ବେଦନଶୀଳ ଓ ଗୁପ୍ତ ତଥ୍ୟ ଶତ୍ରୁ ପକ୍ଷକୁ ପଠାଉଥିବା ଅଭିଯୋଗରେ ଶନିବାର ଦିନ ୩୧ ବର୍ଷୀୟ ଭାରତୀୟ ନୌସେନା ଯବାନ ପ୍ରଦୀପ ମୁଖାର୍ଜୀଙ୍କୁ ଗିରଫ କରାଯାଇଛି। ଆନ୍ଧ୍ରପ୍ରଦେଶ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ (ସିଆଇ) ସେଲ୍ ତାଙ୍କୁ ତାମିଲନାଡୁର କୋଏମ୍ବାଟୋରସ୍ଥିତ ନୌସେନା ପ୍ରଶିକ୍ଷଣ କେନ୍ଦ୍ର 'ଆଇଏନଏସ୍ ଅଗ୍ରଣୀ'ରୁ ଗିରଫ କରିଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ମୂଳ ବାସିନ୍ଦା ପ୍ରଦୀପ ୨୦୧୪ ମସିହାରେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ ଏବଂ ବିଶାଖାପାଟଣାସ୍ଥିତ ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡରେ ନିୟୋଜିତ ଥିଲେ। ଏକ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ କୋର୍ସ ପାଇଁ ସେ ଗତ ସପ୍ତାହେ ହେବ କୋଏମ୍ବାଟୋରସ୍ଥିତ ସେଣ୍ଟରରେ ରହି ପ୍ରଶିକ୍ଷଣ ନେଉଥିବା ବେଳେ ଏହି ଗିରଫଦାରୀ ଘଟିଛି। ତଦନ୍ତକାରୀ ଦଳର ସୂଚନାନୁସାରେ, କିଛି ମାସ ପୂର୍ବେ ଜଣେ ମହିଳା ପାକିସ୍ତାନୀ ଗୁପ୍ତଚର ଅନଲାଇନ୍ ମାଧ୍ୟମରେ ପ୍ରଦୀପଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ପରେ ସୁଯୋଗ ଦେଖି ପ୍ରଦୀପଙ୍କଠାରୁ ବିଶାଖାପାଟଣା ନୌସେନା ଘାଟିର କାର୍ଯ୍ୟଶୈଳୀ, ରଣନୈତିକ ସମର ପ୍ରସ୍ତୁତି, ନୌ ବାହିନୀର ଯାତାୟାତ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ହାସଲ କରାଯାଇଥିବା ଅଭିଯୋଗ ହୋଇଛି। ଗୁପ୍ତଚର ଓ ଆତଙ୍କବାଦୀ କାର୍ଯ୍ୟକଳାପର ତଦନ୍ତ କରୁଥିବା 'ସିଆଇ' ସେଲ୍ ପ୍ରଦୀପଙ୍କ ସନ୍ଦେହଜନକ ଡିଜିଟାଲ୍ କାର୍ଯ୍ୟକଳାପ ଚିହ୍ନଟ କରିବା ପରେ ତାଙ୍କୁ କଡ଼ା ନଜରରେ ରଖିଥିଲା ଏବଂ ପ୍ରମାଣ ମିଳିବା ପରେ ଶନିବାର ଦିନ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ସ୍ୱିତ ମଛାରଙ୍କ ସହ କଥାହେଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ସ୍ୱିତ ମଛାରଙ୍କ ସହ କଥା ହେଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ । ସ୍ୱିତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କଲେ । ଇସ୍ରାଏଲ, ଭାରତ ଓ ସାରା ବିଶ୍ୱର ହିରୋ ଭାବେ ମଛାରଙ୍କୁ ସମ୍ବୋଧନ କଲେ ନେତନ୍ୟାହୁ ।ଇସ୍ରାଏଲ ସ୍ୱାଧୀନତା ସମାରୋହରେ ସ୍ୱିତଙ୍କୁ ସାମିଲ ହେବାକୁ ସେ ନିମନ୍ତ୍ରଣ ଦେଇଛନ୍ତି । ମଶାଲ ପ୍ରଜ୍ୱଳନ ଦିବସରେ ସାମିଲ ହେବାକୁ ଆମନ୍ତ୍ରଣ କରିଛନ୍ତି ।ଏହା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିଜର ପ୍ରିୟ ବନ୍ଧୁ ଭାବେ ସମ୍ବୋଧନ କରି ମୋଦିଙ୍କୁ ମଧ୍ୟ ସ୍ୱାଧୀନତା ସମାରୋହରେ ଯୋଗ ଦେବାକୁ ଆମନ୍ତ୍ରଣ ଦେଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ । କିଛିଦିନ ପୂର୍ବରୁ ହସ୍ପିଟାଲ ବେଡରେ ଥିବା ସ୍ୱିତଙ୍କ ସହ ଭିଡିଓ କଲରେ କଥା ହୋଇଥିଲେ ଭାରତର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କକପିଟ୍ରେ ସହ ପାଇଲଟଙ୍କ ସହ ଲଢ଼ି ସ୍ୱିତ ୧୭୦ରୁ ଅଧିକ ବିମାନ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିବାରୁ ମୋଦି ତାଙ୍କ ସାହାସକୁ ପ୍ରଶଂସା କରିଥିଲେ ।ଏଥିସହ ଘଟଣା ସମ୍ପର୍କରେ ତାଙ୍କ ସହ ବିସ୍ତୃତ ଭାବେ ଆଲୋଚନା ମଧ୍ୟ କରିଥିଲେ । ଏହି ସମୟରେ ସ୍ୱିତ ନିଜ ବୀରତା ବଳରେ ସମସ୍ତ ଭାରତୀୟ ପାଇଲଟଙ୍କ ସମ୍ମାନକୁ ବଞ୍ଚାଇ ଦେଇଥିବା କହି ମଧ୍ୟ ମୋଦି କହିଥିଲେ ।ଫ୍ଲାଏଦୁବାଇର କ୍ୟାପ୍ଟେନ ସ୍ୱିତ ଦୁବାଇରୁ ଇସ୍ରାଏଲକୁ ବିମାନ ଉଡ଼ାଣ କରିଥିଲେ। ବିମାନରେ ୧୭୪ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟ ରହିଥିଲେ। ବିମାନଟି ପ୍ରାୟ ୩୪ ହଜାର ଫୁଟ ଉପରେ ଥିବା ବେଳେ କକପିଟ୍ରେ ଥିବା ସହ ପାଇଲଟ୍ ହଠାତ ଧାରୁଆ ଅସ୍ତ୍ରରେ ସ୍ୱିତଙ୍କୁ ଆକ୍ରମଣ କରିଥିଲେ ।ଓମାନର ସହ ପାଇଲଟ୍ ବିମାନକୁ ହାଇଜାକ କରି ୯/୧୧ ଷ୍ଟାଇଲରେ ଆତଙ୍କବାଦୀ ହମଲା କରିବାକୁ ଚାହୁଁଥିଲେ । ହେଲେ ସ୍ୱିତଙ୍କ ସାହାସ ଓ କିଛି ଯାତ୍ରୀଙ୍କ ସହାୟତା ଯୋଗୁ ବଡ଼ ଅଘଟଣ ଟଳିଥିଲା ।ସ୍ୱିତ ଏହି ସମୟରେ ଗୁରୁତର ଆହତ ହୋଇଥିଲେ। ବିମାନ ସାଉଦି ଆରବର ତାବୁକରେ ଜରୁରୀ ଅବତରଣ କରିବା ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । ସେଠାରେ କାଲି ଠାରୁ ଚିକିତ୍ସିତ ଥିବା ସ୍ୱିତଙ୍କୁ ଆଜି ଅଧିକ ଚିକିତ୍ସା ପାଇଁ ଦୁବାଇ ଏୟାରଲିଫ୍ଟ କରାଯାଇଥିଲା ।ସ୍ୱିତଙ୍କ ବୀରତ୍ୱକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଠାରୁ ଆରମ୍ଭ କରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାଏ ବିଶ୍ୱ ନେତାମାନେ ପ୍ରଶଂସା କରିଛନ୍ତି।

# ତାମିଲ ଫିଲ୍ମମେକର ସିଙ୍ଗିଥମ୍ ଶ୍ରୀନିବାସ ରାଓଙ୍କ ପରଲୋକ

ବିଶାଖାପଟନମ୍ : ଆଉ ନାହାନ୍ତି ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ସିଙ୍ଗିଥମ୍ ଶ୍ରୀନିବାସ ରାଓ । ୧୯୩୧ ମସିହା ସେପଟେମ୍ବର ୨୧ରେ ଆନ୍ଧ୍ରପ୍ରଦେଶର ଗୁଡୁରଠାରେ ଜନ୍ମ ନେଇଥିଲେ ସିଙ୍ଗିଥମ୍ । ବିଖ୍ୟାତ ଫିଲ୍ମ ନିର୍ଦ୍ଦେଶକ ଏଲ.ଭି ପ୍ରସାଦଙ୍କ ସହଯୋଗୀ ଭାବରେ ନିଜ କ୍ୟାରିଅର ଆରମ୍ଭ କରିଥିଲେ ସେ । ୧୯୭୨ରେ 'ନୀତି ନିଜାୟିତି'ଫିଲ୍ମ ମାଧ୍ୟମରେ ନିର୍ଦ୍ଦେଶନା କ୍ଷେତ୍ରରେ ପଦାର୍ପଣ କରିଥିଲେ । ଏବଂ ୫ଟି ଭାଷାରେ କାମ କରି ୬ଦଶନ୍ଧି ଧରି ଏକ ସଫଳ କ୍ୟାରିଅର ଗଢି ତୋଳିଥିଲେ । କମଲ ହାସନଙ୍କ ଅଭିନୀତ ସଂଳାପ ବିହୀନ 'ବ୍ଲାକ୍ କମେଡି'ଓ 'ପୁଷ୍ପକ ବିମାନମ୍'ତାଙ୍କର ସର୍ବାଧିକ ଲୋକପ୍ରୀୟ ସିନେମାରୁ ଅନ୍ୟତମ । ସାଇନ୍ସ ଫିକ୍ସନ ଫିଲ୍ମ 'ଆଦିତ୍ୟ ୩୬୯' କରିଥିଲେ ସେ । 'ମାଇକେଲ୍ ମଦନ କାମା ରାଜନ' ଭଳି ଫିଲ୍ମ ନିର୍ମାଣ କରି ଭାରତୀୟ ସିନେମାର ସୀମାକୁ ସମ୍ପ୍ରସାରଣ କରିଥିଲେ । ତେଲୁଗୁ ବ୍ୟତିତ କନ୍ନଡ, ହିନ୍ଦୀ ଭାଷାରେ ଫିଲ୍ମ କରିଛନ୍ତି ସେ । ଏକ ସଙ୍ଗୀତ ଭିତିକ କାଳ୍ପନିକ ଫିଲ୍ମ 'ସିଙ୍ଗ ଗୀଥମ୍' ଥିଲା ତାଙ୍କର ଶେଷ ଫିଲ୍ମ । ଯାହା ଚଳିତ ବର୍ଷ ଆରମ୍ଭରୁ ଶେଷ ହୋଇଛି । ଆଜି ସେ ନାହାନ୍ତି ସତ ହେଲେ ତାଙ୍କ ସବୁବେଳର ଲୋକପ୍ରୀୟ ଫିଲ୍ମ ଲୋକଙ୍କ ମନରେ ସବୁଦିନ ପାଇଁ ରହିଯାଇଛି । ଶନିବାର ରାତିରେ ଚେନ୍ନାଇସ୍ଥିତ କାଭେରୀ ହସ୍ପିଟାଲରେ ୯୪ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । କିଛି ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହୁଥିଲା । ଲଗାତର ଭାବେ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ବୟସାଧିକ ହୋଇଯିବାରୁ ଅସୁସ୍ଥ ହୋଇପଡିଥିଲେ । ଏବଂ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିବା ସୂଚନା ମିଳିଛି । ତାଙ୍କ ମୃତ୍ୟୁ ଖବର ପରେ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଶୋକର ଛାୟା ଖେଳିଯାଇଛି । ଫିଲ୍ମ ଜଗତର ଜଣାଶୁଣା ଅଭିନେତା, ଫିଲ୍ମ ମେକର ଓ ଅନ୍ୟ ସଦସ୍ୟ ଗଭୀର ଶ୍ରଦ୍ଧାଂଜଳି ଦେଇଛନ୍ତି । ଜଣେ ଫିଲ୍ମ ନିର୍ଦ୍ଦେଶକ ଭାବେ ତାଙ୍କର ଚିନ୍ତାଧାରା ସମୟ ଠାରୁ ଆଗକୁ ଥିଲା ବୋଲି କହି ତାଙ୍କୁ ମନେ ପକାଇଛନ୍ତି ଅଭିନେତା ଜୁନିଅର ଏନଟିଆର ।

# ଓଡ଼ିଆ ଫିଲ୍ମ ଅଭିନେତ୍ରୀଙ୍କୁ ମିଳିଲା ରାଜ୍ୟସଭା ଟିକେଟ

ନୂଆଦିଲ୍ଲୀ : ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନିର୍ବାଚନ କମିଟି ରବିବାର (ଅକ୍ଟୋବର ୪) ଦିନ ରାଜ୍ୟସଭା ନିର୍ବାଚନ ପାଇଁ ଦୁଇଜଣ ପ୍ରମୁଖ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବିଜେପି ଉତ୍ତରାଖଣ୍ଡରୁ ଦିନେଶ ଆର୍ଯ୍ୟ ଏବଂ ପଶ୍ଚିମବଙ୍ଗରୁ ରୁକ୍ମିଣୀ ମଲ୍ଲିକ (କୋଏଲ୍ ମଲ୍ଲିକ)ଙ୍କୁ ପ୍ରାର୍ଥୀ କରିଛି। ଉଲ୍ଲେଖନୀୟ ଯେ, କୋଏଲ୍ ପୂର୍ବରୁ ତୃଣମୂଳ କଂଗ୍ରେସ ସହ ଜଡ଼ିତ ଥିଲେ କିନ୍ତୁ ପରେ ବିଜେପିରେ ଯୋଗ ଦେଇଥିଲେ ।କୋଏଲ୍ ମଲ୍ଲିକ, ଯିଏ ପୂର୍ବରୁ ତୃଣମୂଳ କଂଗ୍ରେସର ପ୍ରତିନିଧିତ୍ୱ କରି ରାଜ୍ୟସଭା ସାଂସଦ ହୋଇଥିଲେ, ସେ କିଛି ଦିନ ପୂର୍ବେ ନିଜ ପଦରୁ ଇସ୍ତଫା ଦେଇଥିଲେ; ବର୍ତ୍ତମାନ ବିଜେପି ତାଙ୍କୁ ନିଜର ପ୍ରାର୍ଥୀ କରିଛି। ସେ ଏପ୍ରିଲ୍ ମାସରେ ଶପଥ ଗ୍ରହଣ କରିଥିଲେ ମଧ୍ୟ ଜୁଲାଇରେ ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଇସ୍ତଫା ଦେଇଥିଲେ | ତୃଣମୂଳ କଂଗ୍ରେସ ସାଂସଦ ଭାବରେ ସେ ଗୋଟିଏ ଦିନ ପାଇଁ ମଧ୍ୟ ଅଧିବେଶନରେ ଯୋଗ ଦେଇନଥିଲେ। କୋଏଲ୍ ଜଣେ ଅଭିନେତ୍ରୀ ଏବଂ ସେ ଅନେକ ବଙ୍ଗଳା ଚଳଚ୍ଚିତ୍ରରେ କାମ କରିଛନ୍ତି ।ଆପଣଙ୍କ ସୂଚନା ପାଇଁ ଜଣାଇଦେଉଛୁ ଯେ, କୋଏଲ ଓଡ଼ିଆ ସିନେମା 'ମହାନାୟକ'ରେ ମୁଖ୍ୟ ଅଭିନେତ୍ରୀ ଭାବେ ଅଭିନୟ କରିଥିଲେ | ଏହି ସିନେମାରେ ତାଙ୍କ ବିପକ୍ଷରେ ଅନୁଭବ ମହାନ୍ତି ମୁଖ୍ୟ ଅଭିନେତା ଭାବେ ଅଭିନୟ କରିଥିଲେ | ଏହି ଫିଲ୍ମର ନିର୍ଦ୍ଦେଶନା ଦେବୁ ପଟ୍ଟନାୟକ ଓ ସୁଧାଂଶୁ ମୋହନ ସାହୁ ଦେଇଥିଲେ ।ଅନ୍ୟପଟେ କହିବାକୁ ଗଲେ ବିଜେପି ଉତ୍ତରାଖଣ୍ଡରୁ ଦିନେଶ ଆର୍ଯ୍ୟଙ୍କୁ ରାଜ୍ୟସଭା ପ୍ରାର୍ଥୀ ଭାବରେ ମନୋନୀତ କରିଛି। ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କର ଏହି ମନୋନୟନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଦିନେଶ ଆର୍ଯ୍ୟ ପୂର୍ବରୁ ବିଜେପିର ନୈନିତାଲ ଜିଲ୍ଲା ସଭାପତି ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଉତ୍ତରାଖଣ୍ଡରେ ରାଜ୍ୟ ମନ୍ତ୍ରୀ ପାହ୍ୟା ପାଇଛନ୍ତି। ପୂର୍ବରୁ ଏଭଳି ଚର୍ଚ୍ଚା ହେଉଥିଲା ଯେ ଗତ ବିଧାନସଭା ନିର୍ବାଚନ ସମୟରେ ଟିକେଟ୍ ନ ପାଇବାରୁ ସେ ଅସନ୍ତୁଷ୍ଟ ଥିଲେ; ତଥାପି, ଦଳ ବର୍ତ୍ତମାନ ତାଙ୍କୁ ଏକ ବଡ଼ ସୁଯୋଗ ପ୍ରଦାନ କରିଛି।

# ବିକ୍ଷୋଭ ବେଳେ ସାମ୍ବାଦିକାଙ୍କୁ ପୋଲିସର ଅସଦାଚରଣ ଅଭିଯୋଗ

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଗତକାଲି ଦିଲ୍ଲୀର ଯନ୍ତରମନ୍ତରରେ ହୋଇଥିବା ବିକ୍ଷୋଭ ବେଳେ ପୁଲିସ୍ କର୍ମଚାରୀମାନେ ୩ ଜଣ ମହିଳା ସାମ୍ବାଦିକଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଦିଲ୍ଲୀ ପୁଲିସ କହିଛି ଯେ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମାମଲାଟିକୁ କ୍ରାଇମ ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ଏହି ତିନି ମହିଳା ସାମ୍ବାଦିକଙ୍କ ମଧ୍ୟରୁ ଜଣେ କହିଛନ୍ତି ଯେ ତାଙ୍କୁ ଦିଲ୍ଲୀ ପୁଲିସର ଜଣେ ଏସିପି (ଆସିଷ୍ଟାଣ୍ଟ କମିଶନର ଅଫ୍ ପୁଲିସ) ଅସଦାଚରଣ କରିଥିଲେ। ସେହି ପୁଲିସ ଅଧିକାରୀ ତାଙ୍କ ଶରୀରକୁ ଅନୁଚିତ ଭାବେ ସ୍ପର୍ଶ କରିଥିଲେ ଓ ଠେଲି ଦେଇଥିଲେ। ସେ ପୁଲିସ୍ର କାର୍ଯ୍ୟାନୁଷ୍ଠାନକୁ ରେକର୍ଡ କରୁଥିବା ବେଳେ ତାଙ୍କ ସହିତ ଏହି ଅସଦାଚରଣ କରାଯାଇଥିଲା। ସେ କହିଛନ୍ତି ଯେ ଏହି ଘଟଣା ପରେ ସେ ଓ ଅନ୍ୟମାନେ ଥାନାକୁ ଯାଇଥିଲେ। ସେମାନେ ଏହି ଘଟଣା ନେଇ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ଉପସ୍ଥିତ ପୁଲିସ ଅଧିକାରୀ ସେମାନଙ୍କ ଅଭିଯୋଗକୁ ସଙ୍ଗେ ସଙ୍ଗେ ଗ୍ରହଣ କରି ନଥିଲେ। ଦିଲ୍ଲୀ ପୁଲିସ କହିଛି ଯେ ସେମାନଙ୍କ (ତିନି ମହିଳା ସାମ୍ବାଦିକଙ୍କ) ଅଭିଯୋଗ ଆମେ ପାଇଛୁ। ତଦନ୍ତ ପାଇଁ ସେଗୁଡ଼ିକୁ କ୍ରାଇମ ବ୍ରାଞ୍ଚକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ ସ୍ତବ୍ଧ ହେବା ସହିତ ଗଭୀର ଚିନ୍ତା ପ୍ରକାଶ କରିଛି। ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ କହିଛି ଯେ ଗଣତନ୍ତ୍ରରେ ଏଭଳି ବ୍ୟବହାର ସ୍ୱାଭାବିକ ନୁହେଁ। ସାମ୍ବାଦିକଙ୍କୁ କୌଣସି ଭୟ ନଦେଖାଇ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ଦରକାର। ଦିଲ୍ଲୀ ପୁଲିସ୍ ତତ୍କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ଏନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ନିକଟରୁ ଜବାବ ଦାବି କରିଛନ୍ତି।

# ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଆବେଦନ: ସୋମବାର ସୁପ୍ରିମକୋର୍ଟରେ ଶୁଣାଣି

## ଏସ୍ଆଇଆରକୁ ନେଇ ବିବାଦ ; ନିଲମ୍ବନ ଓ ନିଷ୍ପତ୍ତିଗୁଡ଼ିକର ଯାଞ୍ଚ ଦାବି

ନୂଆଦିଲ୍ଲୀ: ନିର୍ବାଚନ କମିଶନର କାର୍ଯ୍ୟପ୍ରଣାଳୀ ଓ ଭୋଟର ତାଲିକାର ସ୍ୱତନ୍ତ୍ର ନିବିଡ଼ ସଂଶୋଧନ (ଏସ୍ଆଇଆର୍)କୁ ନେଇ ଜାରି ବିବାଦ ମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଦାଖଲ ଆବେଦନଗୁଡ଼ିକ ଉପରେ ସୋମବାର, ଅକ୍ଟୋବର ୫ରେ ସୁପ୍ରିମକୋର୍ଟ ଶୁଣାଣି କରିବେ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ପାଟନାର ଆବେଦନକାରୀ ରାକେଶ କୁମାର ସିଂହ ଏବଂ ଆଇନଜୀବୀ ଶୈଳେନ୍ଦ୍ର ମଣି ତ୍ରିପାଠୀ ଏହି ମାମଲାଗୁଡ଼ିକ ଦାଖଲ କରିଛନ୍ତି। ଆବେଦନରେ ଜ୍ଞାନେଶ କୁମାରଙ୍କ ନିଲମ୍ବନ ସହ ତାଙ୍କ ଦ୍ୱାରା କଥିତ ଭାବେ ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କ ସମ୍ମତି ବିନା ନିଆଯାଇଥିବା କେତେକ ନିଷ୍ପତ୍ତି, ନିର୍ଦ୍ଦେଶ ଓ ସଫ୍ଟୱେର ପରିବର୍ତ୍ତନକୁ ଚ୍ୟାଲେଞ୍ଜ କରାଯାଇଛି। ଆବେଦନକାରୀଙ୍କ ମୁଖ୍ୟ ଅଭିଯୋଗ





ହେଉଛି, ନିର୍ବାଚନ କମିଶନ ଏକ ବହୁସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ସଂସ୍ଥା ହୋଇଥିବାରୁ ଏହାର କ୍ଷମତା ଓ ନିଷ୍ପତ୍ତି ସାମୂହିକ ଭାବେ ନିଆଯିବା ଆବଶ୍ୟକ। ଏସ୍ଆଇଆର୍ ସମ୍ପର୍କିତ କେତେକ ପଦକ୍ଷେପରେ ଏହି ପ୍ରକ୍ରିୟା ପାଳନ ହୋଇନଥିବା ଆବେଦନରେ ଦାବି କରାଯାଇଛି। ବିବାଦର ଅନ୍ୟତମ ପ୍ରମୁଖ ପ୍ରସଙ୍ଗ ହେଉଛି ଭୋଟର ପଞ୍ଜୀକରଣ ପାଇଁ ବ୍ୟବହୃତ ଫର୍ମ-୬। ଏଥିରେ ପୂର୍ବପୁରୁଷଙ୍କ ସମ୍ପର୍କିତ ତଥ୍ୟ ଏବଂ ପୂର୍ବ ଏସ୍ଆଇଆର୍ ସହ ଲିଙ୍କ୍ ଭଳି ଅତିରିକ୍ତ ସୂଚନା ଯୋଡ଼ାଯାଇଥିବା ନେଇ ଆବେଦନରେ ପ୍ରଶ୍ନ ଉଠାଯାଇଛି। ଏଭଳି ପରିବର୍ତ୍ତନ ପାଇଁ ଆଇନ ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟା ପାଳନ ହୋଇନଥିବା ମଧ୍ୟ ଦାବି କରାଯାଇଛି। ଏହା ସହ ଗୋଆ ଓ ପଶ୍ଚିମବଙ୍ଗର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ମଧ୍ୟ ଆବେଦନରେ ଅଭିଯୋଗ ରହିଛି। ତେବେ ଏହି ସବୁ ଅଭିଯୋଗକୁ ନେଇ ନିର୍ବାଚନ କମିଶନର ପକ୍ଷରୁ ଭିନ୍ନ ମତ ରଖାଯାଇଛି। କମିଶନ କହିଛି ଯେ ମତଭେଦ ହେବା ସ୍ୱାଭାବିକ ଏବଂ ଏହାର ସମସ୍ତ ଆଦେଶ ଆଇନସମ୍ମତ ଓ ପ୍ରଚଳିତ ପ୍ରକ୍ରିୟା ଅନୁସାରେ ଜାରି ହୋଇଛି। ଫର୍ମ-୬ରେ କୌଣସି ପରିବର୍ତ୍ତନ କରାଯାଇନଥିବା ମଧ୍ୟ କମିଶନ ପକ୍ଷରୁ କୁହାଯାଇଛି। ସୁପ୍ରିମକୋର୍ଟର ଆସନ୍ତାକାଲିର ଶୁଣାଣିରେ ଏସ୍ଆଇଆର୍ ସମେତ ନିର୍ବାଚନ କମିଶନର ସାମୂହିକ ନିଷ୍ପତ୍ତି ପ୍ରକ୍ରିୟା, ସିଇସିଙ୍କ କ୍ଷମତା ଏବଂ ଆବେଦନରେ ଉଠାଯାଇଥିବା ଅଭିଯୋଗ ଉପରେ ଆଇନଗତ ପ୍ରଶ୍ନଗୁଡ଼ିକ ସାମ୍ନାକୁ ଆସିପାରେ।

# ସିୟୁଇଟି ୟୁଜି ୨୦୨୭ ପରୀକ୍ଷା ଢାଞ୍ଚାରେ ବଡ଼ ପରିବର୍ତ୍ତନ କରିପାରେ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି

ନୂଆଦିଲ୍ଲୀ : ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ ) ଦ୍ୱାରା ପରିଚାଳିତ କମନ୍ ୟୁନିଭରସିଟି ଏଣ୍ଟ୍ରାନ୍ସ ଟେଷ୍ଟ ୟୁଜି (ସିୟୁଇଟି ୟୁଜି ୨୦୨୭) ପରୀକ୍ଷା ଢାଞ୍ଚାରେ ବଡ଼ଧରଣର ପରିବର୍ତ୍ତନ ଆସିବାକୁ ଯାଉଛି। ଦେଶର ପ୍ରମୁଖ କେନ୍ଦ୍ରୀୟ ଓ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମଲେଖା ପ୍ରକ୍ରିୟାକୁ ଆହୁରି ସରଳ, ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ମିଳିଥିବା ସୂଚନା ଅନୁସାରେ ଏହି ସବୁ ପ୍ରମୁଖ ପରିବର୍ତ୍ତନ କରାଯାଇପାରେ | ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ: ପୂର୍ବରୁ ଆସୁଥିବା ବିକଳ୍ପ ପ୍ରଶ୍ନ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ବର୍ତ୍ତମାନ ପ୍ରତ୍ୟେକ ବିଷୟ ପେପରରେ ମୋଟ ୫୦ଟି ବହୁବିକଳ୍ପ ପ୍ରଶ୍ନ ରହିବ ଏବଂ ଶିକ୍ଷାର୍ଥୀଙ୍କୁ ସମସ୍ତ ୫୦ଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। ପ୍ରତ୍ୟେକ ବିଷୟ ପରୀକ୍ଷା ପାଇଁ ୬୦ ମିନିଟ୍ ସମୟ ଧାର୍ଯ୍ୟ କରାଯାଇଛି। ଜଣେ ପରୀକ୍ଷାର୍ଥୀ ସର୍ବାଧିକ ୫ଟି ବିଷୟ (ଭାଷା, ଡୋମେନ୍ ବିଷୟ ଓ





ଜେନେରାଲ୍ ଟେଷ୍ଟ ମିଶାଇ) ଚୟନ କରିପାରିବେ। ଏହି ପରୀକ୍ଷା ସମ୍ପୂର୍ଣ୍ଣ କମ୍ପ୍ୟୁଟର ଆଧାରିତ ମାଧ୍ୟମରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ସଠିକ୍ ଉତ୍ତର ପାଇଁ ୫ ମାର୍କ ମିଳିବ। ଭୁଲ୍ ଉତ୍ତର ପାଇଁ -୧ ମାର୍କ କଟାଯିବ। କୌଣସି ଉତ୍ତର ନ ଦେଲେ ୦ ମାର୍କ ରହିବ। ଡୋମେନ୍ ବିଷୟ ଗୁଡ଼ିକର ପ୍ରଶ୍ନସେଟ୍ ଦ୍ୱାଦଶ ଶ୍ରେଣୀ (ଯୁକ୍ତ ଦୁଇ) ସିଲାବସ୍ ଉପରେ ଆଧାରିତ ହେବ। ଏନଟିଏର ଏହି ନୂତନ ନିୟମାବଳୀ ଦ୍ୱାରା ପରୀକ୍ଷାର୍ଥୀଙ୍କ ମୂଲ୍ୟାଙ୍କନ ପ୍ରକ୍ରିୟାରେ ସମାନତା ଆସିବ ଏବଂ କୋଚିଂ ଉପରେ ନିର୍ଭରଶୀଳତା କମିବ ବୋଲି ଆଶା କରାଯାଉଛି।

# ଫ୍ଲାଏ ଦୁବାଇ ସହ ପାଇଲଟଙ୍କ ସାଂଘାତିକ ଖେଳ

ନୂଆଦିଲ୍ଲୀ: ସୋଶାଲ ମିଡିଆରେ ଅଲକାଏଦା ଆତଙ୍କବାଦୀମାନଙ୍କ ଫଟୋକୁ ପସନ୍ଦ କରୁଥିଲା, ମୌଳବାଦୀ ଚିନ୍ତାଧାରେ ପ୍ରଭାବିତ ୱେବସାଇଟ୍କୁ ନିୟମିତ ଯାଉଥିଲା ଓ ବିବାଦୀୟ ଚିନ୍ତାଧାରା ଯୋଗୁ ଓମାନର ଜାତୀୟ ଏୟାରରୁ ତଡ଼ା ବି ଖାଇଥିଲା। ଇସ୍ରାଏଲ ଯାଉଥିବା ଫ୍ଲାଏଦୁବାଇ ବିମାନକୁ ୯/୧୧ ଷ୍ଟାଇଲରେ କ୍ରାଶ କରାଇବାକୁ ଚାହୁଁଥିବା ଓମାନର ସହ ପାଇଲଟଙ୍କ ସମ୍ପର୍କରେ ଆସିଛି ସାଂଘାତିକ ଖେଳ। ଦୁବାଇରୁ ବୁଧବାର ସକାଳେ ତେଲ ଅଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନ ମଝି ଆକାଶରେ ଥିବା ବେଳେ ଘଟିଥିଲା ହାଇଡ୍ରାମା। ବିମାନଟି ୩୪ ହଜାର ଫୁଟ ଉପରେ ଥିବା ବେଳେ କକପିଟ୍ରେ ଭାରତୀୟ କ୍ୟାପ୍ଟେନ୍ ସ୍ୱିତ୍ ମଛାରଙ୍କୁ ଆକ୍ରମଣ କରିଥିଲା ସହ ପାଇଲଟ୍ ହାମାମ୍ ଅଲହାମ୍ମାମି। ସେ ଜଣେ ଓମାନ ନାଗରିକ ହୋଇଥିବା ବେଳେ ଇସ୍ରାଏଲର ନାଗରିକଙ୍କୁ ନେଇ ଯାଉଥିବା ଲୋକଙ୍କୁ ହତ୍ୟା କରିବା



ପାଇଁ ଯୋଜନା କରିଥିଲା। କିନ୍ତୁ ଭାରତୀୟ ପାଇଲଟ ମଛାରଙ୍କ ସାହାସ ଓ କିଛି ଯାତ୍ରୀଙ୍କ ସହାୟତା ଯୋଗୁ ବିମାନ କ୍ରାଶ କରିବା ପାଇଁ ହାମାମ ରଚିଥିବା ଖେଳରେ ପାଣି ପଡ଼ି ଯାଇଥିଲା। ଘଟଣା ପରେ ହାମାମକୁ ଗିରଫ କରାଯାଇଛି। ଏବେ ତା' ସମ୍ପର୍କରେ ନେକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ସୂଚନା ଅନୁସାରେ ହାମାମ ମୌଳବାଦୀ ଚିନ୍ତାଧାରାରେ ପ୍ରଭାବିତ ହୋଇଥିଲା। ସେ ଅଧିକାଂଶ ସମୟ ୟୁଏଇରେ ରହିଥିଲା ଓ ତା' ମା' ଜଣେ ସିରିୟାନ। ସେ ମୌଳବାଦୀ ଚିନ୍ତାଧାରାର ପ୍ରଭାବରେ ଆସିଥିଲା। ୨୦୨୪ରେ ହାମାମ ଓମାନ୍ ଏୟାରରେ କୋ-ପାଇଲଟ୍ ଟ୍ରେନି ଭାବେ କାମ କରୁଥିଲା। ସେହି ସମୟରେ ତାଙ୍କ ପାଖରୁ ଅନେକ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ଏଥିପାଇଁ ସୁରକ୍ଷା ଦୃଷ୍ଟିରୁ ତା' ବିରୋଧରେ ନିଆଯାଇଥିଲା କାର୍ଯ୍ୟାନୁଷ୍ଠାନ। ହାମାମର ବିମାନ ଚଳାଇବା ଉପରେ କଟକଣା ଲଗାଯାଇଥିଲା। ତେବେ ୨୦୨୫ରେ ସେ ଫ୍ଲାଏଦୁବାଇରେ ଚାକିରି ପାଇଥିଲା। ସେହିପରି ତା' ନାଁରେ ଥିବା ସୋଶାଲ ମିଡିଆରୁ ଦୁଇଟି ଆତଙ୍କବାଦ ସମ୍ପର୍କିତ ପୋଷ୍ଟ କରାଯାଇଥିବା ଜଣାପଡ଼ିଛି। କୁହାଯାଉଛି ଯେ ଆ ହାମାମ ତା' ଜୀବନର ଅଧିକାଂଶ ସମୟ ୟୁଏଇରେ କାଟିଛି। ସେ ଓମାନ ନାଗରିକ ହୋଇଥିଲେ ହେଁ ଏଯାଏ ସ୍ଥାନୀୟ ସରକାର କିଛି ବି କହି ନାହାନ୍ତି। ସେହିପରି ସେ ଦ୍ୱୈତନାଗରିକତା ରଖିଥିବା ମଧ୍ୟ ଚର୍ଚ୍ଚା ହେଉଛି। ଯଦି ଏହା ସତ, ତା'ହେଲେ ଇସ୍ରାଏଲ ଯାଉଥିବା ବିମାନରେ ତା'କୁ କେମିତି ସେବା ଯୋଗାଇବାକୁ ଅନୁମତି ମିଳିଥିଲା? ଇସ୍ରାଏଲ ସହ ଓମାନର କୌଣସି କୂଟନୀତିକ ସମ୍ପର୍କ ନାହିଁ। ଅବ୍ରାହମ ଚୁକ୍ତି ଯୋଗୁ ୨୦୨୦ରେ ଇସ୍ରାଏଲ ଓ ୟୁଏଇ ସମ୍ପର୍କ ସ୍ୱାଭାବିକ ହୋଇଥିଲା। କିନ୍ତୁ ମଧ୍ୟପ୍ରାଚ୍ୟର ପାଇଲଟଙ୍କୁ ଇସ୍ରାଏଲ ଯାଉଥିବା ବିମାନ ଚଳାଇବାକୁ କଟକଣା ରହିଛି। ଫ୍ଲାଏଦୁବାଇରେ ସେ ୮ ମାସ ତଳେ ଯୋଗ ଦେଇଥିଲା। ଏହା ପୂର୍ବରୁ ସେ ଓମାନ ଏୟାର ଓ ରୟାଲ ଏୟାର ମରୋକରେ କାମ କରୁଥିଲା। ଓମାନ ଏୟାରରେ ଥିବା ବେଳେ ନିଜର ମୌଳବାଦୀ ଚିନ୍ତାଧାରା ଯୋଗୁ ସେ ବିବାଦକୁ ଆସିଥିଲା। ସେ ଚରମପନ୍ଥୀ ୱେବସାଇଟକୁ ଯାଉଥିବା ମଧ୍ୟ ଜଣାପଡ଼ିଥିଲା। ଏଥିଯୋଗୁ ବିମାନ ଉଡ଼ାଣ ଦାୟିତ୍ୱରୁ ତା'କୁ ହଟାଯାଇ ଡେସ୍କରେ କାମ କରିବାକୁ କୁହାଯାଇଥିଲେ। ୨୦୨୫ରେ ସେ ଓମାନ ଏୟାର ଛାଡ଼ି ଦେଇଥିଲା। ଏବେ ଏହି ସବୁ ତଥ୍ୟର ଯାଞ୍ଚ ହେଉଛି।



# ସରିଲା ଏସିଆଡ, ନୀରୁ ଧରିଲେ ତ୍ରିରଙ୍ଗା

## କାତାରକୁ ହସ୍ତାନ୍ତର ହେଲା ଓସିଏ ଫ୍ଲାଗ୍

ନାଗୋୟା, ୪।୧୦(ଏଜେନ୍ସି) : ଜାପାନର ଆଇଚି ନାଗୋୟାରେ ୨୦ତମ ଏସିଆନ ଗେମ୍ସ ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ନୀରୁ ଧାନ୍ଦା ଭାରତୀୟ ପତାକା ବାହାକ ସାଜିଥିଲେ। ଅଲିମ୍ପିକ କାଉନସିଲ ଅଫ ଏସିଆର ପତାକାକୁ ପରବର୍ତ୍ତୀ ସଂସ୍କରଣ ଆୟୋଜିତ କାତାରକୁ ହସ୍ତାନ୍ତର କରାଯାଇଛି। ଏସିଆଡର ୨୧ତମ ସଂସ୍କରଣ କାତାରରେ ଆୟୋଜନ ହେବ। ନାଗୋୟା ସହରର ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମରେ ଏହି ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜାପାନର ଜାତୀୟ





ସଂଗୀତ ଗାନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ବିଭିନ୍ନ ଦେଶର ଆଥଲେଟ୍ ଜାତୀୟ ପତାକା ସହ ପରେଡରେ ଅଂଶଗ୍ରହଣ କରିଥିଲେ। ଭାରତର ତାରକା ସୁଟର ନୀରୁ ଧାନ୍ଦା ଦଳର ନେତୃତ୍ୱ ନେଇଥିଲେ। ନୀରୁ ଏହି ଏସିଆଡରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ତିନୋଟି ପଦକ ଜିତିଛନ୍ତି। ଏସିୟ କ୍ରୀଡାର ୨୧ତମ ସଂସ୍କରଣ ୨୦୩୦ରେ ଦୋହାରେ ହେବ। ଦୋହା ଦ୍ୱିତୀୟ ଥର ପାଇଁ ଏସିଆଡ ଆୟୋଜନ କରିବ। ପୂର୍ବରୁ ୨୦୦୬ରେ ଦୋହାରେ ଏସିଆଡ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସମାରୋହରେ ପରମ୍ପରା ଅନୁଯାୟୀ ଆଇଚି ନାଗୋୟାରୁ ଓସିଏ ଫ୍ଲାଗକୁ ଦୋହା ୨୦୩୦ ର ପ୍ରତିନିଧିଙ୍କୁ ହସ୍ତାନ୍ତର କରାଯାଇଥିଲା। ଏସିୟ କ୍ରୀଡା ୨୦୨୬ରେ ଭାରତ ମୋଟ ୮୫ ଟି ପଦକ ହାସଲ କରିଛି। ୨୧ ଟି ସ୍ୱର୍ଣ୍ଣ ସହ ତାଲିକାର ଚତୁର୍ଥ ସ୍ଥାନରେ ରହିଛି ଭାରତ। ଚୀନ ୧୬୯ ସ୍ୱର୍ଣ୍ଣ ସହ ମୋଟ ୩୪୧ ପଦକ ଜିତି ପ୍ରଥମ, ଜାପାନ ୮୩ସ୍ୱର୍ଣ୍ଣ ସହ ଦ୍ୱିତୀୟ, ଦକ୍ଷିଣ କୋରିଆ ୩୯ ସ୍ୱର୍ଣ୍ଣ ସହ ତୃତୀୟ ଏବଂ ୨୧ ସ୍ୱର୍ଣ୍ଣ ସହ ଉଜବେକିସ୍ଥାନ ଭାରତ ତଳକୁ ପଞ୍ଚମ ସ୍ଥାନରେ ରହିଛି।

## ଏସିଆଡରେ ୮୫ ପଦକ

ନାଗୋୟା, ୪।୧୦(ଏଜେନ୍ସି): ଏସିଆଡ୍-୨୦୨୬ରେ ଭାରତ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି। ମୋଟ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି କାଂସ୍ୟ ସହ ଭାରତର ପଦକ ସଂଖ୍ୟା ୮୫ରେ ପହଞ୍ଚିଛି। ଏହି ସଫଳତା ସହ ଭାରତ ଏସିଆର ଶ୍ରେଷ୍ଠ କ୍ରୀଡ଼ା ଶକ୍ତିମାନଙ୍କ ମଧ୍ୟରେ ନିଜ ସ୍ଥାନକୁ ପୁଣି ମଜବୁତ କରିଛି। ଭାରତର ସ୍ୱର୍ଣ୍ଣିମ ଅଭିଯାନରେ ଦଳଗତ ଓ ବ୍ୟକ୍ତିଗତ- ଉଭୟ ସଫଳତାର ଛାପ ରହିଛି। ମହିଳା ଓ ପୁରୁଷ କ୍ରିକେଟ୍ ଦଳ ନିଜ ନିଜ ଟାଇଟଲ୍ ବଜାୟ ରଖି ସ୍ୱର୍ଣ୍ଣ ଜିତିଥିବା ବେଳେ ଉଭୟ କବାଡ଼ି ଦଳ ମଧ୍ୟ ଚାମ୍ପିଅନ୍ ହୋଇଛନ୍ତି। ହକିରେ ମହିଳା ଦଳ ୪୪ ବର୍ଷର ଅପେକ୍ଷା ଶେଷ କରି ସ୍ୱର୍ଣ୍ଣ ଜିତିଥିବା ବେଳେ ପୁରୁଷ ଦଳ ମଧ୍ୟ ଟାଇଟଲ୍ ବଜାୟ ରଖିଛି। ତୀରନ୍ଦାଜି ଏଥର ଭାରତର ସବୁଠାରୁ ସଫଳ ବିଭାଗ ଭାବେ ଉଭା ହୋଇଛି। ଭାରତୀୟ ତୀରନ୍ଦାଜମାନେ ୫ଟି ସ୍ୱର୍ଣ୍ଣ ସହ ଏକାଧିକ ପଦକ ଜିତିଛନ୍ତି। ୧୭ ବର୍ଷୀୟ କୁମ୍‌କୁମ୍ ମହୋଡ୍ ମହିଳା ବ୍ୟକ୍ତିଗତ ରିକର୍ଭରେ ସ୍ୱର୍ଣ୍ଣ ଜିତି ଐତିହାସିକ ସଫଳତା ହାସଲ କରିଛନ୍ତି। ଶୁଟିଂରେ ନୀରୁ ଧାଣ୍ଡାଙ୍କ ସ୍ୱର୍ଣ୍ଣ, ଲଭଲିନା ବୋର୍ଗୋହେନ୍, ପରବୀନ ହୁଡା ଓ ଅଙ୍କୁଶଙ୍କ ବକ୍ସିଂ ସ୍ୱର୍ଣ୍ଣ ମଧ୍ୟ ଭାରତର ପଦକ ତାଲିକାକୁ ସମୃଦ୍ଧ କରିଛି। ଗଲ୍ଫରେ ପ୍ରଣବୀ ଉର୍ସ ଭାରତୀୟ ମହିଳା କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ସେ ଏସିଆଡରେ ମହିଳା ବ୍ୟକ୍ତିଗତ ଗଲ୍ଫରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ଦେଇଛନ୍ତି। ଆଥଲେଟିକ୍ସରେ ୪x୪୦୦ ମିଟର ମହିଳା ରିଲେ ଦଳ ସ୍ୱର୍ଣ୍ଣ ଜିତିଥିବା ବେଳେ ଭାରତୀୟ ଆଥଲେଟମାନେ ମୋଟ ୨୪ଟି ପଦକ ଜିତିଛନ୍ତି। ଭାରୋତ୍ତୋଳନରେ ମୀରାବାଇ ଚାନୁଙ୍କ ରୌପ୍ୟ ମଧ୍ୟ ଭାରତର ଉଲ୍ଲେଖନୀୟ ସଫଳତା ମଧ୍ୟରେ ରହିଛି। ହେଲେ ଏହି ୮୫ ପଦକର ଯାତ୍ରା ସବୁ ଦିଗରୁ ସମାନ ଉଜ୍ଜ୍ୱଳ ନଥିଲା। ହାଙ୍ଗଝୋଉ ଏସିଆଡରେ ଭାରତ ୧୦୬ ପଦକ ଜିତିଥିବା ବେଳେ ଏଥର ସଂଖ୍ୟା ୮୫କୁ ହ୍ରାସ ପାଇଛି। ତଥାପି ଶେଷ ଦୁଇ ଦିନର ଜୋରଦାର ପ୍ରଦର୍ଶନ ଭାରତକୁ ଚତୁର୍ଥ ସ୍ଥାନରେ ପହଞ୍ଚାଇବା ସହ ଅନେକ ଐତିହାସିକ ସଫଳତା ଆଣିଛି।

**ମୋଟ: ୨୧ ସ୍ୱର୍ଣ୍ଣ + ୨୭ ରୌପ୍ୟ + ୩୭ କାଂସ୍ୟ = ୮୫ ପଦକ**

### ସ୍ୱର୍ଣ୍ଣ ପଦକ -୨୧

କ୍ର. - ଖେଳାଳି/ଦଳ ଇଭେଣ୍ଟ
୧ ଭାରତୀୟ ମହିଳା କ୍ରିକେଟ୍ ଦଳ ମହିଳା ଟି -୨୦
୨ କମଲଜିତ୍, ସୁରୁଚି ସିଂହ ଶୁଟିଂ, ୧୦ମି ଏୟାର ପିସ୍ତଲ ମିକ୍ସଡ୍ ଟିମ୍
୩ ଭାରତୀୟ ମହିଳା କବାଡ଼ି ଦଳ କବାଡ଼ି
୪ ଭାରତୀୟ ପୁରୁଷ କବାଡ଼ି ଦଳ କବାଡ଼ି
୫ ନୀରୁ ଧାଣ୍ଡା ଶୁଟିଂ, ମହିଳା ଟ୍ରାପ୍
୬ କିରଣ ପହଲ, ପୁଭାମ୍ପା ଏମ୍‌ଆର୍, ପ୍ରାଚୀ ଚୌଧୁରୀ, ବିଥ୍ୟା ରାମରାଜ ଆଥଲେଟିକ୍ସ, ୪x୪୦୦ମି
୭ ଜ୍ୟୋତି ସୁରେଖା ଭେନ୍ନମ୍, ପ୍ରିଥିକା ପ୍ରଦୀପ, ଚିକିଥା ତନିପର୍ଥି ତୀରନ୍ଦାଜି, ମହିଳା କମ୍ପାଉଣ୍ଡ ଟିମ୍
୮ ଚିକିଥା ତନିପର୍ଥି, ସାହିଲ ଯାଦବ ମିକ୍ସଡ୍ କମ୍ପାଉଣ୍ଡ
୯ କାୟନାନ୍ ଚେନାଇ, ନୀରୁ ଧାଣ୍ଡା ଶୁଟିଂ, ମିକ୍ସଡ୍ ଟ୍ରାପ୍
୧୦ ସାହିଲ ଯାଦବ, ଗଣେଶ ମଣି ରତ୍ନମ୍ ଥିରୁମୁରୁ, କୁଶଲ ଦଲାଲ ତୀରନ୍ଦାଜି, ପୁରୁଷ କମ୍ପାଉଣ୍ଡ ଟିମ୍
୧୧ ଅଙ୍କିତା ଭକତ, କୁମକୁମ୍ ମହୋଡ, କୀର୍ତ୍ତି ଶର୍ମା ମହିଳା ରିକର୍ଭ ଟିମ୍
୧୨ ଲଭଲିନା ବୋର୍ଗୋହେନ୍ ବକ୍ସିଂ, ୭୫ କେଜି
୧୩ ପରବୀନ ହୁଡା ବକ୍ସିଂ, ୬୫ କେଜି
୧୪ ଅଙ୍କୁଶ ପାଙ୍ଗହାଲ ବକ୍ସିଂ, ୮୦ କେଜି
୧୫ ସୁଜିତ କଲକଲ କୁସ୍ତି, ୬୫ କେଜି
୧୬ ଭାରତୀୟ ମହିଳା ହକି ଦଳ ହକି
୧୭ କୁମ୍କୁମ୍ ମହୋଡ ମହିଳା ବ୍ୟକ୍ତିଗତ ରିକର୍ଭ
୧୮ ପ୍ରଣବୀ ଉର୍ସ ଗଲ୍ଫ, ମହିଳା ବ୍ୟକ୍ତିଗତ
୧୯ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ପୁରୁଷ T20
୨୦ ଅମନ ସେହରାୱତ କୁସ୍ତି, ୫୭ କେଜି
୨୧ ଭାରତୀୟ ପୁରୁଷ ହକି ଦଳ ହକି

### ରୌପ୍ୟ ପଦକ -୨୭

ମୀରାବାଇ ଚାନୁ (ଭାରୋତ୍ତୋଳନ), ଏଲାଭେନିଲ୍ ଭାଲାରିଭାନ୍, ସୋନମ୍ ମାସ୍କର, ବିଦର୍ଶା ବିନୋଦ (ଶୁଟିଂ), ରୁଦ୍ରାକ୍ଷ ପାଟିଲ, ପାର୍ଥ ମାନେ, ହିମାଂଶୁ ଧିଲ୍ଲୋନ୍, ଗୁଲଭୀର ସିଂହ, ସାୱନ ବେରୱାଲ୍, ତାଜିନ୍ଦରପାଲ ସିଂହ ତୁର୍, ଅଭୟ ସିଂହ, ଅନାହତ ସିଂହ, ଅନ୍ନି ସୋଜନ୍, ସର୍ବେଶ କୁଶାରେ, ଈଶା ସିଂହ, ମୁରଲୀ ଶ୍ରୀଶଙ୍କର, ଯଶବୀର ସିଂହ, ନୀରୁ ଧାଣ୍ଡା-ମନୀଷା କୀର-ଆଶିମା ଅହଲାୱତ, ପ୍ରିନ୍ସ କୁରିସିଙ୍କାଲ ନୋବଲ-ମନୁ ଫ୍ରାନ୍ସିସ, ନୀତେଶ କୁମାର, କୁମ୍‌କୁମ୍ ମହୋଡ-ଧୀରଜ ବୋମ୍ମାଦେଭରା, ଧୀରଜ-ନୀରଜ ଚୌହାନ-ଯଶଦୀପ ଭୋଗେ ଏବଂ ପ୍ରଣବୀ ଉର୍ସ-ଅଦିତି ଅଶୋକ-ଦୀକ୍ଷା ଡାଗର।

### କାଂସ୍ୟ ପଦକ -୩୭

ରୁଦ୍ରାକ୍ଷ ପାଟିଲ, ସୁଚିକା ତାରିୟାଲ, ପରିନାଜ ଧାଲିୱାଲ-ରାଇଜା ଧିଲ୍ଲୋନ-ମହେଶ୍ୱରୀ ଚୌହାନ, ଅନନ୍ତଜିତ ସିଂହ ନାରୁକା-ଭବତେଘ ସିଂହ ଗିଲ-ମୈରାଜ ଅହମ୍ମଦ ଖାନ, ଜୟ ମୀନା, ଭାରତୀୟ ବ୍ୟାଡମିଣ୍ଟନ୍ ଦଳ, ସତନାମ ସିଂହ-ସଲମାନ ଖାନ, ଅନନ୍ତଜିତ-ପରିନାଜ, ସୀମା କୁମାରୀ, ଦିୟା ଚିତାଲେ-ମନୁଷ ଶାହ, ମନପ୍ରୀତ କୌର, ବାରାନିକା ଏଲାଙ୍ଗୋଭାନ୍, ଜୋଶ୍ନା ଚିନାପ୍ପା-ଭେଲାଭାନ୍ ସେନ୍ଥିଲକୁମାର, ପ୍ରାଚୀ ଚୌଧୁରୀ, ହରିତା ଭଦ୍ରା, ତେଜସ୍ୱିନ ଶଙ୍କର, ପାରୁଲ ଚୌଧୁରୀ, ପିଙ୍କି ବାଲହାରା, ବିଥ୍ୟା ରାମରାଜ, ରୋହିତ ଯାଦବ, ନରେନ୍ଦର ବେରୱାଲ, ଗୁଲଭୀର ସିଂହ, ଗୁରିନ୍ଦରଭୀର ସିଂହ-ସ୍ନେହା ଏସ୍‌ଏସ୍-ଅନିମେଶ କୁଜୁର-ହରିତା ଭଦ୍ରା, ପୂଜା ସିଂହ, ଧର୍ମବୀର ଚୌଧୁରୀ-ମନୁ ଟିଏସ୍-ଜୟ କୁମାର-ବିଶାଲ ଟିକେ, ପ୍ରିୟା ଘାଙ୍ଗାସ୍, କପିଲ ପୋଖରିୟା, ସୁନୀଲ କୁମାର, ଅନାହତ-ଜୋଶ୍ନା-ତନ୍ୱୀ ଖାନ୍ନା-ଶମୀନା ରିଆଜ, ହର୍ଷିତା ତୋମର-ଶୀତଲ ବର୍ମା, ନେଥ୍ରା କୁମାନନ୍, ଭାରତୀୟ ସେପାକ୍ଟାକ୍ର ଦଳ, ଗଣେଶ ମଣି ରତ୍ନମ୍ ଥିରୁମୁରୁ, ଅଭୟ ସିଂହ-ଭୀର ଚୋଟ୍ରାନି-ଭେଲାଭାନ୍-ସୁରଜ କୁମାର ଚାନ୍ଦ, ନୀରଜ ଚୌହାନ ଏବଂ ଦୀପକ ପୁନିଆ।

## ଇରାନୀ କପ୍ ଜିତିଲା ରେଷ୍ଟ ଅଫ୍ ଇଣ୍ଡିଆ



ଶ୍ରୀନଗର, ୪/୧୦(ଏଜେନ୍ସି) : ଅଧିନାୟକ ରଷଭ ପନ୍ତଙ୍କ ନେତୃତ୍ୱାଧୀନ ରେଷ୍ଟ ଅଫ୍ ଇଣ୍ଡିଆ ଇରାନୀ କପ୍ ୨୦୨୬-୨୭ ଜିତିଛି। ଶ୍ରୀନଗରରେ ଖେଳାଯାଇଥିବା ଫାଇନାଲରେ ରଣଜୀ ଟ୍ରଫି ବିଜେତା ଜମ୍ମୁ-କଶ୍ମୀରକୁ ୧୬୭ ରନରେ ପରାସ୍ତ କରି ରେଷ୍ଟ ଅଫ୍ ଇଣ୍ଡିଆ ଟ୍ରଫି ହାତେଇଛି। ଏହା ଇରାନୀ କପରେ ରେଷ୍ଟ ଅଫ୍ ଇଣ୍ଡିଆର ୩୧ତମ ଟାଇଟଲ ବିଜୟ। ଜିତିବା ପାଇଁ ୨୭୯ ରନର ଲକ୍ଷ୍ୟ ପାଇଥିବା ଜମ୍ମୁ-କଶ୍ମୀର ଦ୍ୱିତୀୟ ଇନିଂସରେ ମାତ୍ର ୧୧୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ରେଷ୍ଟ ଅଫ୍ ଇଣ୍ଡିଆର ବିଜୟର ମୁଖ୍ୟ ନାୟକ ଥିଲେ ଦ୍ରୁତ ବୋଲର ମୁକେଶ କୁମାର। ସେ ମାତ୍ର ୩୩ ରନ୍ ଦେଇ ୬ଟି ୱିକେଟ୍ ନେଇଥିଲେ। ତାଙ୍କୁ ଅନ୍ୟତମ ଦ୍ରୁତ ବୋଲର ଆକାଶ ଦୀପ ଭରପୂର ସହଯୋଗ କରିଥିଲେ। ଉଭୟ ବୋଲର ମିଶି ଜମ୍ମୁ-କଶ୍ମୀରର ୯ଟି ୱିକେଟ୍ ନେଇଥିଲେ। ମ୍ୟାଚରେ ରେଷ୍ଟ ଅଫ୍ ଇଣ୍ଡିଆ ପ୍ରଥମ ଇନିଂସରେ ୨୩୭ ରନ୍ କରିଥିବା ବେଳେ ଜମ୍ମୁ-କଶ୍ମୀର ୨୭୮ ରନ୍ କରି ୪୧ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ରେଷ୍ଟ ଅଫ୍ ଇଣ୍ଡିଆ ଦ୍ୱିତୀୟ ଇନିଂସରେ ୩୧୯ ରନ୍ କରି ଘରୋଇ ଦଳ ସମ୍ମୁଖରେ ୨୭୯ ରନର ଲକ୍ଷ୍ୟ ରଖିଥିଲା। ରେଷ୍ଟ ଅଫ୍ ଇଣ୍ଡିଆର ବ୍ୟାଟିଂରେ ଯୁବ ତାରକା ରବିଚନ୍ଦ୍ରନ ସ୍ମରଣଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ପ୍ରଥମ ଇନିଂସରେ ୬୮ ରନ୍ କରିବା ପରେ ଦ୍ୱିତୀୟ ଇନିଂସରେ ଚମତ୍କାର ୧୩୫ ରନ୍ କରିଥିଲେ। ତାଙ୍କ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଦଳକୁ ସଙ୍କଟରୁ ବାହାର କରି ବିଜୟର ରାସ୍ତା ଦେଖାଇଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ମଧ୍ୟ ସ୍ମରଣ ହୋଇଛନ୍ତି। ଅଧିନାୟକ ପନ୍ତ ନିଜେ ଏହି ମ୍ୟାଚରେ ବଡ଼ ଇନିଂସ୍ ଖେଳିପାରିନଥିଲେ। ପ୍ରଥମ ଇନିଂସରେ ସେ ୧୦ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ମାତ୍ର ୮ ରନ୍ କରିଥିଲେ। ଅସୁସ୍ଥତା କାରଣରୁ ମ୍ୟାଚର ଶେଷ ଦିନ ସେ ପଡ଼ିଆକୁ ଓହ୍ଲାଇନଥିଲେ। ତାଙ୍କ ସ୍ଥାନରେ ଆର୍ଯ୍ୟନ ଜୁୟାଲ୍ ୱିକେଟ୍ କିପିଂ ଦାୟିତ୍ୱ ନେଇଥିଲେ। ଜମ୍ମୁ-କଶ୍ମୀର ପ୍ରଥମ ଇନିଂସରେ ୪୧ ରନର ଅଗ୍ରଣୀ ହାସଲ କରିଥିବାରୁ ରେଷ୍ଟ ଅଫ୍ ଇଣ୍ଡିଆ ପାଇଁ ବିଜୟ ସହଜ ନଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ବୋଲରମାନେ ଲେନ୍ଥରେ ପରିବର୍ତ୍ତନ ଆଣି ଅଧିକ ଫୁଲର ବଲ୍ ପକାଇବାର ରଣନୀତି ଆପଣାଇଥିଲେ। ଏହାର ଫଳ ମିଳିଥିଲା ଏବଂ ମୁକେଶ-ଆକାଶ ଦୀପଙ୍କ ଘାତକ ବୋଲିଂରେ ଜମ୍ମୁ-କଶ୍ମୀରର ବ୍ୟାଟିଂ ଲାଇନ୍‌ଅପ୍ ଧରାଶାୟୀ ହୋଇଥିଲା। ଏହି ବିଜୟ ସହ ରେଷ୍ଟ ଅଫ୍ ଇଣ୍ଡିଆ ଇରାନୀ କପରେ ନିଜର ଆଧିପତ୍ୟ ଆହୁରି ମଜବୁତ କରିଛି। ଅନ୍ୟପକ୍ଷରେ ଐତିହାସିକ ଭାବେ ପ୍ରଥମ ଥର ରଣଜୀ ଟ୍ରଫି ଜିତିଥିବା ଜମ୍ମୁ-କଶ୍ମୀର ଇରାନୀ କପରେ ରନର୍ସଅପରେ ସନ୍ତୁଷ୍ଟ ହୋଇଛି।

## 'ନାରୀ ଶକ୍ତି'ରେ ମହିଳା ପଦକ ବିଜେତାଙ୍କୁ ସମ୍ମାନ

କୋଚି, ୪।୧୦(ସବ୍ୟୁ): ଭାରତୀୟ କ୍ରୀଡ଼ାରେ ମହିଳା କ୍ରୀଡ଼ାବିତଙ୍କ ଅବଦାନ ଓ ସଫଳତାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ କେରଳର ବିଶିଷ୍ଟ କ୍ରୀଡ଼ା ଇତିହାସବିତ ଡ. ବଶିଷ୍ଠ ଦୁଇଟି ବ୍ରୋଚର୍ ପ୍ରକାଶ କରିଛନ୍ତି। 'ନାରୀ ଶକ୍ତି–ଏ ଟ୍ରିବ୍ୟୁଟ୍ ଟୁ ଇଣ୍ଡିଆନ୍ ଓମେନ୍ ମେଡାଲ୍ ୱିନର୍ସ ଅଫ୍ ଏସିଆନ୍ ଗେମ୍ସ ଆଣ୍ଡ କମନ୍‌ୱେଲ୍ଥ ଗେମ୍ସ' ଶୀର୍ଷକରେ ପ୍ରସ୍ତୁତ ଏହି ଦୁଇ ବ୍ରୋଚର୍ରେ ଏସିଆନ୍ ଗେମ୍ସ ଓ କମନ୍‌ୱେଲ୍ଥ ଗେମ୍ସରେ ଭାରତ ପାଇଁ ପଦକ ଜିତିଥିବା ମହିଳା କ୍ରୀଡ଼ାବିତଙ୍କ ଫଟୋ ସହ ସେମାନଙ୍କ ସଫଳତାର ତଥ୍ୟ ସ୍ଥାନ ପାଇଛି। ମାଲାବାର ଖ୍ରୀଷ୍ଟିଆନ୍ କଲେଜର ଅବସରପ୍ରାପ୍ତ ପ୍ରଫେସର ଡ. ବଶିଷ୍ଠ ଜଣେ କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ା ଲେଖକ ଭାବେ ଦୀର୍ଘଦିନ ଧରି କ୍ରୀଡ଼ା ଇତିହାସ ଓ କ୍ରୀଡ଼ାବିତଙ୍କ ସଫଳତାକୁ ଲେଖା ମାଧ୍ୟମରେ ସାମ୍ନାକୁ ଆଣିଆସୁଛନ୍ତି। ତାଙ୍କର ଏହି ନୂଆ ପ୍ରୟାସ ଭାରତୀୟ ମହିଳା କ୍ରୀଡ଼ାବିତଙ୍କ ଉପଲବ୍ଧିକୁ ଲିପିବଦ୍ଧ କରିବା ସହ ଏହାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାର ଏକ ପ୍ରୟାସ। ୨୦୨୬ ଏସିଆନ୍ ଗେମ୍ସରେ ଶୁଟିଂରେ ଦୁଇଟି ରୌପ୍ୟ ପଦକ ଜିତିଥିବା ଭିଦର୍ଶା ବିନୋଦ ଏହି ଦୁଇ ବ୍ରୋଚର୍ର ଉନ୍ମୋଚନ କରିଥିଲେ। ସେ ମହିଳା ୧୦ ମିଟର ଏୟାର ରାଇଫଲ୍ ଏବଂ ୫୦ ମିଟର ରାଇଫଲ୍ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ମହିଳା କ୍ରୀଡ଼ାବିତଙ୍କ ସଫଳତାକୁ ସମ୍ମାନ ଦେବା ସହ 'ସ୍ପୋର୍ଟ୍ସ ଫର୍ ନ୍ୟାସନାଲ୍ ଇଣ୍ଟିଗ୍ରେସନ୍' ବା ଜାତୀୟ ଏକତା



ପାଇଁ କ୍ରୀଡ଼ାର ବାର୍ତ୍ତାକୁ ଆଗକୁ ନେବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ। ଦେଶର ମହିଳା କ୍ରୀଡ଼ାବିତଙ୍କ ସଂଘର୍ଷ, ସଫଳତା ଓ ପଦକ ଯାତ୍ରା ସମ୍ପର୍କିତ ଏହି ତଥ୍ୟ ଯୁବପିଢ଼ି, ବିଶେଷକରି ଝିଅମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବ ବୋଲି ଆଶା କରାଯାଉଛି।

## ନୃସିଂହ ମିଶ୍ର ସ୍ମାରକୀ ସ୍କୁଲ ଚେସ୍ ସାର୍ଥକ ବିଜେତା

ଭୁବନେଶ୍ୱର, ୪।୧୦(ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ପଞ୍ଚମ ନୃସିଂହଚରଣ ମିଶ୍ର ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ସେଣ୍ଟ୍ ଜୋସେଫ୍ ହାଇସ୍କୁଲର ଛାତ୍ର ସାର୍ଥକ ବାରିକ ସମସ୍ତ ୪ ଟି ଯାକ ରାଉଣ୍ଡରେ ବିଜୟ ଲାଭ କରି ଚାମ୍ପିଅନ ହୋଇଛନ୍ତି। ଭୁବନେଶ୍ୱର ମଡେଲ ଇ ଏମ୍ ସ୍କୁଲର ଆଦଭିକ୍ ମହାନ୍ତି ଦ୍ୱିତୀୟ, ବିଜେ ଇଏମର ମୟଙ୍କ ଶେଖର ବଳ ତୃତୀୟ ଓ ସାଇକୃଷ୍ଣା ସାମଲ ଚତୁର୍ଥ ତଥା କେନ୍ଦ୍ରୀୟ ବିଦ୍ୟାଳୟ ୧ ର ସ୍ୱସ୍ତିତ ତ୍ରିପାଠୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବିଭିନ୍ନ ବୟସ ବର୍ଗ ଯଥା, ୭, ୯, ୧୧, ୧୩ ଏବଂ ବାଳିକା ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଆର୍ଯ୍ୟନ ଦାଶ, ମୋହିତ ଅଭିଶେକ ମହାନ୍ତି ଓ ଅର୍ପିତ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲ ଭାଇସ୍ ପ୍ରିନ୍ସପାଲ ପ୍ରବୋଧ କୁମାର ମିଶ୍ର, ଓଡିଶା ରାଜ୍ୟ ଚେସ୍ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ରୟାଲ ପବ୍ଲିକ୍ ସ୍କୁଲର ଭାଇସ୍ ପ୍ରିନ୍ସପାଲ ପ୍ରଜ୍ଞାପରମିତା ସାହୁ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



## ରଣଜୀ ଟ୍ରଫି ପାଇଁ ରେଳବାଇ କ୍ରିକେଟ୍ ଦଳ ଚୂଡ଼ାନ୍ତ

ଜଟଣୀ, ୪।୧୦(ସବ୍ୟୁ) : ଖୋର୍ଦ୍ଧାରୋଡ ମଣ୍ଡଳ ଅଧୀନସ୍ଥ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ୍ ଆସୋସିଏସନ୍ ପକ୍ଷରୁ ଖୋର୍ଦ୍ଧାରୋଡ ରେଳବାଇ ଷ୍ଟାଡିୟମ୍ରେ ଭାରତୀୟ ରେଳ ପୁରୁଷ କ୍ରିକେଟ୍ ଦଳର ଚୟନ ପ୍ରକ୍ରିୟା ଓ ପ୍ରଶିକ୍ଷଣ ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ଚୟନିତ ଖେଳାଳିମାନଙ୍କୁ ଉତ୍ସାହିତ କରିବା ଓ ତାଙ୍କର ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଷ୍ଟାଡିୟମ୍ ପରିସରରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା। ଖୋର୍ଦ୍ଧାରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ଚୟନିତ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। ଏହି ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ/ଇନଫ୍ରା ରାଜଧାରୀ ଯାଦବ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ତଥା ମଣ୍ଡଳ କ୍ରୀଡ଼ା ଅଧିକାରୀ ଅନିଲ କୁମାର ଏସ୍., ବରିଷ୍ଠ ମଣ୍ଡଳ ଇଞ୍ଜିନିୟର/ସମନ୍ୱୟ ପଙ୍କଜ ନାଗୱାନୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ। ଡି. ସୁନୀଲ ଚୟନିତ ଖେଳାଳିମାନଙ୍କୁ ଆଗାମୀ ରଣଜୀ ଟ୍ରଫି ପାଇଁ ଶୁଭେଚ୍ଛା ଜଣାଇବା ସହ ଦଳର ସଫଳତା ପାଇଁ ଉତ୍ସାହ ଓ ଆତ୍ମବିଶ୍ୱାସର ସହ ଖେଳିବାକୁ ପ୍ରେରଣା ଦେଇଥିଲେ। ସେ ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ କ୍ରୀଡ଼ା ପ୍ରତିଭାର ବିକାଶ ଓ ପ୍ରୋତ୍ସାହନ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ରଣଜୀ ଟ୍ରଫିରେ ଅଂଶଗ୍ରହଣ ପାଇଁ ଚୂଡ଼ାନ୍ତ ଦଳ ଖୁବଶୀଘ୍ର ଯାତ୍ରା କରିବ। ଭାରତୀୟ ରେଳ ଦଳ ଆସନ୍ତା ୧୧ ଅକ୍ଟୋବର ୨୦୨୬ରେ ଉତ୍ତରାଖଣ୍ଡ ବିପକ୍ଷରେ ଉତ୍ତରାଖଣ୍ଡରେ ନିଜର ପ୍ରଥମ ରଣଜୀ ଟ୍ରଫି ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ।



## ଡିସେମ୍ବର ୧୩ରେ ଓଏମସି ପୁରୀ କୋଷ୍ଟାଲ ମାରାଥନ୍

ଭୁବନେଶ୍ୱର, ୪/୧୦(ସବ୍ୟୁ) : କ୍ରୀଡ଼ା, ସୁସ୍ଥ ଜୀବନଶୈଳୀ ଓ ପର୍ଯ୍ୟଟନକୁ ଏକାଠି କରି ଓଡ଼ିଶାକୁ ଦେଶର ପ୍ରମୁଖ ସ୍ପୋର୍ଟ୍ସ ଟୁରିଜମ୍ ଗନ୍ତବ୍ୟରେ ପରିଣତ କରିବା ଲକ୍ଷ୍ୟରେ ଆଉ ଏକ ବଡ଼ ପଦକ୍ଷେପ ନେଇଛି ରାଜ୍ୟ ସରକାର। ଆସନ୍ତା ଡିସେମ୍ବର ୧୩ରେ ପୁରୀରେ ଆୟୋଜିତ ହେବାକୁ ଥିବା 'ଓଏମ୍ସି ପୁରୀ କୋଷ୍ଟାଲ ମାରାଥନ୍-୨୦୨୬'ର ଭିଜନ୍ ଓ ପ୍ରସ୍ତୁତି ସମ୍ପର୍କରେ ରବିବାର ଭୁବନେଶ୍ୱରର ମେଫେୟାର ସାଙ୍କଚୁଆରୀରେ ଚାଲିଥିବା ଓଡ଼ିଶା ଟ୍ରାଭେଲ ବଜାର ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମାରାଥନ୍ର ବିଭିନ୍ନ ଦିଗ ଉପସ୍ଥାପିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ, କ୍ରୀଡ଼ା ଲୋକଙ୍କୁ ପ୍ରେରଣା ଦେବା, ଏକତ୍ର କରିବା ଓ ଜୀବନରେ ପରିବର୍ତ୍ତନ ଆଣିବାର ଏକ ଶକ୍ତିଶାଳୀ ମାଧ୍ୟମ। ପୁରୀ କୋଷ୍ଟାଲ ମାରାଥନ୍ ମାଧ୍ୟମରେ ଫିଟନେସ୍, ସୁସ୍ଥ ଜୀବନ ଓ କ୍ରୀଡ଼ା ଉତ୍କର୍ଷକୁ ବ୍ୟାପକ ମଞ୍ଚ ଦିଆଯାଉଛି। ପର୍ଯ୍ୟଟନ ଓ ସାଂସ୍କୃତିକ ପରିଚୟ ସହ



ଓଡ଼ିଶାକୁ ଏକ ଅଗ୍ରଣୀ କ୍ରୀଡ଼ା ଗନ୍ତବ୍ୟରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ଏହା କେବଳ ଏକ ମାରାଥନ୍ ନୁହେଁ, ବରଂ ଫିଟନେସ୍ ଓ ସୁସ୍ଥ ଜୀବନଶୈଳୀ ପାଇଁ ଏକ ବ୍ୟାପକ ଅଭିଯାନ। ପୁରୀର ଆକର୍ଷଣୀୟ ସମୁଦ୍ରତଟ ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ କ୍ରୀଡ଼ା ଓ ପର୍ଯ୍ୟଟନକୁ ଯୋଡ଼ିବା ପାଇଁ ଉତ୍କୃଷ୍ଟ ମଞ୍ଚ ବୋଲି ସେ କହିଥିଲେ। ଦେଶ ଓ ବିଦେଶର ଧାବକମାନଙ୍କୁ ପୁରୀ ଆସି ଓଡ଼ିଶାର କ୍ରୀଡ଼ା ଭାବନାକୁ ଅନୁଭବ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲେ ଭାରତର ପ୍ରଥମ ଏକଦିବସୀୟ ବିଶ୍ୱକପ୍ ବିଜୟୀ ଦଳର ଅଧିନାୟକ ତଥା ପଦ୍ମଭୂଷଣ କପିଲ ଦେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା, ବିଶେଷକରି ହକି ପ୍ରତି ସମର୍ଥନକୁ ପ୍ରଶଂସା କରିବା ସହ ମାରାଥନ୍ ଭଳି ପଦକ୍ଷେପକୁ ସେ ସ୍ୱାଗତ କରିଥିଲେ। ଜଣେ କ୍ରୀଡ଼ାବିତଙ୍କ ପାଇଁ ଦୌଡ଼ିବା ଓ ଫିଟ୍ ରହିବା ଅତ୍ୟନ୍ତ ଜରୁରୀ ବୋଲି କହି କପିଲ ଦେବ ଭବିଷ୍ୟତରେ ଓଡ଼ିଶା ପର୍ଯ୍ୟଟନ ସହ କ୍ରୀଡ଼ା ପାଇଁ ମଧ୍ୟ ପରିଚିତ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ୨୦୨୬ ଏସିଆନ୍ ଗେମ୍ସରେ ପୋଲ୍ ଭଲ୍ଟରେ ଭାରତ ପାଇଁ ପ୍ରଥମ ପଦକ ଜିତିଥିବା ବାରାନିକା ଏଲାଙ୍ଗୋଭାନ୍ ଓ ୨୦୦ ମିଟର ଦୌଡ଼ର ଭାରତୀୟ ଜାତୀୟ ରେକର୍ଡଧାରୀ ଅନିମେଶ କୁଜୁରଙ୍କୁ ସମ୍ମାନିତ କରାଯାଇଥିଲା। ମାରାଥନ୍ର ମାଷ୍ଟର ଭିଡିଓ ସହ ଏହାର ଭିଜୁଆଲ୍ ପରିଚୟ, ଅଫିସିଆଲ୍ ମେଡାଲ୍ ଓ ଜର୍ସିର ଡିଜାଇନ୍ ମଧ୍ୟ ଉନ୍ମୋଚନ କରାଯାଇଥିଲା। ବିଶେଷ ଫଟୋ ସେସନରେ କ୍ରୀଡ଼ାବିତ୍ ଓ ବିଭିନ୍ନ ଅଂଶୀଦାର ସାମିଲ ହୋଇଥିଲେ। ବାଲି ଓ ରୋଡ୍- ଉଭୟ ପଥରେ ଦୌଡ଼ିବାର ସୁଯୋଗ ଦେଉଥିବା ଭାରତର ଏକମାତ୍ର ମାରାଥନ୍ ଭାବେ ଏହାକୁ ପ୍ରସ୍ତୁତ କରାଯାଉଛି। ମୋଟ ୧ କୋଟି ଟଙ୍କାର ପୁରସ୍କାର ରାଶି ଥିବା ଏହି ମାରାଥନରେ ଦେଶବିଦେଶର ଧାବକଙ୍କ ଅଂଶଗ୍ରହଣ ଆଶା କରାଯାଉଛି। ପୁରୀର ସମୁଦ୍ରତଟ, ଆଧ୍ୟାତ୍ମିକ ଐତିହ୍ୟ, ସଂସ୍କୃତି ଓ ଆତିଥେୟତାକୁ ବିଶ୍ୱସ୍ତରରେ ପହଞ୍ଚାଇବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ। ସେପ୍ଟେମ୍ବର ୨୭ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ପ୍ରୋମୋ ରନ୍ ପରେ ଏହି ମାରାଥନ୍ ପ୍ରତି ଉତ୍ସାହ ବଢ଼ିଛି। ଡିସେମ୍ବର ୧୩ରେ ପୁରୀରେ ହେବାକୁ ଥିବା ମାରାଥନ୍ କ୍ରୀଡ଼ା, ଫିଟନେସ୍ ଓ ପର୍ଯ୍ୟଟନକୁ ଏକ ସୂତ୍ରରେ ବାନ୍ଧିବା ସହ ଓଡ଼ିଶାର କ୍ରୀଡ଼ା ପର୍ଯ୍ୟଟନକୁ ନୂଆ ପରିଚୟ ଦେବ ବୋଲି ଆଶା କରାଯାଉଛି।

ସମୟ | ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod | IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି